
# ଏ ଦିଗ ସେ ଦିଗ



ସହଦେବ ସାହୁ

# ଏ ଦିଗ | ସେ ଦିଗ

ସହଦେବ ସାହୁ

ଓଡ଼ିଶା ବୁକ୍ ଷ୍ଟୋର

# ଏ ଦିଗ ସେ ଦିଗ

( ଗଳ୍ପ ସଂକଳନ )

ଲେଖକ :
**ଶ୍ରୀ ସହଦେବ ସାହୁ**
ରେଭେନ୍ୟୁ ଡିଭିଜନାଲ କମିଶନର
( ଉତ୍ତରାଞ୍ଚଳ ) ସମ୍ବଲପୁର

ପ୍ରକାଶକ :
**ଶ୍ରୀ ଗୋବର୍ଦ୍ଧନଚରଣ ପାତ୍ର**
ଓଡ଼ିଶା ବୁକଷ୍ଟୋର
କଟକ-୭୫୩୦୦୨

ପ୍ରଥମ ସଂସ୍କରଣ-୧୯୮୩

ମୁଦ୍ରଣ :
ଗୁରୁପ୍ରସନ୍ନ ପ୍ରେସ
ଝୋଲସାହି ( ନଉ କଲେଜ )
କଟକ-୭୫୩୦୦୧

ମୂଲ୍ୟ : **ଦଶଟଙ୍କା ମାତ୍ର**

**AE DIGA**
**SE DIGA**

*Story Collection* :

By **S. Sahu**
R. D. C , Sambalpur

*Published by*
**G. C. Patra**
Orissa Book Store
Binodbehari
Cuttack-753002

Price : **Rs.10/-**

## ମୋ ଗଳ୍ପ

ଲେଖିବା ହିଁ ଲେଖିବାର ଆଗ୍ରହ ବଢ଼ାଏ । 'ପାଞ୍ଚଜନ୍ୟ'ର ସମ୍ପାଦକ ଶ୍ରୀଯୁକ୍ତ ଦୁର୍ଗାଚରଣ କୁଅଁର ଲେଖାଲେଖି କରିବାକୁ ଏମିତି ତାଗିଦ କଲେ ଯେ, ଗଳ୍ପ ଲେଖିବା ମୋର ଗୋଟିଏ ନିଶା ହୋଇଗଲା । ଆଗରୁ ମଝିରେ ମଝିରେ ଗଳ୍ପ ଲେଖୁଥିଲି, କିନ୍ତୁ ଆଗ୍ରହ ବଢ଼ୁ ନ ଥିଲା । ଶ୍ରୀଯୁକ୍ତ କୁଅଁରଙ୍କ ସରଳ ଉପଦେଶ ମୋତେ ଆଗେଇ ନେଲା । ଯାହା ଦେଖୁଛ, ତାହା ଲେଖ । ମୁଁ ଦେଖିଲି ପ୍ରତ୍ୟେକ ମଣିଷର ଦୁଇଟି ଦିଗ । ଗୋଟିଏ ଦିଗ—ଆମେ ଭାବୁ ଲୋକଟା କିପରି ହେବା ଉଚିତ । ଅନ୍ୟ ଦିଗ—ଲୋକଟା କାର୍ଯ୍ୟକ୍ଷେତ୍ରରେ କ'ଣ କରେ ।

ଏମିତି କେତେ ଗୁଡ଼ିଏ ଗଳ୍ପ ବାଛି ମୁଁ ଏ ସଙ୍କଳନଟିକୁ ତିଆରି କରିଛି । ଗଳ୍ପଗୁଡ଼ିକର ବିଷୟ ବା ଚରିତ୍ର ଯଦି କୌଣସି ଘଟଣା ବା ବ୍ୟକ୍ତିବିଶେଷର କାର୍ଯ୍ୟକଳାପ ସହିତ ମେଳ ଖାଇଯାଏ, ତାହା ସମ୍ପୂର୍ଣ୍ଣ ଆକସ୍ମିକ ବୋଲି ପାଠକମାନେ ଭାବିବେ ବୋଲି ମୋର ଅନୁରୋଧ । କାହାରିକୁ ଲକ୍ଷ୍ୟକରି ଗଳ୍ପ ଲେଖା ହୋଇନାହିଁ । ବିନ୍ଦୁଏ ସତ୍ୟ ସହିତ ସମୁଦ୍ରେ କଳ୍ପନା ମିଶିଛି । ସମୁଦ୍ର ଭିତରେ ବିନ୍ଦୁଟାକୁ ଖୋଜି ପାଠକମାନେ କ୍ଳାନ୍ତ ହେବେ ନାହିଁ ବୋଲି ମୋର ଆଶା ।

ଏ ସଙ୍କଳନରେ ଥିବା ଗଳ୍ପଗୁଡ଼ିକ ବିଭିନ୍ନ ପତ୍ରପତ୍ରିକା ତଥା ଆକାଶବାଣୀ ଜରିଆରେ ପ୍ରସାରିତ ହୋଇଛି । ଗୋଟିଏ ଅଧେ ଗଳ୍ପ, ଯଥା "ଗଉରକେଲ୍ଲ" ହିନ୍ଦୀ ଭାଷାରେ ଅନୁବାଦ ହୋଇ ପ୍ରକାଶ ପାଇଛି । ଏ ଅବସରରେ ମୁଁ ସେ ସମସ୍ତ ପତ୍ରିକାର ସମ୍ପାଦକ ଏବଂ ଆକାଶବାଣୀ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଉଛି ।

ଲେଖିବାର ଆଗ୍ରହକୁ ବଢ଼ାଇବା ପାଇଁ ପାଠକମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ମତାମତ ପାଇଲେ ମୁଁ ମୋର ଭବିଷ୍ୟତ ସୃଷ୍ଟିକୁ ରୂପାୟନ କରିବାରେ ଉଚିତ ପନ୍ଥା ବାଛିନେଇ ପାରିବି—ଏହି ଉଦ୍ଦେଶ୍ୟରେ ଏ ସଂକଳନଟି ସେମାନଙ୍କ ହାତରେ ଥୋଉଛି ।

—ଲେଖକ

ମୋର ସହଧର୍ମିଣୀ

**ସୁମିତ୍ରା**

ଯାହାଙ୍କ ମଧୁ-ତିକ୍ତ ସମାଲୋଚନା

ଗଳ୍ପଗୁଡ଼ିକୁ ସରସ କରିଛି ।......

## ଏଥିରେ ଅଛି :


| | | |
|---|---|---|
| ଆତ୍ମାର ମୃତ୍ୟୁ | ॥ | ୧ |
| ବୁଦ୍ଧିର ବୃତ୍ତ | ॥ | ୧୦ |
| ରାଉରକେଲା | ॥ | ୧୬ |
| ଦ୍ୱାର ବନ୍ଦ | ॥ | ୨୮ |
| ଶ୍ରୀମନ୍ତ୍ରୀଙ୍କ ସ୍ତୂପ | ॥ | ୩୮ |
| ଖବର | ॥ | ୪୪ |
| ପ୍ରାକୃତିକ ବିପର୍ଯ୍ୟୟ | ॥ | ୫୩ |
| ମାଲଖାନା | ॥ | ୬୫ |
| ଗୋଲମାଲ | ॥ | ୭୫ |
| ଦ୍ୱିତୀୟ ମୃତ୍ୟୁ | ॥ | ୮୪ |

# ଆତ୍ମାର ମୃତ୍ୟୁ

ଜେନେରାଲ ମ୍ୟାନେଜର ଯେ ଖୁସି ନୁହନ୍ତି, ତାଙ୍କ ମୁହଁରୁ ଜଣା ଯାଉଥିଲା । 'ବସ' ବୋଲି ସେ କହିଲେ ବି ଦାସ ବସୁନଥାନ୍ତି । ଠିଆ ରହିବାରେ ସେ ଅଟଳ, ଯେମିତି ସେ ତାଙ୍କ ମତରେ ଅଟଳ । ଜି.ଏମ୍. କହିଲେ "ଗୁଜରାଟରୁ ପୁରାପୁରି କାଢ଼ ନାହିଁ ।"

ଦାସ କହିଲେ, "ନାଇଁ ସାର୍, ସେ ଖୁବ୍ ବଦମାସ । ତା ଲାଗି ଡିପାର୍ଟମେଣ୍ଟରେ ଶୃଙ୍ଖଳା ନାହିଁ । ଅନ୍ୟମାନଙ୍କଠାରୁ କାମ ଆଦାୟ କରିବି କିପରି ?"

"କାହିଁକି, ଶାସ୍ତି ଦେବା ମାନେ କ'ଣ ଖାଲି ଗୁଜରାଟ ନେବା ? ଇନ୍‌କ୍ରିମେଣ୍ଟ ବନ୍ଦ କରି ଦେଉନ ? ବେଶୀ ହେଲେ ଡିଗ୍ରେଡ୍ କରି ମୂଳ ଦରମାରେ ଫିକ୍ସ କରି ଦେଉନ ?"

ଜେନେରାଲ ମ୍ୟାନେଜରଙ୍କ କଥା ଦାସଙ୍କ ମୁଣ୍ଡରେ ପଶିଲା ନାହିଁ । ସେ କହିଲେ, " ନାହିଁ ସାର, ସେ ଗୁଜରାଟରେ ରହିଲେ ମୁଁ ଆପଣଙ୍କୁ ରିଜଲ୍ଟ ଦେଖାଇ ପାରିବି କିପରି ? ଆପଣ ଜାଣିନାହାନ୍ତି ସାର୍, ସେ କ'ଣ କରେ ! କାମ ଉପରେ ପିଇକି ମାତାଲ । ମେସିନ କ'ଣ ହେଲା, ଉତ୍ପାଦନ କିପରି ହେଉଛି, ଏ ବିଷୟରେ ଖାତିର ନାହିଁ ।

ଜି. ଏମ୍. ଟିକେ ନଇମ ଗଳାରେ କହିଲେ, ଆରେ ବାବୁ; ଏମିତି ତ କେତେ ଶ୍ରମିକ କରୁଛନ୍ତି । ଅଧିକାଂଶ ଆଦିବାସୀ କର୍ମଚ୍ୟୁତି ଦରମା ପାଇବାର ଆଠ ଦଶ ଦିନ ଯାଏ ଏମିତି ହୁଅନ୍ତି ।

ସାର୍, ଆଦିବାସୀଙ୍କ କଥା ଦୋସର । ସେମାନେ କମେଇ କରନ୍ତି ସତ, କିନ୍ତୁ ଅନ୍ୟଶ୍ରମିକ ମାନଙ୍କୁ ଶିଖାନ୍ତିନାହିଁ । ଏ ମହାନ୍ତି ତ କାରଖାନା ଟାକୁ ନିଜ ଘର ଭାବି ନେଇଛି । ଏଇଠି ମିଟିଂ କରିବ । କେନ୍ଦ୍ର ନେତା ସହରକୁ ଆସିଲେ, ଏଇଠିକାର ଶ୍ରମିକମାନଙ୍କୁ ଧମକଚମକ ଦେଇ ନେଇ ଯିବ । ଅଫିସରମାନେ ଡରମରି ତାକୁ ଆଟେଣ୍ଡାନ୍ସ ଦେଇଦେଉଛନ୍ତି ।

ଦାସ, ଶୁଣ ! ଆଜିକାଲି ଗଣତନ୍ତ୍ର ଯୁଗ । ସକାଳୁ ଦାନ୍ତଘଷିବା ଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସବୁଠି ରାଜନୀତି । ରାଜନୀତି କରିବା ଗୋଟିଏ ଅଧିକାର । ଏ ତ ସମସ୍ତଙ୍କପାଇଁ । ମହାନ୍ତି ଏମିତି ଥରେ ଅଧେ କଲି ତ ବେଶୀ କ'ଣ ଗୋଟେ କଲି ?

ପ୍ରତିବାଦ କରି ଦାସ ଟିକେ ଉଚ୍ଚ ସ୍ୱରରେ କହିଲେ, "ଥରେ ଅଧେ ନୁହେଁ ସାର୍ । ସେଦିନ ପରି ଜେନା ରାଜି ହେଲିନାହିଁ ବୋଲି ତାକୁ ମାଡ଼ ମାରି ଜଖମ କରିଦେଲା । ସେ ଗୁଡ଼ାଏ ଗୁଣ୍ଡା ରଖିଛି ସାର୍, ଗୁଣ୍ଡା ।"

ନିଜେ ଯେ ରାଗରେ ଥରୁଛନ୍ତି, ଜାଣିପାରି ଦାସ ଟିକେ ଥମିଗଲେ ।

"ଆରେ ମୁଁ ତାକୁ କ'ଣ ଛାଡ଼ିଦେବି ବୋଲି କହୁଛି ? କିନ୍ତୁ ଏତେବଡ଼ ଶାସ୍ତିଟା ଦେବା କ'ଣ ଭଲ ହେବ ?"

ଦାସ ହଲଚଲ ନହୋଇ ଠିଆ ହୋଇ ରହିଲେ ।

ଜି. ଏମ୍. ପୁଣି କହିଲେ, "ତୁମେତ ଜାଣ, ୟୁନିଅନର ସେ ଜଣେ ସକ୍ରିୟ ସମ୍ପାଦକ । ତା' ଚାକିରି ଗଲେ ୟୁନିଅନ ଆମକୁ ଶାନ୍ତି ଦେବନି ! ତୁମେ ଟିକେ ଧୀରେ ସୁସ୍ଥେ ଭାବି ନିଅ । ମୁଁ ଯାହା କହୁଛି ଠିକ୍ ବୋଲି ତମେ ବି କହିବ ।

ଜି. ଏମ୍. ଭାବିଥିଲେ, ଏସବୁ କହିବା ପରେ ଦାସ ବୁଝିଯିବେ ।
କିନ୍ତୁ ସେ ଓଲଟା କହିଲେ, "ନା, ଆପଣ ଠିକ୍ କହୁନାହାନ୍ତି ।"

ପ୍ରତି ଟି ଶବ୍ଦ ଯେପରି ଦାସଙ୍କ ମିଜାଜରେ ପଶିବ, ସେମିତି ଯୋର ଦେଇ ଜେନେରାଲ ମ୍ୟାନେଜର କହିଲେ, "ତୁମେତ ଜାଣିଥିବ, ସେ ଶାସକ ଦଳର ଜଣେ ସ୍ଥାନୀୟ ନେତା । ଶାସକ ଗୋଷ୍ଠି ୟୁନିଅନର ଜଣେ ସମ୍ପାଦକ । ପୁଣି ତାଙ୍କ କଳା ଯନ୍ତ ଏଥିରେ ହାତ ପୂରାନ୍ତି......"
ଏତକ କହି ସେ ଅଟକି ଗଲେ ।

ମହାନ୍ତିର କଳା ସ୍ଥାନୀୟ ଲୋକପ୍ରତିନିଧି । ରୁଆବ୍ ଖୁବ୍ ବେଶୀ । ମନ୍ତ୍ରୀମାନଙ୍କୁ ହାତ ମୁଠାରେ ରଖିଛନ୍ତି । ତାଙ୍କ କଥା ଅନ୍ୟଥା ହେଲେ ବଡ଼ ବଡ଼ ଅଫିସର ମାନେ ଅନ୍ୟତ୍ର ଯିବାକୁ ବାଧ୍ୟ ହୁଅନ୍ତି । ତାଙ୍କ ନାଁ ଶୁଣିଲେ ଦାସ ତାଙ୍କ ମତ ବଦଳାଇବେ, ଏହା ଭାବି ଜି. ଏମ୍. ଏତକ କହିଲେ ।

କିନ୍ତୁ ଦାସ ପୂର୍ବଭଳି ବେଖାତିର । ସେ କହିଲେ, 'ମୁଁ ସବୁ ଜାଣେ' । ଦାସ ମନେ ମନେ ଭାବୁଥିଲେ, "ତୁମେ ନିଜକୁ ରକ୍ଷା କରିବାକୁ ଚାହୁଁଛ ତ ସାର୍ ! ରକ୍ଷା କର । ମୁଁ କିନ୍ତୁ ଏତେ ଭୀରୁ ନୁହେଁ ।"

ସେଦିନ ଘରକୁ ଫେରିବା ବାଟରେ ଦାସଙ୍କ ମୁଣ୍ଡରେ ନାନା ପ୍ରକାର ଚିନ୍ତା ପଶିଲା । ଅଧସ୍ତନ କର୍ମଚାରୀଙ୍କୁ ଶାସ୍ତି ଦେବା ସାଧାରଣ କଥା ବୋଲି ସେ ଜାଣିଥିଲେ । ଏଥିରେ ପୁଣି ଏତେ ଅନର୍ଥ କାହାରିକି, ତାହା ତ ଭାବି ନଥିଲେ ? ରାଜନୈତିକ ଚାପରେ ତାଙ୍କୁ ହଇରାଣ କରାଯାଇ ପାରେ, ଚାକିରି ନିଆଯାଇପାରେ, ଏହି ଚିନ୍ତା ତାଙ୍କୁ ଅସ୍ତବ୍ୟସ୍ତ କରିଦେଲା । ପର ମୁହୂର୍ତ୍ତରେ ସେ ସାହସ ବାନ୍ଧିଲେ । ଯାହା ହେବ ଦେଖିବି । ନହେଲେ ଇସ୍ତଫା ଦେଇ ଅନ୍ୟ କମ୍ପାନୀକୁ ଚାଲିଯିବି । ପିଲାମାନେ ତ କଲେଜରେ ପଢ଼ିଲେଣି । ହଷ୍ଟେଲରେ ରହିଯିବେ । ଅସୁବିଧା ପାଇଁ ମୁଁ କ'ଣ ମୋ ନୀତି ବଦଳାଇବି ? ମୁଣ୍ଡ ନୁଆଁଇବି ? ନାଁ ନାଁ, କେହି ନା କେହି ତ ଏ ଅନୀତି ବିରୁଦ୍ଧରେ ମୁଣ୍ଡ ଟେକିବ ? ମୁଁ ଅଟଳ

ରହିବ । ଦାସ ଭାବିଲେ, ଅନ୍ତତଃ ଥରକ ପାଇଁ ସେ ଗୋଟିଏ ଭଲ କାମ କରୁଛନ୍ତି । ଏମିତି ଭାବୁ ଭାବୁ ସେ ଘରେ ପହଞ୍ଚିଗଲେ ।

ଲୁଗାପଟା ବଦଳାଉ ବଦଳାଉ ସେଦିନର ଘଟଣା ସବୁ ସ୍ତ୍ରୀଙ୍କୁ ଶୁଣାଇଲେ । ଶ୍ରୀମତୀ ଦାସ ଚା' କରୁଥାନ୍ତି । ସବୁଦିନେ ସ୍ୱାମୀଙ୍କ ପାଇଁ ଅଫିସ ଫେରନ୍ତା ଚା' କଲାବେଳେ ସେ ଏମିତି ଗୁଡ଼ାଏ ଶୁଣନ୍ତି । ସେ ଜଣେ ନୀରବ ଶ୍ରୋତା । ସ୍ୱାମୀ ଯାହା କହନ୍ତି ସବୁ ଠିକ୍, କିନ୍ତୁ ସେଗୁଡିକରେ ମୁଣ୍ଡ ପୂରାଇବା ଅନୁଚିତ,. ଏମିତି କିଛି ଗୋଟାଏ ଭାବି ସେ ନୀରବ ରହିଯାଆନ୍ତି ।

ଦାସ ଚା' ପିଆଲଟା ମୁହଁକୁ ଉଠାଉଥିବା ବେଳେ ନିୟୋଗୀ ଆସି ପହଞ୍ଚିଗଲେ । ନିୟୋଗୀ ଶ୍ରମିକ ୟୁନିଅନର ପୁରୋଧା । ତାଙ୍କ ମୁହଁରେ ବି ସେଇ କଥା । ମହାନ୍ତିକୁ ଚାକିରିରୁ କାଢ଼ି ଦେଲେ ପରିଣାମ ଭଲ ହେବ ନାହିଁ । ଦାସଙ୍କ ମୁହଁରେ ବି ଗୋଟିଏ କଥା, ମୁଁ ମୋ ନିଷ୍ପତ୍ତିରେ ଅଟଳ ।

'ଦାସବାବୁ, କଥାଟା ବୁଝନ୍ତୁ ।' ନିୟୋଗୀ ବୁଝାଇଲା ଭଳି କହିଲେ । 'ନିଜର ତ ପିଲା କୁଟୁମ୍ବ ଅଛନ୍ତି ! ତା ଚାକିରି ନେଲେ ନିଜ ଚାକିରି ରହିବଟି ? ଆପଣ ତ ମହାନ୍ତିର କକାଙ୍କ କଥା ଜାଣିଛନ୍ତି । ମୁଁ ଅଧିକା କ'ଣ କହିବି ? କମ୍ପାନୀ ମାଲିକ ପରା ତାଙ୍କ କଥାରେ ଦଶଥର ଉଠ୍ ବସ୍ ହେଉଛନ୍ତି ?'

ଏ ପ୍ରକାର ପରିସ୍ଥିତି ଆସିବ, ଦାସ ଭାବି ନଥିଲେ । କହିଲେ "କ'ଣ ଦଳ ନେତାମାନଙ୍କୁ ଡ଼ରି କିଛି କରି ହେବ ନାହିଁ ? ଶିଳ୍ପ କ୍ଷେତ୍ରରେ ଦେଶ ଆଗେଇ ପାରୁନାହିଁ ବୋଲି ମହାନ୍ତିର କକା ଭଳି ଲୋକେ ତ କହୁଛନ୍ତି ! ଏମିତି ଛୋଟ ଛୋଟ କଥାରେ ଯଦି ଏମାନେ କାନ ଦିଅନ୍ତି, ଦେଶର ପ୍ରଗତି ପାଇଁ ଏମାନେ ଯେଉଁ ଚିତ୍କାର କରନ୍ତି ତାହା କ'ଣ ଖାଲି କୁମ୍ଭୀର କାନ୍ଦଣା ?"

''ଦାସ ବାବୁ, ଆପଣ ଦେଶ ପାଇଁ ଏତେ କ'ଣ ଭାବୁଛନ୍ତି ମ ? ନିଜେ ଭଲ ଥିଲେ ସିନା ଦୁନିଆ ଭଲ । କାରଖାନା ଚାଲୁଛି ଯାଉ, ଆପଣଙ୍କର ଏଥିପାଇଁ ଚିନ୍ତା କାହିଁକି ? ମହାନ୍ତିର ଜିକା ବଡ଼ ଜିଦ୍-ଖୋର ।" ନିୟୋଗୀ ଏତିକି କହି ଅଟକି ଗଲେ ।

ନିଜ ଚାକିରି ଉପରେ ଆଞ୍ଚ ଆସିବ, ନିୟୋଗୀଙ୍କ କଥାରୁ ଇଙ୍ଗିତ ମିଳିଗଲା । ଆଗରୁ ଜି.ଏମ୍. ବି ସେହିକଥା କହିଥିଲେ । ହଠାତ୍ ଦାସଙ୍କ ମୁହଁରୁ ବାହାରି ପଡ଼ିଲା—" ଜିକା-ଜିକା-ଜିକା ! ଏଠି କ'ଣ ସୂର୍ଯ୍ୟ ଚନ୍ଦ୍ର ବି ମହାନ୍ତିର ଜିକାଙ୍କ ଭଳି ଲୋକଙ୍କ ଇଙ୍ଗିତରେ ଚଳପ୍ରଚଳ କରୁଛନ୍ତି ? ମହାନ୍ତିର ଜିକାକୁ ଯଦି ଏତେ ଡ଼ର ତେବେ ଏ ଅଞ୍ଚଳ ଛାଡ଼ି ଚାଲିଯିବା ଉଚିତ । "

ନିୟୋଗୀ ହସି ହସି କହିଲେ, " ଦାସବାବୁ ! ସାମାନ୍ୟ ଚାକିରି ଟେକାଟା ପାଇଁ ଆପଣ ନିଜର ପରିବାରଟାକୁ ଛିନ୍‌ଛତର କରି-ଦେବେ ?"

'ହେଲେ ହେବ ।' ଜୋରକରି ଦାସଙ୍କ ମୁହଁରୁ କଥାଟା ବାହାରି ଆସିଲା ।

ପରଦିନ ସକାଳେ ମଧୁସୂଦନ ଗନ୍ତାୟତ ଆସି ହାଜର । ସେ ହେଉଛନ୍ତି ଏ ଅଞ୍ଚଳର ଶାସକ ଦଳର ସଭାପତି । କୌଣସି ସ୍ଥାନରେ ଗଣ୍ଡଗୋଳ ହୋଇଗଲେ, ସେ ପହଞ୍ଚି ଯାଆନ୍ତି । ଗଣ୍ଡଗୋଳର ସମାଧାନ କରନ୍ତି ।

ଦାସଙ୍କ ହାତରୁ ଚା' କପ୍‌ଟା ଧରୁ ଧରୁ ସେ ବି ମହାନ୍ତିର ଶାସ୍ତି କଥା ଉଠାଇଲେ ।

ଦାସଙ୍କର ସେହି କଥା—"ଗନ୍ତାୟତ ବାବୁ, ଆପଣ ବୁଦ୍ଧିମନ୍ତ ! ରାଜନୀତି ଛତା ତଳେ କ'ଣ ଖାଲି ବଦମାସ ମାନେ ଲୁଚିଯିବେ ? ତାହା ହେଲେ ଦୁନିଆରୁ ଆସ୍ତେ ଆସ୍ତେ ଭଲ ଲୋକ ଉଭେଇ ଯିବେ ।" ଏଥର ଗ୍ରେଷାସଙ୍କ ଅର୍ଥନୀତିର ନିୟମକୁ ନିଜପକ୍ଷରେ ଲଗାଇ ଦାସ ଭାବିଲେ

ତାଙ୍କ ଯୁକ୍ତିଟା ବେଶ୍ ଟାଣ । ଯୁକ୍ତି କଲାବେଳେ ତାଙ୍କୁ ଯେପରି ଗୋଟିଏ ଐଶ୍ୱରିକ ପ୍ରେରଣା ମିଳୁଛି ।

ଚନ୍ଦ୍ରାଯୁତ କହିଲେ, "ଦାସବାବୁ ! ମୁଁ ଆପଣଙ୍କ ସହିତ ଏକମତ । ରାଜନୀତି ଏମିତି ହେଲାଣି ଯେ ଖରାପ ଲୋକଗୁଡ଼ା ଆଗେ ଶାସକଦଳକୁ ଧରି ଆସୁଛନ୍ତି । ଆଉ ଫାଇଦା ବି ଉଠାଉଛନ୍ତି । କିନ୍ତୁ ଆପଣ କି ମୁଁ କ'ଣ ଏହାକୁ ବଦଳାଇ ପାରିବା ? ଯଦି ବଦଳାଇ ନପାରିବା ତେବେ ଏ ସ୍ରୋତ ବିରୁଦ୍ଧରେ ଯିବା କାହିଁକି ? ଅଯଥା କ୍ଳାନ୍ତ ହୋଇ ପଡ଼ିବା । କ୍ଳାନ୍ତ ହୋଇ ପଡ଼ିଲେ ସୁଅ ଆମକୁ ଟାଣି ନେଇ ବୁଡ଼ାଇ ଦେବ । ତେଣୁ ସାବଧାନ ନହେବା କାହିଁକି ?"

ଟିକେ ଅଟକିଯାଇ ଚନ୍ଦ୍ରାଯୁତ ପୁଣି କହିଲେ, "ଆପଣ କଥାଟାକୁ ଏତେ ସହଜରେ ଉଡ଼ାଇ ଦିଅନ୍ତୁନାହିଁ ଦାସବାବୁ । ମହାନ୍ତିର ଜଣା ଜିଦ୍ ବାଲା, ସେ ରାଗିଲେ ତୁମକୁ ଏ ପ୍ରଦେଶ ସାରା କେଉଁଠି ଠିକଣା ମିଳିବ ନାହିଁ । ଇସ୍ତଫା ଦେଇ ଯିବ କୁଆଡ଼େ ?"

ଏତକ ଶୁଣି ଦାସଙ୍କ ଯେଉଁ କ୍ରୋଧ ହେଲା, ତାହା ନଦେଖିଲେ ବିଶ୍ୱାସ କରିହେବ ନାହିଁ । ତମତମ ହୋଇ ସେ କହିଲେ, "ଏମିତି ଡର ଦେଖାଇ ମୋ ନୀତିକୁ ବଦଳାଇବାକୁ ଚାହୁଁଛନ୍ତି ? ବରଂ ଏଥିରେ ଆପଣଙ୍କ ସମୟ ନଷ୍ଟ ହେବ ।"

ଚନ୍ଦ୍ରାଯୁତ ସିନା ଚାଲିଗଲେ, ଦାସଙ୍କୁ ବେଶୀଦିନ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ସେଦିନ ରାତିରେ ବଜାରରୁ ସଉଦା କରି ଫେରୁଥିବା ବେଳେ ଦଳେ ଟୋକା ଦାସଙ୍କୁ ଅନ୍ଧାର ରାସ୍ତାରେ ଅଟକାଇ ଗୁଡ଼ାଏ ଛେଚି ଦେଲେ । ବାଡ଼, ଠେଙ୍ଗା ଆଉ ମୁଥି ଖାଲି ବରଷି ଗଲା । ସମସ୍ତଙ୍କ ଭିତରୁ ମହାନ୍ତିର ପାଟି ବାରି ହୋଇଯାଉଥିଲା; ଦାସଙ୍କୁ ଶୁଭିଲା, ସେ ହିଁ କହୁଛି " ଶଳାକୁ ଦେଖି ଦିଅ ବେ । ଆଉ ଦି'ଟା ଲଗା ବେ ।"

ହସ୍‌ପିଟାଲରୁ ପ୍ରାଥମିକ ଚିକିତ୍ସା ପରେ ଦେହ ହାତ ବ୍ୟାଣ୍ଡେଜରେ ଭର୍ତ୍ତି ହୋଇ ଦାସ ଘରକୁ ଆସିଲାକ୍ଷଣି ଶ୍ରୀମତୀ ଦାସ ତାଙ୍କୁ ଦେଖି ଚିହିଁକି

ଉଠିଲେ । ଘଟଣାଟି ଜାଣି ସେ ଟୋକାଗୁଡ଼ାକ ଉପରେ ଯେତିକି ରାଗିଲେ ସ୍ୱାମୀଙ୍କ ଉପରେ ତା'ଠୁ ବେଶୀ ରାଗିଲେ ।

"ତୁମକୁ କେତେ ଲୋକ କହିଲେଣି, ଶୁଣୁନ କାହିଁକି ?"

ଦାସ କହିଲେ, "ନାହିଁ । ମୋ ନୀତି ମୁଁ ବଦଳାଇବି ନାହିଁ ।"

ଟାଏଁ ଟାଏଁ କହିଦେଲେ, ସତେ ଯେମିତି କିଛି ଘଟିନାହିଁ ।

"ହୁଁ । ମାରି ଦେବେ ଯେ ।" ଶ୍ରୀମତୀ ଦାସ ପୁଣି କହିଲେ ।

"ମାରିଲେ ମାରିଦେବେ । ଜନ୍ମ ହୋଇ ତ ଦିନେ ନା ଦିନେ ମରିବାକୁ ପଡ଼ିବ ।"

ଶ୍ରୀମତୀଦାସ କହିଲେ,'ତାବୋଲି କ'ଣ ଇଚ୍ଛା କାରଣରୁ ମରଣକୁ ଡାକି ଆଣିବା ?'

"ଇଚ୍ଛା ? ମୋର ଲଢ଼େଇ ଗୋଟିଏ ଆଦର୍ଶ ପାଇଁ, ଗୋଟାଏ ନୀତି ପାଇଁ ।"

ଶ୍ରୀମତୀ ଦାସ କହିଲେ, 'ତୁମ ନୀତି, ତୁମ ଆଦର୍ଶ, ସବୁ ଚୁଲିକି ଯାଉ । ଆମେ ଭଲ ତ ଦୁନିଆ ଭଲ । ଏ ଗୁରିଦଉଡ଼ି କଥା ଟୋକାଙ୍କ ସାଙ୍ଗରେ କାହିଁକି ଲଗିଛ ?'

ଦାସ ହସିଲେ । ଏମିତି ହସ ବୋଧହୁଏ ଆଗରୁ ସେ କେବେ ହସି ନଥିଲେ ।

ଔଷଧ ପ୍ରଭାବରେ ସେ ରାତିଟା ତାଙ୍କୁ ବେଶ୍ ଆରାମ ଲାଗିଥିଲା । ନିଦ ଭାଙ୍ଗିବା ସାଙ୍ଗେ ସାଙ୍ଗେ ଚିନ୍ତା ସୁଅରେ ବନ୍ଧ ବି ଭାଙ୍ଗିଗଲା । ସୂର୍ଯ୍ୟ-କିରଣ ସାଙ୍ଗରେ ଗୋଟିକ ପରେ ଗୋଟିଏ ଚିନ୍ତା ଫୁଟି ଉଠିଲେ ।

ସେତେବେଳକୁ ଗୁରିଆଡ଼େ ଖବର ବ୍ୟାପି ଯାଇଥିଲା । ସାଇ-ପଡ଼ିଶା ଲୋକେ ଆସି ସମବେଦନା ଜଣାଇଲେ । ସମସ୍ତଙ୍କୁ ଦାସ ଗୋଟିଏ କଥା କହନ୍ତି । ମାଡ଼ ଖାଇବା ପରେ ତାଙ୍କୁ ଡର ଛାଡ଼ି ପଳାଇଛି । ଆହୁରି ମାଡ଼ ଖାଇବାକୁ ସେ ପ୍ରସ୍ତୁତ । କିନ୍ତୁ ତାଙ୍କ ନୀତିରେ ସେ ଅଟଳ । ଏହି ସାହସ ପାଇଁ ସେ ଇଶ୍ୱରଙ୍କ ପାଖରେ ଋଣୀ ।

ଦଶଟା ବେଳକୁ ଗନ୍ତାୟତ ଆସି ପହଞ୍ଚି ଗଲେ । ତାଙ୍କୁ ଦେଖି ଦାସ କହିଲେ, 'ପୁଣି କୁଆଡେ ଆସିଲେ ? କ'ଣ ମୋର ନିଷ୍ପତ୍ତି ବଦଳାଇବାକୁ ?'

" ଦାସବାବୁ, ଆପଣ ଏତେ ଆଗକୁ ଡେଇଁପଡ଼ୁଛନ୍ତି କାହିଁକି ? କଥାଟା ଟିକେ ଶୁଣନ୍ତୁ ।" ନରମ ଗଳାରେ ଗନ୍ତାୟତ କହିଲେ । 'ମୁଁ ରାମଶଙ୍କର ପାଖକୁ ଯାଇଥିଲି । କହିଲି ତୋ ପୁଅଟା ବଡ଼ ଖରାପ ପିଲା । ଦାସଙ୍କୁ ବାଡ଼େଇ ଦେବା ପରେ ସହରଟା ସାରା ଫୁସୁରୁଫାସର ହେଉଛନ୍ତି । ଆମ ଦଳର ନାଁ ଟା ବି ଖୁବ୍ ଖରାପ ହୋଇଗଲାଣି । ଯଦି ମହାନ୍ତିଙ୍କୁ କିଛି ଦଣ୍ଡ ଦିଆ ନଯାଏ, ସାରା ଜନତା ଆମ ଦଳ ବିରୁଦ୍ଧରେ ଯିବେ । ରାମଶଙ୍କର ମୋ କଥାରେ ରାଜି ହୋଇଯାଇଛି । ମହାନ୍ତି ସେଠୁ ଯିବା ଉଚିତ ।"

'ରାଜି ହୋଇଯାଇଛି ?' ଦାସ ଖୁସିରେ ବିଛଣାରୁ ଉଠି ପଡ଼ିଲେ ।

'ଆରେ, ଶୁଣନ୍ତୁ ! ସେଠୁ ଯିବା ମାନେ କ'ଣ ଚାକିରିରୁ ଯିବା ? ଆପଣଙ୍କ ଡିପାର୍ଟମେଣ୍ଟରୁ ଅନ୍ୟ ଡିପାର୍ଟମେଣ୍ଟକୁ ଟ୍ରାନ୍ସଫର କଲେ ତା'ର ଆପତ୍ତି ନାହିଁ ! ଆପଣଙ୍କ ଜି. ଏମ୍.ଙ୍କ ସାଙ୍ଗରେ ବି କଥା ହୋଇଛି । ଆପଣଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ପାଇଁ ଗୋଟିଏ ଇନ୍କ୍ରିମେଣ୍ଟ ବନ୍ଦ କରିଦେବାକୁ ସେ କହିଛନ୍ତି । ଏକଥା ବି ମୁଁ ରାମଶଙ୍କରକୁ କହିଛି । ମହାନ୍ତି ଲାଗି ଆସନ୍ତା ନିର୍ବାଚନରେ ରାମଶଙ୍କରର ଚାନ୍ସ ବଡ଼ ଖରାପ ହୋଇଯାଇପାରେ । ରାମଶଙ୍କର ସବୁ ବୁଝିଲାଣି । ଏସବୁ ବର୍ତ୍ତମାନ ଆପଣଙ୍କ ଉପରେ ହିଁ ନିର୍ଭର କରୁଛି ।'

ହୁଁ । ଶବ୍ଦ କରି ଦାସ ବିଛଣା ଭିତରକୁ ଲମ୍ବହୋଇ ପଶିଗଲେ । ତାଙ୍କ ଲମ୍ବା ମୁହଁ ଆହୁରି ଲମ୍ବା ଦେଖାଗଲା ।

'ସାର୍ !'

ଶବ୍ଦ ଶୁଣି ଦାସ ବୁଲିପଡ଼ିଲେ । ଦେଖିଲେ ତାଙ୍କ ସହକାରୀ କିରାଣୀ ଫାଇଲ୍‌ଟିଏ ବଢ଼ାଇ ଦେଉଛି । ଫାଇଲରେ ଦୁଇଟି ପୃଷ୍ଠା ଟାଇପ

ହୋଇ ରହିଛି, ଠିକ୍ ଗନ୍ତାଘ୍ଗୃତ କହିବା ମୁତାବକ । ଗୋଟିକରେ ଚଠା ଆଦେଶ, ଦାସ ଦସ୍ତଖତ କରିବେ, ମହାନ୍ତିର ଗୋଟିଏ ଇନ୍‌କ୍ରିମେଣ୍ଟ ବନ୍ଦ ହେବ । ଅନ୍ୟଟିରେ ଜେନେରାଲ ମ୍ୟାନେଜର ଦସ୍ତଖତ କରି-ସାରିଛନ୍ତି, ମହାନ୍ତିଙ୍କୁ ସେଲ୍‌ସ ବ୍ରାଞ୍ଚକୁ ବଦଳି କରି ।

ଦାସ ଭାବିଲେ, ମହାନ୍ତିଙ୍କୁ ବୋନସ୍ ମିଳିଗଲା । ଏଣିକି ମହାନ୍ତି ବସି ବସି ଦରମାଗଣ୍ଡାକ ପାଇବ ।

ଯନ୍ତ୍ରବତ୍ ଦସ୍ତଖତଟାଏ ମାରିଦେଇ ଦାସ ଆଖି ଦୁଇଟି ବୁଜି ଦେଲେ । ତାଙ୍କୁ ଦେଖାଗଲା, ଦୂରରେ ରାମଶଙ୍କର ହସୁଛନ୍ତି, ଆଉ ତାଙ୍କ ପାଖରେ ସହରଯାକର ସବୁ ଠେଙ୍ଗା ବାଡ଼ି ଗଦା ହୋଇଛି ।

□ □

# ବୃତ୍ତିର ବୃତ୍ତ

ଠାଏଁ କରି ଚାପୁଡ଼ାଟାଏ ବସିଗଲା, ରଘୁର ଗାଲରେ । ଖାଲି ଚାପୁଡ଼ାଟାଏ ମାରି ରହେମାନ ସନ୍ତୁଷ୍ଟ ହେଲନାହିଁ । ଯା'ଇଚ୍ଛା ତା ଗାଳି-ଦେଲା । ଦୂରକୁ ଟାଣି ନେଇ କହିଲା, ପାଟିକଲେ ତୁ ତ ଚିହ୍ନା ପଡ଼ିବୁ । ଧରାପଡ଼ିଲେ ଏମିତି ମାଡ଼ ହେବଯେ ଆମ ନାଁ ବି କହିଦେବୁ ।

କେତେ ଜଲ୍ଦି ରହେମାନର ହାତକୁ ମାଡ଼ଟା ଆସେ । ହେଇ ସେ ଦିନକା କଥା । ଲୋକଟାର ପଛରୁ ଆସି ରହେମାନ ପାହାରେ ବସାଇ ଦେଲା । ବାଟୋଇଟା ଛଟପଟ ହୋଇ ପଡ଼ିଗଲା । ରଘୁର ମନଟା ଟିକେ ତରଳି ଗଲା । ଲୋକଟା ମରିଗଲା ନା କ'ଣ ?

ନାହିଁ ବେ ! ଏତେ ଶୀଘ୍ର ମଣିଷ ମରେ ? ତା'ହେଲେତ ଆମେ କେଉଁଦିନୁ ମରିସାରନ୍ତୁଣି !

ଏମିତି କହୁଥିବା ବେଳେ ରହେମାନ ଲୋକଟିର ଅଣ୍ଟା, ଗାମୁଛା ଗଣ୍ଠି ଆଦି ଖୋଜି ଯାଉଥାଏ । ଆଉ ଯାହା ପାଉଥାଏ, ପକେଟରେ ରଖୁଥାଏ ।

ରଘୁର ହାତ ଆପଣାଛାଏଁ ଚାଲିଯାଉଥାଏ ଲୋକଟାର ମୁହଁ ଉପରକୁ ଆଉଁସିବା ଉଦ୍ଦେଶ୍ୟରେ ।

ଆବେ ତୁ ଯା'ମେଡିକାଲରେ ନର୍ସ ହେବୁ, ରହେମାନ କହିଲା । ତୋତେ ଏ ଧନ୍ଦା ପୋଷେଇବ ନାହିଁ ।

ନରେନ୍ ବଳେଇ ପଡ଼ି କହିଲା, ସେ ଯଦି ଏତେ ସହଜରେ ଚାକିରି ପାଇବ, ଚୋର ହେବ କିଏ ?

ଆଉ ଟିକେ ତାଚ୍ଛଲ୍ୟ ଯୋଡ଼ି ନରେନ କହିଲା—ଲାଟ୍ ସାହେବଙ୍କ ପୁଅ ହୋଇଛୁ ଚାକିରି ପାଇବ ? ବାପ ତ ଗୋମାସ୍ତାଗିରି କରୁଛି, ଚାକିରି ପାଇବ ପୁଅ !

ଏତେ ତାଚ୍ଛଲ୍ୟ ଶୁଣିବା ଅପେକ୍ଷା ସହକର୍ମୀମାନଙ୍କ କଥା ମାନି-ନେବା ଶ୍ରେୟସ୍କର ମନେକରି ରଘୁ ମୁମୂର୍ଷୁ ବାଟୋଇଟିକୁ ରାସ୍ତାମଝିରେ ଛାଡ଼ି ଦେଇ ସେମାନଙ୍କ ସାଙ୍ଗରେ ଚାଲି ଆସିଥିଲା ।

ବାପା ଯଦି ଟିକେ ସ୍ନେହ ସରାଗ ଦେଖାଇଥାନ୍ତେ, ସେ କ'ଣ ଏ ବାଟରେ ଆସିଥାନ୍ତା ? ରଘୁ ଭାବୁ ଥିଲା । ମା' ନଥିଲେ ସେ ବୋଧହୁଏ ଘରେ ପଶି ପାରନ୍ତା ନାହିଁ ।

ଯେଉଁଦିନ ବାପା ରଘୁକୁ 'କୁଳାଙ୍ଗାର, ପୋଡ଼ାମୁହାଁ, ତୁ ଏ ଘରୁ ବାହାରି ଯା' ବୋଲି କହି ତଡ଼ିଦେଇଥିଲେ, ସେଦିନ ସହକର୍ମୀମାନେ ତାକୁ ମାଇଚିଆ କହିଥିଲେ ।

ରହିମାନ କହିଥିଲା, ବାପ କ'ଣ ଧମକାଉଛି ମ ? ତୁ ଚନ୍ଦ୍ରା-ଲୋକରେ ଗୋଟିଏ ରୁମ୍ ରଖି ନେଉନୁ ? ହୋଟେଲକୁ ଗରାଖ ମିଳିବ, ତୋତେ ଘର ମିଳିବ ।

ଏତେ ପଇସା କେଉଁଠୁ ଆସିବ ?

କାହିଁକି ? ରହିମାନ ଓଲଟା ପ୍ରଶ୍ନ କରିଥିଲା । ଏତେ ମାଲ୍ ସବୁ ସେଠାରେ ନେଉଛୁ, କ'ଣ କରୁଛୁକି ?

ମା' କାନରେ ବାନ୍ଧି ଦେଉଛି । ନରେନ ଥଟ୍ଟା କରି କହିଲା । ରଘୁକୁ ଭାରି ବାଧିଲା । ତା ମା' ନାଁ କେହି ଧରିଲେ ସେ ଖୁବ୍ ରାଗି ଯାଏ । ସ୍କୁଲରେ ଫେଲ୍ ହେଲା ବୋଲି ବାପା ଯେମିତି ମାରନ୍ତି, ଗାଳି ଦିଅନ୍ତି, ରଘୁ କେଉଁ ଦିନଠୁ ଆତ୍ମହତ୍ୟା କରିସାରନ୍ତାଣି । କେବଳ ମାଆଙ୍କ ସାନ୍ତ୍ୱନା ଓ ସ୍ନେହ ଯୋଗୁ ସେ ବଞ୍ଚିଛି । ତଥାପି ତାର ଇଚ୍ଛାହୁଏ ସେ ଘର ଉପରେ ନିର୍ଭର ନକରି ନିଜେ କେଉଁଠି ବସା ବାନ୍ଧନ୍ତା !

ସେଦିନ ସେ କୌତୂହଳ ହୋଇ ପଚାରିଥିଲା—ସବୁଦିନ ଗୋଟିଏ ରୁମ୍ ନେଇ ରହିଲେ ପୋଲିସ ଜାଣିଯିବ ନାହିଁ ?

ତୁ'ଟା ଏତେ ବୋକା ? ରହିମାନ ଠୋ ଠୋ ହସିଦେଇ କହିଲା । ଦଳର ନେତା ସେ । ଦାଦାଗିରି ଦେଖାଇ ସେ ଉପଦେଶ ଦେଲା । ତୁ କ'ଣ ନିଜ ନାଁ ଲେଖେଇବୁ ? ନାଁ, ଠିକଣା ସବୁ ମନରୁ କାଢ଼ି ଲେଖିବୁ ? ସ୍କୁଲରେ ଯିଏ ତତେ ହଇରାଣ କରୁଥିଲା, ତା' ଠିକଣା ଦେଇଦେବୁ ।

ତଥାପି ଦିନେ ନା ଦିନେ ତ ଧରା ପଡ଼ିବ ? ରଘୁର ମନରେ ସନ୍ଦେହ ଯାଉନାହିଁ ।

ଅନାଡ଼ିଟାଏ ନା କ'ଣ ? ରହିମାନର ତାଚ୍ଛଲ୍ୟରେ ରଘୁ ଟିକେ ଦବିଗଲା । ରହିମାନ କହିଲା, ଆରେ ମାସେ ପନ୍ଦରଦିନେ ଥରେ ରୁମ୍ ନହେଲେ ହୋଟେଲ ବଦଳେଇବୁ । ନାଁ ଠିକଣା ବି ବଦଳାଇବୁ । ଦରକାର ହେଲେ ବେଶ ପୋଷାକ ନିଶ ଦାଢ଼ି ବି ନୂଆ ନୂଆ ତିଆରି କରିବୁ । ବେଳେବେଳେ ତୋ'ର ପ୍ରେମିକାକୁ ଧରି ସ୍ୱାମୀ ସ୍ତ୍ରୀ ଭାବରେ ନାଁ ଲେଖାଇବୁ ।

ରଘୁର ପୁଣି ସନ୍ଦେହ । ଯଦି ହୋଟେଲବାଲା ଧରାଇ ଦିଏ ?

ରଘୁର ବୋକାମୀ ଦେଖି ନରେନ ବି ରହିମାନର ହସ ସଙ୍ଗେ ତାଳ ଦେଇ ହସିଦେଲା । ସେ କହିଲା, ରହିମାନ ଭାଇ, ଏ ଅନାଡ଼ିଟାକୁ ଆଗେ ବଞ୍ଚିବା ମନ୍ତ୍ର ଶିଖା, ଏବଠୁ ଗାରେଡ଼ିମନ୍ତ୍ର କାହିଁକି ଶିଖାଉଛୁ ?

ରହିମାନ ଏ ଦଳର ଗୁରୁ । ଶିକ୍ଷାଦାନ ପୂରା ନକରି ସେ ଚୁପ୍ ରହନ୍ତା କିପରି ? ରଘୁର କାନ୍ଧରେ ହାତପକାଇ ତା' କାନ ପାଖରେ ଫୁସ୍ ଫୁସ କହିଲା, ଏସବୁ କାମରେ ବହୁତ ହୋଟେଲ ସାହାଯ୍ୟ କରିବେ । ଗରାଖଙ୍କୁ ଖୁବ୍ ବେଶୀ ହୋଟେଲ ସଂଖ୍ୟା ଖୁବ୍ ବେଶୀ । ଗରାଖ ଟାଣିବା ପାଇଁ ସେମାନେ ଖୋଦ ପ୍ରେମିକା ଯୋଗାଉଛନ୍ତି । ବୁଝିଲୁ ?

ରଘୁର ହଁ, ନା, କୁ ଅପେକ୍ଷା ନକରି ପୁଣି ରହିମାନ ତା'ର ବ୍ୟାଖ୍ୟାନ ଚଳାଇଲା । ଥରେ ହୋଟେଲବାଲାର ଆସ୍ଥା ଆସିଗଲେ,

ତୋତେ କେତେ ନୂଆ କାମ, ନୂଆ ବ୍ୟବସାୟ ଯୁଟାଇବେ । ତୋ'ର ରୋଜଗାର ବଢିଯିବ ।

ଏମାନେ ଏତେକଥା କେଉଁଠୁ ଜାଣିଲେ ? ସତେ କ'ଣ ଏମିତି ଘଟେ ? ଏମିତି ବାଜେ ଚିନ୍ତା ମୁଣ୍ଡରେ ପଶି ରଘୁକୁ ଖିନ୍‌ଭିନ୍‌ କରିପକାଇଲା । ଏ କାନରେ ପଶି ସେ କାନରେ ସବୁ ବାହାରିଗଲା ।

ଏ ଦଙ୍ଗଳରେ ରଘୁ ସବୁଠାରୁ ସାନ । ନୂଆ ନିଯୁକ୍ତ । ସେଦିନ ବାପାଙ୍କ ପାହାର ଓ ଚିଣ୍ଟିଆ ଖାଇ ସେ ଘରୁ ବାହାରି ନଆସେ କି ଏମାନଙ୍କ ପାଲରେ ନପଡ଼େ । କିଛି ଦିନପରେ ଯେତେବେଳେ ସେ ଘରକୁ ଫେରିଥିଲା, ତା' ବାପା ଜାଣିପାରିଥିଲେ ଯେ ସେ ଗୋଟାଏ ଖଣ୍ଟ ପାଲଟି ଯାଇଛି ।

ରଘୁ ମନେ ମନେ ଯୁକ୍ତି କରିଥିଲା, ଚୋର କି ଖଣ୍ଟ ନହୋଇ ତା'ର ଗତି କ'ଣ ଥିଲା ? ବଞ୍ଚିବା ପାଇଁ ପେଟ ସମ୍ଭାଳିବାକୁ ହେବ । ଏଥିପାଇଁ ତ ପଇସା ଦରକାର !

ସେଦିନ ରଘୁର ବିକଳ ଅବସ୍ଥା ଦେଖି ପୋଲ ଉପରେ ବସିଥିବା ଦଳେ ଟୋକା ତାକୁ ଡାକିଥିଲେ ।

ପେଟ ଜଳୁଛି ? ଏଇଥିପାଇଁ ଚିନ୍ତା ? ତୁ ଗୋଟିଏ କାମ କରିବୁ ? ପ୍ରଚୁର ଖାଇବାକୁ ମିଳିଯିବ । ଟୋକା ମାନଙ୍କର ଏକଥା ଶୁଣି ରଘୁ ଲୁତକ ପରି ଲୁହିଁଥିଲା ।

ଏହାପରେ ଯେଉଁ ଗାଡ଼ିଟା ଆସିବ, ତୁ ତାକୁ ଅଟକାଇ ପାରିବୁ ?

କିମିତି ପାରିବ ? ମୋ ଉପରେ ଯଦି ଚଢିଗଲା ?

ଏମିତି କୋଉ ଗାଡ଼ିବାଲା ଅଛି, ମଣିଷ ମାରିଦେବ ? ଗାଡ଼ିର ଲାଇଟ୍ ସେ ମୋଡ଼ରୁ ଏ ପାଖକୁ ବଙ୍କିବାକ୍ଷଣି ତୁ ଖାଲି ରାସ୍ତାରେ ଶୋଇ ପଡ଼ିବୁ ।

ସେମାନଙ୍କ କଥା ମାନି ରଘୁ ସେଦିନ ବହେ ମାଡ଼ ଖାଇଥିଲା— ଗାଡ଼ିବାଲାଙ୍କଠାରୁ ଆଉ ଥାନାରୁ । ଟୋକା ଦଳକ କଳା କପଡ଼ା ମୁହଁରେ ଗୁଡ଼ାଇ ବେଶ୍ ଲୁଟ୍ କରନେଲେ । ଆଖି ପିଛୁଳାକେ ଏତେକଥା ଘଟିଗଲା, ରଘୁ କିଛି ବୁଝି ପାରିଲା ନାହିଁ । ସେ ଉଠିବାବେଳକୁ ଖାଲି ମାଡ଼ ବର୍ଷି ଗଲା ତା ଉପରେ—ଅଟକିଥିବା ଗାଡ଼ିର ଯାତ୍ରୀମାନଙ୍କଠାରୁ ।

ଦୁଇଦିନ ପରେ ଯେତେବେଳେ ରଘୁ ଥାନା ହାଜତରୁ ବାହାରିଲା, ଟୋକା ଦଳ ତାକୁ ନେଇଗଲେ ଭୋଜିଭାତ ଖୋଇବାକୁ । ପ୍ରଥମେ ସେଦିନ ପାଞ୍ଚଶହ ଟଙ୍କା ମିଳିଲା । ତା ସଙ୍ଗରେ ମିଳିଲା ଗୁରୁମନ୍ତ୍ର ।

ଯେତେ ମାଡ଼ ଖା' ପଛେ ସାଙ୍ଗମାନଙ୍କ ନାଁ କହିବୁ ନାହିଁ । ଏବେ ସିନା ଆମକୁ ଚିହ୍ନି ନଥିଲୁ ବୋଲି କିଛି କହିପାରିଲୁ ନାହିଁ; ଏଣିକି ଚିହ୍ନିଲେ ବି କାହାକୁ କହିବୁନାହିଁ । ଅପର୍ଯ୍ୟାପ୍ତ ଟଙ୍କା ମିଳିବ । ବାପ ଉପରେ ଆଉ ବୋଝ ହେବୁ ନାହିଁ ।

ଏତେ ଟଙ୍କା ରଘୁ ସ୍ୱପ୍ନରେ ଦେଖି ନଥିଲା । ଖୁସିରେ ରହିବାର ଏତେ ସହଜ ଉପାୟ ସେ ଜାଣିନଥିଲା । ପୋଲିସ ମାଡ଼ର ଶରୀରପୀଡ଼ା କୁଆଡ଼େ ଉଭେଇ ଗଲା ।

ବାପାଙ୍କ ମାଡ଼ ଖାଇ ସେ ଉପାସ ଥିଲା । କିନ୍ତୁ ପୋଲିସ ମାଡ଼-ଖାଇ ସେ ଭୂରିଭୋଜନ ପାଇଛି । ରହିମାନ କହିଥିଲା, ଯଦି ସେ ଦୌଡ଼ି ପଳାଇଥାନ୍ତା ତାକୁ ମାଡ ବି ହୋଇନଥାନ୍ତା, କି ପୁଲିସ ବି ଧରିନଥାନ୍ତା । ସତ କଥା ତ ! ଏମାନେ ଛୁରୀ ଦେଖାଇ ଲୁଟତରାଜ କରୁଥିବା ବେଳେ ସେ ଖସିଯାଇ ପାରିଥାନ୍ତା !

ରହିମାନ ଯେତେ ଶିଖାଇଲେ ବି ରଘୁର ମଣିଷପଣିଆ ଗଲା ନାହିଁ । ଆଖିବୁଜି ନିଷ୍ଠୁର ହେବା ଏପର୍ଯ୍ୟନ୍ତ ତା'ପକ୍ଷରେ ସମ୍ଭବ ହୋଇନାହିଁ ।

ଆଜି ଯେତେବେଳେ ସେମାନେ ଠିକ୍‌କଲେ ବାଟମାରଣା କରିବେ, ବେଶ୍ ଗୁଡ଼ାଏ ଟଙ୍କା ମିଳିବ, ରଘୁ ଘଟଣାଟା କ'ଣ ପୁରାପୁରି ଜାଣିବାକୁ ଚାହିଁଲା ।

ନୂଆ ପିଲଟା । ପୂରାପୂରି ବିଶ୍ୱାସ ଆସିନାହିଁ । ତେଣୁ ରହିମାନ ସବୁ ଖୋଲାଖୋଲି କହିବାକୁ ନାରାଜ । ସ୍ଥୂଳ ବିବରଣୀଟାଏ ଦେଇ ସେ ଚୁପ୍ ରହେ ।

ରହିମାନର ଉର୍ବର ମନ ଭିତରେ ସବୁର ଯୋଜନା ହୁଏ । ଘରଦ୍ୱାର ସିନ୍ଧି କରି ଏତେ ପରିଶ୍ରମ କରିବା କ'ଣ ଦରକାର ? ଅଳ୍ପ ପରିଶ୍ରମରେ, ଅଳ୍ପଯନ୍ତ୍ରଣାରେ ଗୁଡ଼ାଏ ପଇସା ପାଇବାର ଏକମାତ୍ର ଉପାୟ ବାଟମାରଣା । ଦୋକାନୀମାନେ ପ୍ରତ୍ୟେକ ଦିନର ବିକ୍ରିବଟାର ପଇସା କେତେବେଳେ କେଉଁଠି ରଖନ୍ତି, ରହିମାନ ଖବର ନିଏ । ତା'ର ଖବର ଅନୁସାରେ ଆଜି ଜଣେ ଦୋକାନୀ ବ୍ୟାଙ୍କର ସନ୍ଧ୍ୟା-ଶାଖାରେ ଟଙ୍କା ଜମା କରିବାକୁ ଯିବ । ଗୁମାସ୍ତା ହାତରେ ଥଳି ଥିବ, ବ୍ୟବସାୟୀଟି ପଛେପଛେ ଚାଲିଥିବ । ସନ୍ଧ୍ୟା ସାଢ଼େଛଅଟାରୁ ସେମାନେ ବଙ୍କାପୋଲିଆ ପାଖରେ ଥିବେ । ଏପାଖ ସେପାଖ ହୋଇ ବସିରହିଲେ, ସନ୍ଦେହହେବ । ତେଣୁ ସମସ୍ତେ ଇତସ୍ତତଃ ଥିବେ । ରହିମାନର ହୁଇସିଲ ଶୁଣିବାକ୍ଷଣି ସମସ୍ତେ ଝପଟି ପଡ଼ିବେ । ଦୁହିଁଙ୍କୁ ବାନ୍ଧୁଥିବା ବେଳେ ରହିମାନ ଥଳିଟାକୁ ଝିଙ୍କି ନେଇ ଚାଲିଯିବ । ଆଖି ପିଛୁଳାକେ ସବୁ ଯେ ଯୁଆଡ଼େ ଉଭେଇ ଯିବେ ।

କିଏ ଜାଣିଥିଲା ଗୁମାସ୍ତାଟା ଥରକରେ କାବୁ ହୋଇ ପାରିବ ନାହିଁ ? ଆଉ ଥଳି ଛଡ଼େଇବା ପାଇଁ ରହିମାନ ଛୁରୀ ଭୁଷିବ ।

ଗୁମାସ୍ତାର ଚିତ୍କାର ରଘୁକୁ ଚହଲା ଚହଲା ଲାଗିଲା । ଦୋକାନୀକୁ ଛାଡ଼ି ସେ ଦଉଡ଼ି ଆସିଲା ଗୁମାସ୍ତା ଆଡ଼କୁ । ଅଜାଣତରେ ତା ପାଟିରୁ ଯୋରରେ ବାହାରି ପଡ଼ିଲା 'ବାପା' !

ରହିମାନ ଲେଉଟିପଡ଼ି ସାଙ୍ଗେ ସାଙ୍ଗେ ଗୋଟିଏ ବ୍ରହ୍ମଚାପୁଡ଼ା ବସାଇ ଦେଲା ରଘୁର ଗାଲରେ । ରଘୁକୁ ଦେଖାଗଲା, ଚାରିଆଡ଼େ ଅନ୍ଧାର ଏବଂ ସେ ପିଞ୍ଜରାବଦ୍ଧ ଗୋଟିଏ ପଶୁ । ତା'ଉପରେ ବର୍ଷୁଛି ରଙ୍ଗ୍ ଲିଡ଼ରର ଚାବୁକ ମାଡ଼ ଆଉ ଭର୍ତ୍ସନା ।

□ □

# ରାଉରକେଲା

ସକାଳ ନ'ଟାରେ ବି ଭରି ଗରମ । ସୂର୍ଯ୍ୟ କୋପରେ କଳା ଆସ୍ଫାଲ୍ଟ ବି ଧଳା ଚକ୍ ଚକ୍ କରୁଛି । ଗରମ ସହି ନପାରି ଗଛ-ଗୁଡ଼ାକ ଚୁପ୍ । ପତ୍ର ବି ହଲୁ ନାହିଁ ।

ପ୍ୟାରି ରାସ୍ତାର ଭଲ ଅଂଶରେ ସାଇକେଲ ଚଳାଉଛି ଖୁବ୍ ଜୋରରେ । ଲଳିତ ଖୁବ୍ ଆଗେଇ ଗଲାଣି ।

ପ୍ୟାରି ପଛରେ ପଡ଼ିଗଲା । ଗଛ ଛାଇ ତଳ ପଥରଟାରେ ବାଁ ଗୋଡ଼ ରଖି ଲଳିତ ଅଟକିଗଲା । ପ୍ୟାରି ପାଖକୁ ଆସିଗଲେ ସେ ପୁଣି ଆଗେଇବ । ପ୍ୟାରି ଲଳିତକୁ ଲକ୍ଷ୍ୟ ରଖି ପେଡ଼ାଲ୍ କରୁଛି । ଲଳିତ ଭଳି ତାର ଯଦି ଲମ୍ବା ଲମ୍ବା ଗୋଡ଼ ଥାଆନ୍ତା, ସାଇକେଲକୁ ଖୁବ୍ ସହଜରେ ଅକ୍ତିଆର କରନ୍ତା ।

ଅଟକି ଯାଇ ଲଳିତ ଅଣ୍ଟାଟାକୁ ଟିକିଏ ସହଜ କରିନେଲା । ପେଣ୍ଟ୍‌ର କମରବନ୍ଧ ଢିଲା କରିଦେଲା । ପିଠୁ ଦ'ଟା ପୂରା ପାଣି । ପବନ ବନ୍ଦ, ଝାଳର ସୁଅ ଛୁଟିଛି—ପିଠିର ଭାଙ୍ଗରେ ନଈ ବୋହିଯାଉଛି ।

ଠିକ୍ ପାଖକୁ ଲଗି ଆସି ପ୍ୟାରି ଠିଆ ହେଲା ସାଇକେଲରୁ ଓହ୍ଲାଇପଡ଼ି । ସିଟ୍ ଉପରେ ନଇଁପଡ଼ି କହିଲା, "ଟିକେ ପାଣି ପିଇଲେ ଭଲ ହୁଅନ୍ତା ।"

ପ୍ୟାରିର ଦେହସାରା ଲଳିତର ଆଖି ବୁଲିଆସିଲା । ଡଉଲ ଡାଉଲ ଚେହେରା । ମୁଗୁନି ପଥରରେ କିଏ ଯେମିତି ଘିଅ ଘଷି ଦେଇଛି । ସାଇକେଲ ଜୋରରେ ପବନ କାଟି ତା' ବାଳଗୁଡ଼ାକୁ ଏଣେ ତେଣେ

ଫୋପାଡ଼ ଦେଇଛି, ଫାଙ୍କ ଫାଙ୍କରେ ଚକ୍‌କଣ ମାଂସଳ ଦେହ ଫୁଟି ଉଠୁଛି ।

"ଝାଳ ବୋହୁଥିବା ବେଳେ ପାଣି ପିଇବା ମନା । ସର୍ଦ୍ଦି ଧରି-ଯିବ । ଆଗରେ ଷ୍ଟଲ ଲିମ୍‌କା ଖାଇବା ।" ଏତକ କହୁଥିବା ବେଳେ ଲଳିତ ପେଡ଼ାଲ ଉପରେ ଥିବା ଡାହାଣ ଯୋତାର ଲେସ୍‌କୁ ଭିଡୁଥିଲା ।

"ଲିମ୍‌କା ଦୋକାନରେ ପହଞ୍ଚିବା ବେଳକୁ ମୋର ହଂସା ଉଡି-ଯାଇଥିବ ।" ବାଳଗୁଡ଼ାକ ସଜାଡୁ ସଜାଡୁ ପ୍ୟାରି ଉତ୍ତର ଦେଲା ।

"ଆଜି କ'ଣ ତୁ ଏ ଛତର ପାଣି ପିଇବୁ ?"

"ତୁମେ ଯା ସେଦିନ କହୁଥିଲ, ଛତପାଣିରେ ଦହି, ଲଙ୍କା, ଲୁଣ ମିଶିଥାଏ, ବେଶ୍ ସୁଆଦ ଲାଗେ ?"

"ଏଠି ତ ଏଠି ! ଟାଉନରେ ତ ଖାଲି ପାଣି ଦେଉଛନ୍ତି । ଦର ବଢ଼ିବାରୁ ଦହି ବି ଉଭେଇ ଗଲାଣି । ଖାଲି ଲୁଣ, ଲଙ୍କା ଖାଇବୁ ? କହି ଲଳିତ ହସିଦେଲା ।

"ତୁମ ହସରେ କ'ଣ ମୋ ଶୋଷ ମେଣ୍ଟିଯିବ ? ସତରେ, ମୋତେ ଭାରି ଶୋଷ ଲାଗିଲାଣି ।" ଛୋଟ ଝିଅଟି ଭଳି ଗେହ୍ଲେଇ ହୋଇ ପ୍ୟାରି କହିଲା ।

"ଦୁଇ କିଲୋମିଟର ସାଇକେଲରେ ତ ଏତେ ବ୍ୟସ୍ତ । ସେଦିନ କେମିତି ପାହାଡ ଚଢିଯାଉଥିଲୁ ?

ପ୍ୟାରି ଜାଣିଲା, ଲଳିତର ମନେ ପଡ଼ୁଯାଉଛି ସରଣ୍ଡା ଜଙ୍ଗଲରେ ପିକ୍‌ନିକ୍ କଥା । ଗାଁ ସ୍କୁଲର ପିଲାମାନେ ସିନା ଏ ବଣଭୋଜି କରିଥିଲେ, ପ୍ରକୃତ ଉଦ୍ୟୋକ୍ତା ଥିଲା ଲଳିତ । ପୂର୍ବତନ ଗ୍ରୁପ କହୁଛି, ସ୍କୁଲ ମାଷ୍ଟର-ମାନେ ସାଙ୍ଗେ ସାଙ୍ଗେ ରାଜି ହୋଇଗଲେ । ସେଦିନ କି ମନଇଚ୍ଛା ମିଳାମିଶା । ଅଣ୍ଟାକୁ ଅଣ୍ଟା ହାତରଖି ନାଚିବାରେ କି ମଉଜ । ପ୍ୟାରିର ସବୁ ମନେ ପଡ଼ିଲା ।

ଗାଁ ସ୍କୁଲରେ ପାଞ୍ଚ ଛ' ଜଣକୁ ଛାଡ଼ିଦେଲେ ଆଉ ସମସ୍ତେ ଆଦିବାସୀ । ପୁରୁଷ ପୁରୁଷ ଧରି ସେମାନେ ଖ୍ରୀଷ୍ଟିଆନ । ସବୁ ଜର୍ମାନ୍

ଲୁଥେରାନ୍ ଚର୍ଚ୍ଚର ଦାନ । ପୁରୁଷ ସ୍ତ୍ରୀ ବାଛବିଚାର ନାହିଁ । ପଢାକୁ ବାହାରିବାରେ ବାରଣ ନାହିଁ । ବାଟରେ ଘାଟରେ ଦେଖା ହୋଇଗଲେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଅଭିବାଦନ ହୁଏ ହାଣ୍ଡସେକ୍‌ରେ । ସେହି ସମାଜରେ ଶ୍ୟାମ ଓ ଲଳିତ ବଢ଼ି ଆସିଛନ୍ତି ।

"ଆଉ କେତେ ବାଟ ରହିଲା ?" ଲଳିତକୁ ସାଇକେଲ ଚଢ଼ିବା ଦେଖି ଶ୍ୟାମ ପଚାରିଲା ।

'ହେଇ ଆସିଗଲାଣି ।' ଡାହାଣ ପାଖରେ ବଡ ବଡ ବନ୍ଧ-ଗୁଡାକ ଦେଖାଇ ଲଳିତ କହିଲା,—ଏ ଗୁଡାକ କ'ଣ କି ? ଇସ୍ପାତ କାରଖାନାର ମଳ । ପାହାଡ ପାହାଡ ହୋଇ କୁଢ଼ା ହୋଇଛି । ଯାକୁ କହନ୍ତି ସ୍ଲାଗ୍ ଡମ୍ପିଙ୍ଗ୍ । ଏହି କଣ୍ଟା ବୁଲିଗଲେ ଟାଉନ ପଡ଼ିବ ।" କହି କହି ଲଳିତ ଜୋରରେ ପେଡାଲ ମାରିବା ଆରମ୍ଭ କରିଦେଲା ।

ଶ୍ୟାମ ଭାବୁଥିଲା ଯଦି ସେ ଭଳନେ ସାଇକେଲରେ ନ ଆସି ଲଳିତ ସାଙ୍ଗରେ ଆସିଥାନ୍ତା, ଏତେ କଷ୍ଟ ଲାଗିନଥାନ୍ତା । ଲଳିତର ସାଇକେଲ ଆଗରେ ବସିଲେ ତାକୁ ଖୁବ୍ ଭଲ ଲାଗେ । ଆହୁରି ଭଲଲାଗେ ଯେତେବେଳେ ଲଳିତ ପିଠି ଆଉ ବ୍ଲାଉଜ ଉପରେ ବେକ ଫାଙ୍କରେ ହାତ ବୁଲାଇ ଆଣେ । କେଡେ ମୁଲାୟମ ଲାଗେ । ଏମିତି ଭାବୁ ଭାବୁ ଶ୍ୟାମର ସାଇକେଲ ଧିମେଇ ଯାଇଥିଲା ।

'ଟିକେ ଯୋର୍ କର ।' ଲଳିତର ପାଟି ଶ୍ୟାମର ଚିନ୍ତା ଭାଙ୍ଗିଦେଲା । ସାଇକେଲ ଚାଲିଲା ଯୋରରେ । ମୋଡ ପରେ ମୋଡ ପଛକୁ ପଡଯାଉଛି । ବାଁ ପାଖରେ କାରଖାନାର ନର୍ଦ୍ଦମା—ଖୁବ୍ ଦୁର୍ଗନ୍ଧ ।

'ବୁଝିଲୁ, କାରଖାନା ଯେତେ ବଡ଼ୁଛି, ରାସ୍ତା ନର୍ଦ୍ଦମାର ସେତେ ଖାଁଖ ହେଉଛି । ପାତେଶ୍ୱ ଘୁଞ୍ଚିଘୁଞ୍ଚି ଯାଉଛି ତ ରାସ୍ତା ଘୁଞ୍ଚିଘୁଞ୍ଚି ଯାଉଛି ।" ଧିମେଇ ଚଳାଉଥିବା ଲଳିତ ବୁଝେଇବାଭଳି କହିଲା ।

ଶ୍ୟାମ ଲଳିତକୁ ପଛରେ ପକାଇ ଆଗେଇ ଗଲା । ଘରବାଡି ସବୁ ପଛକୁ ପଡିଯାଉଛି । ବାଁ ପାଖ ଗୋଟିଏ ବଙ୍ଗଳାରୁ ଖେଳୁଆଡ଼୍

ଗେଞ୍ଜି ପିନ୍ଧିଥିବା ଲୋକଟିଏ ସେମାନଙ୍କୁ ଗୁହିଁ ରହିଛି । କାଖରେ ଧଳା ଝିଙ୍ଗଟିପୂ କୁକୁରଟିଏ ଧରିଛି । ବେଳେବେଳେ ମୁହଁରେ ମୁହଁ ଲଗାଇ-ଦେଉଛି ।

ପ୍ୟାରି ଆଗେଇ ଗ୍ଲୁଲଛି । ଆଜି ତା'ର ପରୀକ୍ଷା । ଇସ୍ପାତ କାରଖାନା ଗ୍ଲୁକିରି ପାଇଁ ସେ ଡ଼ାକରା ପାଇଛି । କାରଖାନ ତିଆର-ବେଳେ ଯେଉଁମାନେ ଘରବାଡି ହରାଇଲେ, ସେମାନଙ୍କ ମଧ୍ୟରୁ ଜୁବ୍ରା ମାଝି ଜଣେ । ସମସ୍ତଙ୍କ ଭଳି ସେ ଟଙ୍କା କ୍ଷତିପୂରଣ ପାଇଛି । ପୁଣି ନୂଆ ପୁନର୍ବସତି କଲୋନୀରେ ସରକାର ଘରବାଡ଼ି କରିଦେଇଛନ୍ତି । ଏବେ ନୂଆ ନିୟମ ହୋଇଛି, ପ୍ରତି ପରିବାରରୁ ଜଣେ ଲେଖାଁଏ ସକ୍ଷମ ଲୋକ କାରଖାନାରେ ଗ୍ଲୁକିରି ପାଇବେ । ଯାହାକୁ କହନ୍ତି ଟି.ଏନ୍. ସିଂହ ଫର୍ମୁଲା । ଜୁବ୍ରାର ସାବାଳକ ପୁଅ ନାହିଁ । ବଡଝିଅ ପ୍ୟାରି ଏହି ଅଧିକାର ଜାହିର କରିବାକୁ ଆଜି ଗ୍ଲୁଲଛି । ଲଳିତ ତା'ର ଗାଇଡ୍ ।

ଆଗ ଛକରେ ଧଳା ଆମ୍ବାସାଡାରଟାର ଗ୍ଲୁରିପଟେ ଦଳେ ଲୋକ ଗୋଟିଏ ଆଇସ୍‌କ୍ରିମ ବକାଳକୁ ଘେରି ରହିଛନ୍ତି । ଛୁଆପିଲା ଓ ସ୍ତ୍ରୀଲୋକ ଦେଖିଲେ ମନେହୁଏ ସେ ଗୋଟିଏ ପରିବାରର । ପିଲାଟିଏ ଆଇସ୍‌କ୍ରିମ ପକାଇ ଦେଇଛି ଯେ ତା ମା' ଚାଗିଦ କରୁଛି । ସେମାନଙ୍କୁ ପାରି ହେଲାବେଳେ ପ୍ୟାରି ପ୍ରତି ଲକ୍ଷ୍ୟ କରି ଜଣେ କିଏ ହୁଇସିଲ ମାରିଲା । ବୁଲିପଡ଼ି ଦେଖେ ତ ପୁରୁଷଟିଏ ଆଖି ମାରୁଛି । ପ୍ୟାରି ଭାବିଲା, ଲଳିତ ବୋଧହୁଏ ଏସବୁ ଲକ୍ଷ୍ୟ କରିଥିବ । ଏଣିକି ଲଳିତକୁ ଆଗରେ ଛାଡ଼ି-ଦେବା ଭଲ ହେବ ।

ଲଳିତ ପଛେପଛେ ପ୍ୟାରିର ସାଇକେଲ ଗଡ଼ିଗ୍ଲୁଲିଲା । ସହରର ଗହଳ ଚହଳ ଆସିଗଲା । ସହରର ଗୋଟିଏ କମିତି ଗନ୍ଧ ପ୍ୟାରିକୁ ଜଣାଗଲା । ଏଠି ଏତେ ଦୁର୍ଗନ୍ଧ କାହିଁକି ? ପ୍ୟାରି ପଗ୍ଲୁରିଲା ।

'ଏ ତ ବାରଭାଇ ଆଖଡ଼ା । ଲୋକେ ମଇଳା କରିବେ, ମ୍ୟୁନିସି-ପାଲ୍‌ଟି ସଫା କରିବ । ମ୍ୟୁନିସିପାଲ୍‌ଟି କେମିତି ସଫା କରିବ କହିଲୁ ? ଜଣେ ଲୋକକୁତ ଜଣେ ଝାଡ଼ୁଦାର ରଖିହେବ ନାହିଁ । ଲଳିତ କହୁକହୁ

ଲିମ୍‌କା ଦୋକାନ ପାଖରେ ପହଞ୍ଚିଗଲେ । କହିଲେ, ଏଇଠି ଟିକେ ବସିଯିବା ।

ପ୍ୟାରୀର ଉତ୍ତରକୁ ଅପେକ୍ଷା ନକରି ଲଳିତ ଡ୍ରେନ ନାଲାର ସେ ପଟକୁ ସାଇକେଲଟା ଟେକି ନେଲେ ଖୁବ୍ ସହଜରେ । ଲଳିତର ମାଂସପେଶୀରେ କେତେ ଜୋର । ପ୍ୟାରୀର ମନେପଡ଼ିଲା ସେଦିନ ସାରଣ୍ଡା ଜଙ୍ଗଲ ଭିତରେ ଲଳିତ କେତେ ସହଜରେ ଖାଲ ପାହାଡ଼ ଉପରକୁ ଚଢ଼ି ଯାଉଥାଏ । ଝୁଲିଥିବା ପଥରଟା ଉପରେ ବସିପଡ଼ି ଯେତେବେଳେ ଗୋଡ଼ ଲମ୍ବାଇ ଦିଏ, ପ୍ୟାରୀର ଛାତି ଧଡ଼ପଡ଼ ହୁଏ ।

କେବଳ ସାଇପଡ଼ିଶା ଚିହ୍ନା ନୁହେଁ, ପାଞ୍ଚବର୍ଷ କାଳ ଏକା ସ୍କୁଲ । ଦୁଇବର୍ଷ ତଳ ଉପର । ଲଳିତର ପଢ଼ାଘରେ ପ୍ୟାରୀର ଅବାଧ ପ୍ରବେଶ । ପାଠ ବୁଝାବୁଝି କରିବା ବାହାନାରେ ପ୍ୟାରୀ ଘଣ୍ଟାଘଣ୍ଟା କଟାଇଛି । ଲଳିତର କାନ୍ଧ ଉପରେ ମୁହଁଟା ଲଦି ଦେଇ ତା ପଢ଼ାବହି ବଡ଼ ପାଟିରେ ପଢ଼ିଛି । କିନ୍ତୁ ଲଳିତ କେବେ ରାଗିନାହିଁ । କେବେ ଯଦି ରାଗେ, ପ୍ୟାରୀ ଭାଇ ସମ୍ବୋଧନ କରିଦେଲେ ରାଗ ପାଣି ପାଟିଯାଏ ।

ପ୍ୟାରୀର ଏ ଭାବନାକୁ ଗଣ୍ଡଗୋଳ କରିଦେଇ ଲଳିତ ପ୍ୟାରୀର ସାଇକେଲଟାକୁ ବି ଟେକି ନେଲେ । ଦୋକାନ ସାମ୍ନାରେ ସାଇକେଲ ଦୁଇଟା ଡେରି ଦେଇ ଲମ୍ବା ବେଞ୍ଚଟାରେ ଲଳିତ ବସିପଡ଼ିଲା । ପ୍ୟାରୀକୁ ଯେମିତି ସାଇକେଲ ସାଙ୍ଗରେ ସେ ଟାଣି ନେଲା, ପ୍ୟାରୀ ଲଳିତ ପାଖକୁ ଲାଗିବସିଲେ ।

'ଗୋଟାଏ ଡବଲ ସେଭେନ ହୋଇଯାଉ ?' ପ୍ୟାରୀର ହାତଟାକୁ ଚିପି ଦେଇ ଲଳିତ କହିଲେ । ଲଳିତ ସେମିତି ଚିପି ରଖିଥାନ୍ତାକି । ଡବଲ ସେଭେନ ପିଇବା ତ ଗ୍ରେଟକଥା, ଲୁକର ଇଣ୍ଟରଭ୍ୟୁ ନଦେଇ ସେ ଏଠି ବସି ରହିଥାନ୍ତା । ଖୁବ୍ ଶୀଘ୍ର ବୋତଲଟା ସରିଗଲା । ଗିଲସେ ପୁରା ବି ହେବ ନାହିଁ । ଏଥିରେ କି ଶୋଷ ମରିବ ? କିନ୍ତୁ ଆଉଗୋଟିଏ ମାଗିବାକୁ ପ୍ୟାରୀ ସାହସ କଲାନାହିଁ ।

ପିଇଦେଲାକ୍ଷଣି ଦେହଯାକ ଝାଳ ବାହାରି ଆସିଲା । ପ୍ୟାରୀ ଲଳିତ ଆଡ଼େ ଗୁହାଁଲା । ତା ମୁହଁରେ ବନ୍ଦୁ ବନ୍ଦୁ ଝାଳ, ଛୁଇଁ ଦେଲେ ଝରଣା ଭଳି ବୋହି ଆସିବ । ମଥା ଉପରେ ଚୂନାଏ ବାଳ ପଡ଼ିଛି । ହଠାତ୍ ତାର ହାତ ଉଠିଗଲା ଲଳିତର ମଥାକୁ, ବାଳକେରାକ ମୁଣ୍ଡ ଉପରକୁ ଉଠାଇଦେଲା । ସାଙ୍ଗେ ସାଙ୍ଗେ ପ୍ୟାରୀ ଚମକି ପଡ଼ିଲା । ଏଟା ତ ଗୋଟିଏ ଦୋକାନ—ଲଳିତର ପଢ଼ାଘର ନୁହେଁ । ଉଠିପଡ଼ି କହିଲା, ଉଠ ଯିବା । ତେଣେ ଟାଇମ୍ ହୋଇଯିବ ଯେ ।”

ରାଉରକେଲାର ଏଟା ପୁରୁଣା ଅଞ୍ଚଳ । ପୁରୁଣା ବସ୍ତି । ଝାଟି ମାଟି ଘର, ଝୋପଡ଼ି, ଗୁମୁଟି ଆଢ଼ରେ ରାସ୍ତା ଢ଼ାଙ୍କିଯାଇଛି । ରାସ୍ତା-କଡ଼କୁ ଲାଗି ଗ୍ୟାରେଜ, ହୋଟ୍ ଦୋକାନ, ଆଉ ଆବର୍ଜନାମୟ ଗଳି ।

ଦୁହିଁଙ୍କର ସାଇକେଲ ଆଗେଇଲା । ଆଗରେ ଛକ, ନୂଆ ସହରର ଇସ୍ପାତ ନଗରୀର ଚଉଡ଼ା ରାସ୍ତା ଆରମ୍ଭ । ଠିକ୍ ଛକ ଉପରେ ମନ୍ଦିର । ରାସ୍ତାକୁ ମାଡ଼ି ବସିଛି । ଠାକୁରଙ୍କ ନାଁରେ ଏ ଗୋଟିଏ ଜବର ଦଖଲ ।

ଏଠି ତ ଦୁର୍ଘଟଣା ଘଟୁଥିବ ? ପ୍ୟାରୀ ପଚାରିଲା ।

ସେଇଥି ପାଇଁତ ଠାକୁର ରଖା ହୋଇଛନ୍ତି । ମୁଣ୍ଡିଆ ମାରିଲେ ଦୁର୍ଘଟଣା ଘଟିବ ନାହିଁ । ଆଉ ବ୍ରାହ୍ମଣର ବି ଦିପଇସା ହେବ ।

ଲଳିତର ତାଚ୍ଛଲ୍ୟ ପ୍ୟାରୀର ମୁଣ୍ଡରେ ପଶିଲା ନାହିଁ । ‘ବଢ଼ିଆ ମନ୍ଦିରଟାଏ । କେତେ ଖର୍ଚ୍ଚ ହୋଇଥିବ ? ପ୍ୟାରୀ ପଚାରିଲା ।

‘କାହିଁକି ? କାହାକୁ ରିପୋର୍ଟ କରିବୁ କି ?’ କିଛି ସମୟ ନୀରବ ରହି ଲଳିତ କହିଲା, ‘ଏ ମନ୍ଦିର କିଏ କରିଛି ଜାଣିଛୁ ? ଅଳିଆ ଲୁହା ଦୋକାନୀମାନେ । ଏମାନେ ଖାଲି ଲୁହା ସ୍କ୍ରାପ୍ କାରଖାନାରୁ କିଣନ୍ତି । ଭଙ୍ଗା ଦଦରା ଲୁହା, ବୁଝିଲୁ ?’

‘ଖରାପ ଲୁହା କାରବାରରେ ଏତେ ପଇସା ମିଳେ କେଉଁଠୁ ?’

ଲଳିତ ଭାବିଲା, ସବୁ ଝିଅଗୁଡ଼ାକ ବୁଦ୍ଧୁ । ନହେଲେ ଏମିତି ପ୍ରଶ୍ନ ପଚାରନ୍ତା । ଷ୍ଟିଲ ପ୍ଲାଣ୍ଟରେ ଦୁଇବର୍ଷ ଚାକିରୀ କରି ସେ ଯେତେ ଜାଣିଗଲାଣି, ସେଗୁଡ଼ାକ ଏ ଝିଅଟାକୁ କେତେ ବୁଝାଇବ ? ଏମାନେ ସ୍କ୍ରାପ୍ ନାରେ ଭଲ ଇସ୍ପାତ ଆଣନ୍ତି, ଅସତ୍ ଉପାୟରେ ଯେଉଁ ଲାଭ ହୁଏ, ସେ ଟଙ୍କାରେ ମନ୍ଦିର ନକଲେ ପ୍ରାୟଶ୍ଚିତ୍ତ ହେବ କେମିତି ? ଲଳିତର କଥାଗୁଡ଼ାକ ପ୍ୟାରୀର ଏ କାନରେ ପଶି ସେ କାନରେ ବାହାରିଗଲା । କହିଲା, "ଚାଲ ଟିକେ ବସିଯିବା । ଖୁବ୍ ଗରମ ଲାଗୁଛି ।"

ଚାକିରୀ ଆରମ୍ଭ ନହେଉଣୁ ତ ଏତେ ଥକି ଯାଉଛୁ । କାମଦାମ ଆରମ୍ଭ କଲେ ସମ୍ଭାଳିବୁ କେମିତି ?

ତା'ର କଥା ତାକୁ ଫେରାଇ ଦେବା ଭାବି ପ୍ୟାରୀ କହିଲା, ତୁମେ ପରା ସେଦିନ କହୁଥିଲ ଷ୍ଟିଲପ୍ଲାଣ୍ଟରେ ଖଟିଲେ ଯେତେ ଦରମା, ନଖଟିଲେ ବି ସେତିକି ଦରମା ? ମନ୍ଦିର ବାରଣ୍ଡାରେ ସାଇକେଲ ଡେରି ଦେଇ ପ୍ୟାରୀ ଉପରକୁ ଉଠିଗଲା ।

ତୋତେ କହିଥିଲିବୋଲି କ'ଣ ତୁ ସେୟା କରିବୁ ? ନୂଆ ନୂଆ ଚାକିରୀ କଟିଯିବ ଯେ । ଏତକ କଥା ନଶୁଣି ଯେ ପ୍ୟାରୀ ମନ୍ଦିର ଭିତରକୁ ଚାଲିଗଲାଣି, ଲଳିତ ଲକ୍ଷ୍ୟ କରିନଥିଲା । ସେ ଡାକପକାଇଲା- ସାଇକେଲ ଚୋରୀ ହୋଇଯିବ ଯେ !

ଲେଉଟିପଡ଼ି ପ୍ୟାରୀ ଉତ୍ତର ଦେଲା, 'ଆସ ସାଙ୍ଗେ ସାଙ୍ଗେ ଫେରିବା ।'

ତୁ ଗଉରକେଲା ଚହ୍ନି ନାହୁଁ । ଏଠି ଆଖି ପଲକରେ ଜିନିଷ ଖତମ୍ ।

ସେମିତି କହି ମତେ ଡରଉଛ ? ହସିହସି ପ୍ୟାରୀ କହିଲା । ଏତେ ସହଜରେ କଥାଟାକୁ ଉଡ଼ାଇ ଦେବ ବୋଲି ଲଳିତ ଭାବି-ନଥିଲା । ବାଧ୍ୟ ଭୃତ୍ୟ ଭଳି ସେ ମନ୍ଦିରରେ ପ୍ରବେଶ କଲା ।

ମନ୍ଦିର ଭିତରଟା କେଡେ ଥଣ୍ଡା । ଶିବ ପାର୍ବତୀଙ୍କର ଶଙ୍ଖମର୍ମର ମୂର୍ତ୍ତି ଦୁଇଟି ପରିବେଶକୁ ଆହୁରି ମନୋହର କରିଦେଇଛି । ପ୍ୟାରୀର

ଅଣ୍ଟାରେ ହାତଘେଞ୍ଚ ରଖି ଲଳିତ ମୂର୍ତ୍ତି ଦୁଇଟିର ସୌନ୍ଦର୍ଯ୍ୟ ପ୍ରଶଂସା କରୁଥାଏ, ପ୍ୟାରୀର ରକ୍ତପ୍ରବାହର ବେଗ ସେତିକି ବଢ଼ୁଥାଏ ।

କ'ଣ ଗୋଟାଏ ଶବ୍ଦ ଶୁଣି ସାଇକେଲ ଆଡ଼କୁ ମୁହଁ ବୁଲାଇ ଲଳିତ ଦେଖିଲା ଗୋଟାଏ ଠେଲା ଗାଡ଼ି । ଦେଖ ଦେଖ, ତୁମ ଗାଁର ଫୁଲମଣି ନା ?

ପ୍ୟାରୀ ଦେଖିଲା, ଦୁଇଟି ସ୍ତ୍ରୀ ଲୋକ ଗୋଟିଏ ଶଗଡ଼ ଟାଣୁଛନ୍ତି । ଆଉ ଦୁଇଟି ସ୍ତ୍ରୀ ଠେଲୁଛନ୍ତି । ଲୁହା ସରଞ୍ଜାମରେ ଭର୍ତ୍ତି । 'ଏଠି ଏମିତି କାମ କରନ୍ତି । ଆଉ ଗାଁରେ ଯାଇ ଖୁବ୍ ରୋଜଗାରିଆ ଦେଖାନ୍ତି ।' ଫୁଲମଣି ବିଷୟରେ ପ୍ୟାରୀର ମନ୍ତବ୍ୟ ଲଳିତ ବୁଝିପାରିଲା ନାହିଁ । ରେଜାକାମ କରି ମଧ୍ୟ ଏହି ସ୍ତ୍ରୀଲୋକେ ଗାଁକୁ ଫେରିଲେ ଖୁବ୍ ବଡ଼େଇ କରି କହନ୍ତି, ଏକଥା ଲଳିତ କିପରି ଜାଣିବ ? ସେମାନଙ୍କ ସାଙ୍ଗରେ ମିଶିବାର ଅବସର କାହିଁ ? ସେ ଖାଲି ଜାଣେ ଶିଳ୍ପ ନଗରୀରେ ବଳଦ ବା ମଇଁଷି ଗାଡ଼ି ମନା । ପୁରୁଷମାନେ କୁଲିକାମ କଲାବେଳେ ସ୍ତ୍ରୀଲୋକମାନେ ଶଗଡ଼ ଚଳାନ୍ତି । ରାଉରକେଲା ଭଳି ମହାନଗର ଜାଗାରେ ସ୍ତ୍ରୀଲୋକ ହେଉ, ପୁରୁଷ ହେଉ, ବସି ଖାଇଲେ ତ ନଈବାଲି ସରିଯିବ । ଲଳିତ ଯେତେ ବୁଝାଇଲେ ବି ପ୍ୟାରୀ ଅବୁଝା ରହିଲା ।

"ସ୍ତ୍ରୀମାନଙ୍କୁ ବଳଦ ଭଳି ଖଟାଇବା କ'ଣ ଉଚିତ ?" ପ୍ୟାରୀ ପ୍ରଶ୍ନ କଲା ।

"କିଏ ଖଟାଉଛି ? ଅବସ୍ଥା ଦେଖି ବ୍ୟବସ୍ଥା । ରାଉରକେଲାରେ ସବୁକଥା ଅଜବ । ପେଟ ପୋଷ, ନାହିଁ ଦୋଷ ।"

ଏମିତି ଯୁକ୍ତିତର୍କ ଭିତରେ ଦୁହେଁ ମଧ୍ୟରୁ ବାହାରି ଆସିଛନ୍ତି କି ନାହିଁ ଖୁବ୍ ଗୋଟାଏ ହୈ ଚୈ ଶୁଭିଲା । ପ୍ୟାରୀକୁ ଶୁଭିଲା, ଯେମିତି କିଏ କହିଲା, ମାରିଦେଲା, ମାରିଦେଲା । ଆଗରେ ୧୫ କି ୨୦ ଲୋକ ରୁଣ୍ଡ, ବଡ଼ ରାସ୍ତାରେ ।

ଜାଣିବାର ପ୍ରବଳ ଇଚ୍ଛା ଦୁହିଁଙ୍କୁ ଘଟଣା ଯାଗାକୁ ଟାଣି ନେଲା । ଘେରି ରହିଥିବା ଲୋକେ ଚୁଁ ଚାଁ ହେଉଛନ୍ତି, ଆହା ବିଚରାର ଶେଷ ବେଳ ଆସିଗଲା ।

କ'ଣ ହୋଇଛି ? କ'ଣ ହୋଇଛି ? ପ୍ୟାରୀ ବାରମ୍ବାର ପଚାରିଲା । ଉତ୍ତର ଆସିଲା କେବଳ ଦୁଇଟା ଶବ୍ଦ—ଷ୍ଟାବିଙ୍ଗ୍ କେଶ୍ । ଛୁରୀ ଭୁଷିଲା, କିଏ ଭୁଷିଲା, କାହିଁକି ଭୁଷିଲା—ଏମିତି କେତେ ପ୍ରଶ୍ନ ପ୍ୟାରୀ ପଚାରିଗଲା । କେହି ଉତ୍ତର ଦେଉ ନାହାନ୍ତି । ପ୍ୟାରୀ ଚାହିଁଛି ଲଳିତ ମୁହଁକୁ । ଲୋକଟାଏ ପଡ଼ିଛି, ହୋସ୍ ନାହିଁ, ପିଠିରୁ ତିନି ଚାରି ଜାଗାରୁ ଅଜସ୍ର ରକ୍ତଧାର ଛୁଟିଛି ।

ଗହଳି ଭିତରେ ସେମାନେ ଆଗେଇଲେ । କମ୍ପୁଟ୍ ଲୋକ କେହି ଠିଆ ହୋଇ ରହୁନାହାନ୍ତି । ପ୍ରତ୍ୟେକ କହୁଛନ୍ତି, ଚାଲ, ଚାଲ, ଠିଆ ହେଲେ ସାକ୍ଷୀ ହେବାକୁ ପଡ଼ିବ ।

ଏମାନେ ସାକ୍ଷୀ ସାକ୍ଷୀ କ'ଣ ହେଉଛନ୍ତି ? ଲଳିତକୁ ଚାହିଁ ପ୍ୟାରୀ ପଚାରିଲା ।

ଆରେ । ଜଣିଷ କ ଘଟଣାଟିଏ ଦେଖିଲେ ସାକ୍ଷୀ ହେବୁ ନାହିଁ ? ଏମାନେ ଡରୁଛନ୍ତି ସାକ୍ଷୀ ହେଲେ ଦିନ୍ ଥାନାକୁ ଦଉଡ଼ିବାକୁ ପଡ଼ିବ । ମର୍ଡ଼ର କେଶ୍ । କେତେ ଦିନେ ଛୁଟିବ କିଏ ଜାଣେ । ଥାନା ଆଉ କଚେରୀକୁ ଯାଇ ଯାଇ ତଳିପା ଫାଟି ହୋଇଯିବ ।

"ସାକ୍ଷୀ ହେବନି ବୋଲି କ'ଣ ଲୋକଟାକୁ ମରିବାକୁ ଛାଡ଼ିଦେବା ?" ପ୍ୟାରୀର କୋମଳ ମନ ଦୋହଲିଗଲା । କେହି ଆଗେଇ ନ ଆସିଲେ ବି ତୁମେ ଟିକେ ନେଇଚାଲ । ଡାକ୍ତରଖାନାରେ ଶୀଘ୍ର ନ ପହଞ୍ଚିଲେ ଲୋକଟା ଯେ ମରିଯିବ !

ଲଳିତ ଜାଣେ, ଏ ଛକରେ ରିକ୍ସା କି ଅଟୋରିକ୍ସା ମିଳେ ନାହିଁ । ଆଉ ଆଗକୁ ଯିବାକୁ ପଡ଼ିବ । ଏତେ ବାଟ ନେବା କିପରି ? ଇଚ୍ଛା ନଥିଲେ ବି ଲଳିତ ନଇଁ ପଡ଼ିଲା, ଲୋକଟିର କାଖତଳେ ଦୁଇ-ହାତ ପୂରାଇ ଟେକିବାକୁ ଚେଷ୍ଟାକଲା । ଖୁବ୍ ଓଜନ । ଶରୀର ନିସ୍ପନ୍ଦ ହୋଇଗଲେ ଓଜନ କେତେ ବଢ଼ିଯାଏ ? ଦୁଇ ତିନି ଥର ଚେଷ୍ଟାକରି ଲଳିତ ଛାଡ଼ିଦେଲା । "ଆଉ ଥରେ ଦେଖ ।" ପ୍ୟାରୀ କହିଲା । ଲୋକ-ଗୁଡ଼ାକୁ ଦେଖାଇ କହିଲା, "ଭାଇମାନେ ଟିକେ ସାହାଯ୍ୟ କର ।" ସମସ୍ତେ

ଏଠି ଦର୍ଶକ । ନିଜ ନିଜ ଧନ୍ଦାରେ ଯାଉଁ ଯାଉଁ ଗୋଟିଏ ଦେଖିବା ଜିନିଷ ମିଳିଯାଇଛି ବୋଲି ଅଟକି ଯାଇଛନ୍ତି ।

"ମରିଗଲି, ମରିଗଲି"— ଲୋକଟାର କ୍ଷୀଣସ୍ୱର ଶୁଭିଲା ।

"ଚେତା ଫେରିଲାଣି । ଲୋକଟାକୁ ବଞ୍ଚାଇବାକୁ ଚେଷ୍ଟା ନ କରି ପଳାଇବା କିପରି ?" ପ୍ୟାରୀର ଅନୁନୟ ବିନୟ ଲଳିତ ଏଡ଼ାଇ ପାରିଲା ନାହିଁ । "ହେ ରିକସା, ହେ ରିକ୍ସା"—ଚାଲିଯାଉଥିବା ଗୋଟିଏ ରିକ୍ସାକୁ ଲଳିତ ଡାକିଲା ।

ରିକ୍ସାବାଲା ମନା କରିଦେଲା । ଡାକ୍ତରଖାନା ଯିବ—ପଚାଶିଆ କ୍ଷଣି ସମସ୍ତେ ମୋତେ ଭୁଲିଯିବ, ରୋଗୀ ଧରି କାଜୁଆଲଟିରେ ପଶିଯିବ । ଆଉ ମୁଁ ? ମୋର ପଇସା ଦେବ କିଏ ? ଏମିତି ଗୁଡ଼ାଏ ବକି ବକି ରିକ୍ସାବାଲା ଚାଲିଗଲା ନିଜ ରାସ୍ତାରେ ।

"ମକରମ । ତତେ ଦେଖି ଦେବି ।" ଖୁବ୍ ଜୋରରେ କହିବାକୁ ଚେଷ୍ଟାକରି ଆହତ ଲୋକଟି ଉଠୁ ଉଠୁ ତଳେ ପଡ଼ିଗଲା ।

କିଛି ବୁଝି ପାରିଲା ନାହିଁ ପ୍ୟାରୀ । ସେ କ'ଣ କହୁଛି ? ପ୍ୟାରୀ ପ୍ରଶ୍ନ କଲା ।

"ଏ ସବୁ ଗ୍ୟାଙ୍ଗୱାର ।" ଦର୍ଶକମାନଙ୍କ ଭିତରୁ କିଏ ଜଣେ କହିଲା । ପ୍ୟାରୀ ଖାଲି ଲଳିତ ମୁହଁକୁ ଚାହିଁଥାଏ । ଚାହାଣିରେ ସେହି ଅନୁନୟ—ଲୋକଟାକୁ ଟେକିନିଅ ।

ଲୁହାଗେଟର, କି ଗୁଣ୍ଡାଦଳ—ଏମାନଙ୍କ ଭିତରେ ଝଗଡ଼ା ଲାଗିଲେ କେଳେ କେଳେ ଏମିତି ଘଟିଥାଏ । ଏଗୁଡ଼ାକୁ ବୁଝାଇ ପ୍ୟାରୀକୁ ସନ୍ତୁଷ୍ଟ କରିହେବ ନାହିଁ । ଖାଲି ସମୟ ନଷ୍ଟ ହେବ ସିନା !

"ଏମିତି ଛାଡ଼ିଗଲେ, ଲୋକଟା ମରିଯିବ ।" ପ୍ୟାରୀର ସେହି କଥା ।

ଲଳିତ ନଇଁପଡ଼ି ଅଣ୍ଟାତଳେ ହାତ ଦ'ଟା ରଖି ଏକାନିଶ୍ୱାସକେ ଲୋକଟାକୁ ଉଠାଇ ନେଲା । ଠିଆ ଲୋକଟାକୁ ବାଁ ପାଖ କରି ତା'ର

ଡାହାଣ ହାତକୁ ନିଜ ବେକ ସ୍କାର୍ଫରେ ଗୁଡ଼ାଇ ଧରିଲା । ଧୀରେ ଧୀରେ ଚାଲିବାକୁ ଚେଷ୍ଟାକଲା ।

ଲଳିତର କମିଜଟା ରକ୍ତରେ ଜୁଡ଼ୁବୁଡ଼ୁ ହୋଇଗଲାଣି । ପ୍ୟାରୀ ପଛେ ପଛେ ଚାଲିଛି, ଦୁଇଟି ସାଇକେଲକୁ ବାଁ । ଡାହାଣ ହାତରେ ଧରି ।

ଆଠ ଦଶ ପାଦ ନ ଯାଉଣୁ ବେଶ୍ ଭେଣ୍ଡିଆ ଲୋକଟାଏ ମାଡ଼ି ଆସିଲା । କେଉଁଠୁ ଆସିଲା, ପ୍ୟାରୀ ଜାଣି ପାରିଲା ନାହିଁ ।

"ଛାଡ଼, ମୁଁ ନେବି ।" ଆହତ ଲୋକଟିକୁ ନେବାପାଇଁ ସେ ଝଗଡ଼ା କଲା । ଏତେ ଓଜନରୁ ରକ୍ଷା ପାଇଗଲା ଭଳି ଲଳିତ ଶରୀରଟାକୁ ଆଗନ୍ତୁକକୁ ଧରାଇଦେଲା ।

ଆହତ ଲୋକଟାର ହଠାତ୍ ଗୁଡ଼ାଏ ଶକ୍ତି କେଉଁଠୁ ଆସିଲା କେଜାଣି—ଛୁଆଡ଼ହୋଇ ଆଗନ୍ତୁକର ହାତରୁ ବାହାରି ଯିବାକୁ ଚେଷ୍ଟା-କଲା । ଠାଏଁ କରି ଗୋଟାଏ ଶବ୍ଦ ଶୁଭିଲା ପ୍ୟାରୀକୁ । ଆଗନ୍ତୁକର ଚଟ୍‌କଣାରେ ଆହତ ଲୋକଟି କଣ୍ଢେଇ ହୋଇ ତଳେ ପଡ଼ିଗଲା । ତା'ର ଯେପରି ସବୁ ଶେଷ ହୋଇଗଲା । "ଏଥର କୋଉ ଶଳା ଡାକ୍ତରଖାନା ନେବ ଦେଖିବି—" ଆଗନ୍ତୁକଟି ଖୁବ୍ ଜୋର୍‌ରେ ଚିତ୍କାର କଲା ।

ସାଇକେଲ ଛାଡ଼ି ପ୍ୟାରୀ ଦୌଡ଼ିଗଲା ଲଳିତ ପାଖକୁ । ମୁଣ୍ଡରେ ଚଡ଼କ ପଡ଼ିଲା ପରି ତାକୁ ଲାଗିଲା ।

"କ'ଣ ଆଉ କିଛି ବିପଦ ଅଛି ?" ଲଳିତ ପଚାରିଲା । "ତୋର ପାଗଳାମି ଯୋଗୁ ଏ କାଣ୍ଡ ଘଟିଗଲା ।"

"ଜାଣୁ ଜାଣୁ ମରିବାକୁ ଛାଡ଼ି ଦେଇଥାନ୍ତେ ?" ପ୍ୟାରୀ କହିଲା । "ଯଦି ମୁଁ ଠେଲି ପାରିଥାନ୍ତି, ତୁମକୁ କାହିଁକି କହିଥାନ୍ତି ?"

ଆମେ ଆମ ରାସ୍ତାରେ ଯାଇଥିଲେ, ବରଂ ଲୋକଟା ଆଉ କେତେ ମିନିଟ ବଞ୍ଚି ପାରିଥା'ନ୍ତା । ହୁଏତ ତା ଗ୍ୟାଙ୍ଗର ଲୋକ ଆସି

ଉଦ୍ଧାର କରିଥାନ୍ତେ । ରକ୍ତଭିଜା କାମିଜଟାକୁ ଓହ୍ଲାଉ ଓହ୍ଲାଉ ଲଳିତ କହିଲା । "ଏଣିକି ଯଦି ଏମିତି କାହାକୁ ସାହାଯ୍ୟ କରିବାକୁ କହୁ, ତୁ ତୋ ରାସ୍ତା ଆଉ ମୁଁ ମୋ ରାସ୍ତା ଧରିବି ।" ଏତକ କହି ଲଳିତ ସାଇକେଲ ଚଢ଼ି ପେଡ଼ାଲ ମାରିଲା ।

ପ୍ୟାସି ଭାବୁଥିଲା, ସେ ବର୍ତ୍ତମାନ ରାଉରକେଲାରେ, ଗାଁରେ ନୁହେଁ ।

# ଦ୍ୱାର ବନ୍ଦ

ଇସ୍ପାତ କାରଖାନା କ୍ୟାଣ୍ଟିନରେ ପ୍ରତିଦିନ ଦଶ ବାର ହଜାର ଲୋକ ଖାଆନ୍ତି । ଏଥିପାଇଁ ଯେତେ ପରିବାପତ୍ର ଦରକାର, ରଘୁ ନାଏକ ଯୋଗାଏ । ଇସ୍ପାତ କାରଖାନା ଯେତେ ପୁରୁଣା, ତା'ର ଏ ଠିକାଦାରୀ ବି ତେତେ ପୁରୁଣା । ତା' ଗୋଦାମକୁ ପଶିଗଲେ ଦେଖିବ, ପଚୁ କଳା ଆଳୁଠାରୁ ଆରମ୍ଭକରି ଲାଲ ଟକଟକ ବିଟ୍ ପର୍ଯ୍ୟନ୍ତ ସବୁପ୍ରକାର ପରିବା କୁଡ଼ କୁଡ଼ ହୋଇ ଜମା ହୋଇଥିବ । ପଚୁ ଆଳୁ କି ପରିବାର ଗନ୍ଧ ତାକୁ ବୋଧହୁଏ ଭଲ ଲାଗେ । ରଘୁ ତୁମ ପାଖ ଦେଇ ଚାଲିଗଲେ, ତୁମେ ଭାବିବ ପରିବା ବସ୍ତାଟିକୁ କିଏ ବୋହି ନେଇଗଲା କି ? ତା' ଧୋତି ଜାମାରେ ଏ ଗନ୍ଧସବୁ ନଥିଲେ ତାକୁ ବୋଧହୁଏ ଅସୁଖ ଲାଗେ ।

ଦୁନିଆରେ ଭଲ ମନ୍ଦ ଅଛି; କିନ୍ତୁ ରଘୁ ନାଏକର ସବୁବେଳେ ଭଲ । ବର୍ଷେ ବର୍ଷେ ଫସଲ ଖରାପ ହୁଏ । ରଘୁର ଗୋଦାମ ଖାଲି ପଡ଼ିଯାଏ, ଖାଁ ଖାଁ କରେ । ତା' ମୁହଁଟା ଟିକେ ଶୁଖିଯାଏ । କିନ୍ତୁ ରୋଜଗାର କମେ ନାହିଁ । ଦର ବଢ଼ାଇ ଦିଏ ।

ଫସଲ ଭଲ ହେଲେ ଗୋଦାମ ସିନା ଭରି ଉଠେ, କିନ୍ତୁ ରଘୁ-ନାଏକକୁ ଅଡ଼ୁଆ ଲାଗେ । ବର୍ଷ ଆରମ୍ଭରେ ଠିକାଦାରୀ ପାଇଁ ଇସ୍ପାତ କାରଖାନା କ୍ୟାଣ୍ଟିନ କର୍ତ୍ତୃପକ୍ଷ କୋଟେସନ ମାଗନ୍ତି । ଯା'ର ଦର ସବୁଠାରୁ କମ୍ ହୁଏ, ତାକୁ ହିଁ ପରିବା ଯୋଗାଇବା ଠିକାଦାରୀ ମିଳିବା କଥା । ଭଲ ଫସଲ ବର୍ଷ ବାହାର ଲୋକେ ଏଲ୍ ୱାନ୍ ($L_1$) କୋଟେସନ ଦିଅନ୍ତି, ରଘୁ ନାଏକ ଦର ଏତେ କମାଏ ନାହିଁ । ନୂଆ ନୂଆ ଆସି ସେମାନେ ବଜାରର ନାଡ଼ି ଜାଣି ନଥାନ୍ତି, କମ୍ ଦର

କୋଟେସନ ଦେଇ ନିଆଁକୁ ଡେଇଁ ପଡ଼ନ୍ତି । ରଘୁର ଇଚ୍ଛାହୁଏ, ସେଇମିତି ଛୁଡ଼ିଦିଅନ୍ତା, ଥରେ ଏ ଲୋକଗୁଡ଼ା ଚେଙ୍କି ଯା'ନ୍ତେ । କିନ୍ତୁ ଗ୍ୱେରକୁ ଅଭିମାନ କରି ଘରକୁ ତ ଅନ୍ଧାର ରଖିହେବ ନାହିଁ ! ରଘୁ ସେମାନଙ୍କ ସାଙ୍ଗରେ ଗୋଟିଏ ବୁଝାମଣା କରିନିଏ । କାହାକୁ ଦୁଇ ତିନି ଶହ ଦେଇ ଏହି ପ୍ରତିଯୋଗୀତାରୁ ଓହରି ଯିବାକୁ ଫୁସୁଲାଏ ତ, କାହାକୁ ଧମକ ଚମକ ଦେଇ ଦୂରେଇ ଦିଏ । ତା ତାକତ ଜାଣି ନଥିବା କେହି ବାହାର ଲୋକ ଆଗେଇ ଆସି ଏଲ୍ ୱାନ୍ ହେଲେ, ସେ ସଞ୍ଜ ସଞ୍ଜୁଆ ରାସ୍ତାଘାଟରେ ଗୁଣ୍ଡା ଲଗାଇ ଗୁଡାଏ ଛେଚି ଦେବାକୁ ପଛାଏ ନାହିଁ । କଳେ ବଳେ କୌଶଳେ, ଯେନତେନ ପ୍ରକାରେଣ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ତଡ଼ିଦେବାକୁ ପଡ଼ିବ ।

ତେଣେ ଅନ୍ୟ ପକ୍ଷକୁ ବି ଦେଖିବାକୁ ପଡ଼ିବ । ଅଫିସରମାନେ ଯେତେ ଅଭାବରେ ଥିଲେ ବି ବେଳେବେଳେ ସଚ୍ଚୋଟପଣିଆ ଦେଖାନ୍ତି । ନିୟମ କହୁଛି, ଏଲ୍ ୱାନ କୋଟେସନକୁ ପ୍ରଥମେ ବିଚାର କରିବା କଥା । ପୁରୁଣା ଠିକାଦାର ହିସାବରେ ରଘୁ ନାଏକକୁ ଡକାଯାଏ, କଥାବାର୍ତ୍ତା କରାହୁଏ, ସେ ଏଲ୍ ୱାନ ରେଟ୍‌ରେ ଦେଇ ପାରିବକି ? ସେ ବୁଝାଏ । ତା'ର ଆଧୁନିକ ଧରଣର ଗୋଦାମ ଅଛି । ବର୍ଷସାରା ପରିବା ଯୋଗାଇବା ପାଇଁ ଶୀତଳ ଭଣ୍ଡାରରେ ଭଡ଼ା ଦେଇ ଆଳୁ ଓ କେତେ ଶୀତଦିନିଆ ପରିବା ରଖୁଛି । ଗାଁରୁ ସବୁଦିନେ ପରିବା ଆଣିବା ପାଇଁ ଲୋକ ରଖିଛି । ଏଥିରେ ତ ପୁଣି ଖର୍ଚ୍ଚ ଅଛି ? ହେଇ ସେ ବର୍ଷ କେମିତି ବଜାରରେ ପିଆଜ ମିଳୁନଥିଲା ବେଳେ ସେ ବୋଲି ସିନା ଯୋଗାଇ ପାରିଲା ! ଖାଲି ଦର କମ୍ କରିଦେଲେ କଥା ସରିଯାଏ ନାହିଁ; ଜିନିଷ ମିଳିବା ଦରକାର ।

ଏତେ ଯୁକ୍ତି ପରେ ବି ଜଣେ ଜଣେ ଅଫିସର ଅଧିକା ଦାମ ଦେବାପାଇଁ ରାଜି ହୁଅନ୍ତିନାହିଁ । ତିନିକି ତିନିହେଁ ଅଫିସର ହଁ ନକଲେ ତ ଠିକାଦାରି ମିଳିବନାହିଁ ! ତେତେବେଳେ କି କି ଉପାୟ ଲଗାଇବାକୁ ପଡ଼ିବ, ରଘୁ ନାଏକକୁ ଜଣା । ସେ ଜାଣେ ଯେଉଁ ଅଫିସର ସାଧୁ

ସଚ୍ଚୋଟ, ତାକୁ ଡରିବା ଦରକାର ନାହିଁ । ସେ ନିୟମ ଦେଖି ଚାଲିବ । ତାଙ୍କୁ ଦେଲେ ସେ ନେବ ନାହିଁ କି ନଦେଲେ ରାଗିବ ନାହିଁ । ସେମିତିକା ଲୋକ ବିନା, ଭଲ କିନ୍ତୁ ବ୍ୟବସାୟ ବାଣିଜ୍ୟ କାମରେ ଆସନ୍ତି ନାହିଁ । ଲାଞ୍ଚ, ଘୂସ୍ ନେଉଥିବା ଅଫିସର ଯେତିକି ଖରାପ, ସେତିକି ଭଲ । ସେ ସବୁବେଳେ ଖୋଜୁଥିବ କେଉଁଠୁ ଦି'ପଇସା ଉପୁରି ମିଳିବ । ଲହଡ଼ି ଗଣିବା କାମ ଦେଲେ ବି ସେ ନିଜର ଦି' ପଇସା ଆଦାୟ କରିନେବ । କିଏ ଲାଞ୍ଚ ନଦେଲା ତା'ଉପରେ ରାଗ, ଆଇନ କାନୁନ ଦେଖାଇ କାମ ଭଣ୍ଡୁର କରିଦେବ । ପଇସାଦିଅ, କାମଟା କରିଦେବା ପାଇଁ ସେ ଆଇନ କାନୁନକୁ ମୋଡ଼ମାଡ଼ ଠିକ୍ କରିଦେବ । ଏଥିରେ କ୍ଷତି କ'ଣ ? ପାଞ୍ଚପଇସା ଖର୍ଚ୍ଚ କରି ଯଦି ପାଞ୍ଚଟଙ୍କାର କାରବାର ମିଳିଲା, ସେଟାତ ଲାଞ୍ଚ ନୁହେଁ ! ରଘୁ ଭାବେ—ଏ ଗୋଟାଏ ପୁଞ୍ଜି ଲଗାଣ ବ୍ୟବସ୍ଥା । ଏ ଇନ୍‌ଭେଷ୍ଟମେଣ୍ଟ ସୁଧ ମୂଳ ନେଇ ଫେରିବ । ମଝିରେ ମଝିରେ ବସ୍ତାଏ ଆଳୁ କି ଠେକାଏ ମିଠା ତାଙ୍କ ଘରକୁ ପଠାଇଲେ କ୍ଷତି କ'ଣ ? ଅଫିସରଙ୍କ ପୁଅ ଝିଅର ବିବାହ ବ୍ରତରେ ଭୋଜି ଖର୍ଚ୍ଚଟା ସମ୍ଭାଳିନେବା ଏଥିପାଇଁ ଗୋଟିଏ ଗୋଟିଏ ସୁଯୋଗ ।

ବାରମ୍ବାର କାରବାର କରି ରଘୁ ସବୁ ଅଫିସରଙ୍କ ଅଭ୍ୟାସ, ବଦଭ୍ୟାସ, ରୁଆବ ଓ କମଯୋର—ସବୁ ଜାଣି ସାରିଛି । ଇସ୍ପାତ କାରଖାନାରେ ସେମାନଙ୍କ ବଦଳା ବଦଳି ବେଶି ନାହିଁ । ନୂଆ ଅଫିସର ଆସିଲେ ପ୍ରଥମେ ପ୍ରଥମେ ଅସୁବିଧା ହୁଏ । ଥରେ ଜଣେ ଅଫିସର ଆସିଲେ, ତାଙ୍କର ସମବାୟରେ ଭାରି ବିଶ୍ୱାସ । ସେ କହିଲେ ସମବାୟ ସବ୍‌ଜି ଭଣ୍ଡାରରୁ ପରିବାପତ୍ର କିଣାଯାଉ । ରଘୁ ଦେଖିଲା ଥରେ ହୁଡ଼ିଲେ ବରଷେ । ପୁଣି ଯଦି ସମବାୟ ଭଣ୍ଡାର ଠିକ୍ ଚଳାଇ-ନେଲା, ଆର ବର୍ଷକୁ ଆଉ କ'ଣ ରଘୁକୁ ପଚାରିବେ ?

ରଘୁ ନାୟକ କାଣ୍ଟିନ ଅଫିସର ଆଉ ଆକାଉଣ୍ଟ ଅଫିସରଙ୍କୁ ଧରିନେଲା । କାକୁତି ମିନତି କରି କହିଲା—ନୂଆ ରୂପରେ ଆଳୁ, ବଡ଼ ଠେକରେ ମିଠା ଭେଟି ଦେଲା । ସେହି ଅଫିସରମାନେ ଯୁକ୍ତି କଲେ । ସମବାୟ ଭଣ୍ଡାରରୁ ପରିବା କିଣି ଇସ୍ପାତ କାରଖାନାର ବିଶୃଙ୍ଖଳିତ

ଶ୍ରମିକମାନଙ୍କୁ ସମ୍ଭାଳି ହେବନାହିଁ । ଠିକ୍ ଟାଇମରେ ଏମାନେ ଜିନିଷ ଯୋଗାଇ ପାରିବେ ନାହିଁ । ସମବାୟ ସମିତି ହେଲା ବାରଭାଇ ଆଖଡ଼ା । ଦରକାର ବେଳେ କେହି ଧରାଛୁଆଁ ଦେବେ ନାହିଁ । ଖାଲି ଆଳୁ ପଗ ସପ୍ତାହକୁ ଦଶ କୁଇଣ୍ଟାଲ ଦରକାର ! କେବଳ ତେତିକ ଯୋଗାଇବାକୁ ସମବାୟ ଭଣ୍ଡାରର ଗୋଦାମ ନାହିଁ । ସେମାନେ କ'ଣ ପ୍ରତିଦିନ ମାଲଗୋଦାମରୁ ଜିନିଷ କିଣି ଆମକୁ ଯୋଗାଇବେ ? ଠିକ୍ ସମୟରେ ରୋଷେଇ ହୋଇ ପାରିବନାହିଁ । କାଣ୍ଟିନ ଅଫିସର ସାଙ୍ଗକୁ ଆକାଉଣ୍ଟସ୍ ଅଫିସର ବି ତାଳ ଦେଲେ । ଜିନିଷପତ୍ର ଦର ବଢ଼ିଲେ ସମବାୟ ଭଣ୍ଡାର ପଛଘୁଞ୍ଚା ଦେବ । ସେତେବେଳେ ପୁଣି ଏହି ରଘୁ ନାଏକକୁ ଖୋଜିବା । ଯଦି ଖୋଲାବଜାର ଦରରେ କିଣିବା, ସମବାୟ ନାଁରେ ଆମକୁ ଅଯଥା ବହୁତ ଖର୍ଚ୍ଚ କରିବାକୁ ପଡ଼ିବ । ରଘୁ ନାଏକର ଗୋଟିଏ ନାଁ ହୋଇଗଲାଣି । ନିଜର ବଦନାମ ନକରିବା ପାଇଁ ଯେନତେନ ପ୍ରକାରେଣ ଜିନିଷପତ୍ର ଯୋଗାଇବ । ସମବାୟ ଭଣ୍ଡାରତ ଏଭଳି ଦାୟିତ୍ୱବୋଧ ଦେଖାଇବ ନାହିଁ ? ରଘୁ ନାଏକ ତା ଅମାନତ ହରାଇବାକୁ ଡରିବ, କିନ୍ତୁ ସମବାୟ ଭଣ୍ଡାରର କି ଯାଏ ? ଏତେ ଯୁକ୍ତି ଆଗରେ ନୂଆ ଅଫିସର କପରି ଅବା ସମବାୟ ଭଣ୍ଡାରକୁ ଠିକାଦାରୀ ଦେବାକୁ କହନ୍ତେ ? ସେଥର ରଘୁ ନାଏକ ଠିକାଦାରୀ ପାଇଲା । ସବୁଦିନ ପାଇଁ ସମବାୟ ଭଣ୍ଡାରର ପ୍ରତିଯୋଗିତା କଟିଗଲା ।

ଏଇମିତି କଳେ ବଳେ କୌଶଳେ ରଘୁ ନାଏକ ତା'ର କାରବାର ବଢ଼ାଇବାରେ ଲାଗିଛି । ପାଖ ଗାଁରେ ଦଶ ବାର ଏକର ଜମି କିଣିଛି । ତିନି ତିନିଟା ହରିଆନା ଗାଈ, ଦୁଇ ଦୁଇଟା ମଇଁଷି ରଖି ଦୁଧ ଘିଅରେ ଭାସୁଛି । ସ୍ତ୍ରୀ ଆଉ ପାଞ୍ଚଟା ପିଲା ଖାଇପିଇ ବେଲୁନ ଭଳି ଫୁଲିଯାଉଛନ୍ତି । ରଘୁ ନାଏକ ନିଜେ ତ ଗୋଟିଏ ଟିଙ୍କ, ଟିପ ମାରିଦେଲେ ଯେମିତି ରକ୍ତ ବାହାରି ପଡ଼ିବ । ତା'ର ସ୍ତ୍ରୀର ବନାରସୀ, କାଞ୍ଜିଭରମ ଶାଢ଼ୀ କି ନିଦା ସୁନାର ଗହଣା କଥା ନକହିଲେ ଭଲ । ରଘୁ ନାଏକର ଦଶଟା ଆଙ୍ଗୁଳି ଦେଖନା, କେଉଁଥିରେ ଗୋଟାକରୁ କମ୍ ସୁନାମୁଦି ଅଛି କି ? ଗଛରେ ଯେମିତି ପ୍ରତିବର୍ଷ ଗୋଟିଏ ଲେଖାଏ ପରସ୍ତ ଚୋପା ଢେର ହୋଇ ବୟସ

ବୃଦ୍ଧି ଜଣାଏ, ରଘୁ ନାଏକର ଆଙ୍ଗୁଠିରେ ମୁଦର ସଂଖ୍ୟା ତା'ର ଠିକାଦାରର ବୟସ ଜଣାଇଥାଏ ।

ଦିନସାରାକର କାମ ସାରି ଘରକୁ ଫେରିଲେ ରଘୁନାୟକ ଲୁହା ସିନ୍ଦୁକ ପାଖରେ ବସିଯାଏ । ନୋଟ ଆଉ ପଇସାଗୁଡ଼ାକ ଗଣିବାରେ ବ୍ୟସ୍ତ ରହେ । ମହାଜନୀ କାରବାରରେ ଯେଉଁ ଟଙ୍କା ଲଗାଇଥାଏ, ତା'ର ହିସାବ କରେ । ଲୁହା ସିନ୍ଦୁକ ଥିବା ଘରେ କେବଳ ରଘୁନାଏକର ପ୍ରବେଶ । କେବେକେବେ ତା ସ୍ତ୍ରୀ ପ୍ରବେଶ କରେ । ଏଥିପାଇଁ ପୂର୍ବରୁ ରଘୁର ଅନୁମତି ନେବାକୁ ପଡ଼େ । ନହେଲେ ରଘୁ ପ୍ରବେଶ କଲାକ୍ଷଣି ଭିତରୁ କବାଟ ବନ୍ଦ ହୋଇ ଯାଇଥିବ ଯେ । କେହି ଖାତକ ଆସିଲେ ବାହ୍ୟ ଘରେ କାରବାର ହୁଏ । ଥରକେ ଏକାଧିକ ଲୋକ ଋଣ କାରବାର ପାଇଁ ଆସୁଥିବାର ଦେଖାଯାଏ ନାହିଁ । ଯଦି ଆସନ୍ତି, ଜଣକର କାମ ନସରିଲା ଯାଏ ଅନ୍ୟମାନେ ବାହ୍ୟ ପିଣ୍ଡାରେ ବସି ରହନ୍ତି । କୋର୍ଟ କଚେରୀରେ ସାକ୍ଷୀ ବା ମୁଦାଲଙ୍କୁ ଡାକ ହେଲାଭଳି ରଘୁ ନାଏକ ମହାଜନର ଦରବାରକୁ ଜଣକ ପରେ ଜଣେ ଡକାଯାଏ ।

ଦିନେ ମୁହଁ ସଞ୍ଜ ନହେଉଣୁ ରଘୁ ନାଏକ କାଣ୍ଡିନ ଅଫିସରୁ ଫେରୁଥାଏ । ପଛରୁ ଡାକ ଶୁଭିଲା—ରଘୁବାବୁ ରଘୁବାବୁ—

ବୁଲି ପଡ଼ି ରଘୁ ଦେଖିଲା, "ଆରେ ବଡବାବୁ ଯେ ! ଏମିତି ଧଁ ସଁ ହୋଇ ଦଉଡୁଛନ୍ତି କାହିଁକି ? ଆଜି ତ ଅଫିସରେ ଆପଣ ନଥିଲେ ?

"ମୁଁ ଆଜି ଛୁଟିରେ ଅଛି । ଗୋଟିଏ ଜରୁରୀ କଥା ନେଇ ଆସିଛି । ତୁମକୁ ଘରେ ନପାଇ ଖୋଜି ଖୋଜି ଏଠି ।"

"କଥା କ'ଣ ! କୁହନ୍ତୁ ।" ରଘୁ ନାଏକ ଭାବିଲା ବଡ଼ବାବୁ ତ କେବେ ଏତେ ଅସ୍ତବ୍ୟସ୍ତ ହେବାର ଦେଖାଯାନ୍ତି ନାହିଁ । ଠିକାଦାରୀ ନିଷ୍ପତ୍ତି ବେଳେ କେତେ ସହଜରେ ନିଜ ଭାଗଟା ନେଇ ନଥାନ୍ତି । ପ୍ରତି ବିଲ୍ ପାସ୍ କଲାବେଳେ ନିଜ ଭାଗଟା ଆଗ ନ ମିଳିଲେ ବିଲ୍‌ରେ ହାତ

ହଉଅଛନ୍ତି ନାହିଁ । ଏସବୁ ମିଳିବା ଯେମିତି ତାଙ୍କ ଚାକିରୀରେ ଗୋଟିଏ ସର୍ତ୍ତ । ଏହି ସର୍ତ୍ତ ନଥିଲେ ବୋଧହୁଏ ସେ ନିଯୁକ୍ତି ପତ୍ରଟାକୁ ପ୍ରତ୍ୟାଖ୍ୟାନ କରିଦେଇଥାʼନ୍ତେ । ଯାହାହେଉ ଏ ଗୁଡ଼ାକ ଭାବି ଲାଭ କʼଣ ? ବଡ଼-ବାବୁଙ୍କୁ ନିରୁତ୍ତର ଦେଖି ରଘୁ ପଚାରିଲା, "କଥା କʼଣ ? ଖୋଲି କହୁ ନାହାନ୍ତି ? ଆପଣ ମୋ ଭିତରେ ଏମିତି ଲୁଚୁଛପା କʼଣ ଅଛି ?

ବଡ଼ବାବୁଙ୍କ ଭିତରୁ କେହି ଯେମିତି କଥାଟାକୁ ଚାପି ଧରୁଛି, ପାଟିରୁ ବାହାରିବାକୁ ଦେଉନି । ରଘୁ ନାଏକ ଏମିତି ପରିସ୍ଥିତି କେତେ ସମ୍ଭାଳିଛି । ସେ କହିଲା "ବ୍ୟସ୍ତ ହୁଅନ୍ତୁ ନାହିଁ । ଚାଲନ୍ତୁ ଆମ ଘରେ କପେ ଚାʼ ଖାଇ ଯିବେ ।"

ବାଟରେ ଯାଉଁ ଯାଉଁ ବଡ଼ବାବୁ ନିଜ କଥା କହିଲେ । ଆଜି ଭଉଣୀର ନିର୍ବନ୍ଧ । ବର ପାତ୍ରଟି ବେଶ୍ ଯୋଗ୍ୟ । ଗ୍ରାଜୁଏଟ୍ ଇଞ୍ଜିନିୟର, ଚାକିରି କରନ୍ତି ଇଲେକ୍ଟ୍ରିକାଲ କାରଖାନାରେ । ଏମିତି ପାତ୍ର ଛାଡ଼ିବା କଥା ନୁହେଁ । ଭଉଣୀ ଏଇବର୍ଷ ବି. ଏ. ପାସ୍ କରିଛି । ଫାଷ୍ଟ ଡିଭିଜନରେ—ସୁଶୀଳାବତୀ ଡି. ଏ. ଭି. ମହିଳା କଲେଜରୁ । ତାʼର ଯୋଗ୍ୟତାକୁ ଚାହିଁ ତ ବର ଦରକାର ? କିନ୍ତୁ କଥାବାର୍ତ୍ତା ଛିଡ଼ାଇବାକୁ ଆସିଥିବା ବରପକ୍ଷ ଲୋକେ ଜିଦ୍‌ଧରି ବସିଛନ୍ତି, ପୁଅକୁ ଗୋଟିଏ ମଟର ସାଇକେଲ୍ ଦେବାକୁ ପଡ଼ିବ । ରୟାଲ ଏନ୍‌ଫିଲ୍‌ଡ଼ । ବାହାଘର ବେଳକୁ ଦେବା ବୋଲି ଯେତେ ବୁଝାଇଲେ ବୁଝୁ ନାହାନ୍ତି । ଆଜି ଡିଲର ପାଖରେ ପୁରା ଦାମ୍‌ଟା ପେଠ ନ କଲେ ସେମାନେ ବିଶ୍ୱାସ କରିବେ କେମିତି ଯେ ମଟର ସାଇକେଲଟା ମିଳିବ ? "ତୁମେ ତ ରଘୁବାବୁ ଜାଣିଛ, ରୟାଲ ଏନ୍‌ଫିଲଡ଼ର ଦାମ ଅଠର ହଜାର ଟଙ୍କା । ଏତେ ଟଙ୍କା ଏତେ ସହଜ କୁଆଡ଼ୁ ଆସିବ ?"

ରଘୁ ନାଏକର ଛାତିଟା ଖୁବ୍ ଜୋରରେ ଉଠ ପଡ଼ ହେଲା । କଂସାରୀ ଘରର ଉହ୍ମେଇକୁ ହାଓ୍ୱା କରିବା ପାଇଁ ଚମଡ଼ା ଥଳିଟା ଏତେ ଜୋରରେ ଉଠ୍ ପଡ଼୍ ହେଉ ନଥିବ । ଥରେ ଟଙ୍କା ଦେଲେ, ରଘୁ ନାଏକ ଫେରସ୍ତ ମାଗିବ କିପରି ? ବିଲ୍ ପାସ୍ କଲାବେଳେ କେମିତି

ନାଚିଲ ବାଜିଲ ହେବାକୁ ପଡ଼େ, ମନେ ପଡ଼ିଲା । ରଘୁନାଏକର ମୁଣ୍ଡ-ଭିତରେ ବିଜୁଳି ବେଗରେ ନାନା ପ୍ରକାର ଚିନ୍ତା ଖେଳିଗଲା । ତା' ଦେହରୁ ବହେ ଝାଳ ବୋହିଗଲା । ନିଜେ ଲାଞ୍ଚ ଦେଇ ଦେଇ ବଡ଼ବାବୁଙ୍କ ମୁହଁ ବଢାଇ ଦେଇଛି । ଏବେ ନାହିଁ କଲେ, ସାତ ସପ୍ତମକୁ ଚାଲିଯିବ । ଲକ୍ଷ ଲକ୍ଷ ଟଙ୍କାର ବିଲ୍ ତ ତିଆରି ହେବ, ପୁଣି ପାଞ୍ଚ କୁଇଣ୍ଟାଲ ଯୋଗାଇ ଦଶ କୁଇଣ୍ଟାଲ ଦେଲି ବୋଲି ଯେପରି ରସିଦ ନେଇ ଆସେ, ସେପରି ଆଣି ହେବକି ? ଦୁନିଆସାରା ରୁଲ୍, ମାଡ଼ିନେଉଥିବା ବଡ଼ବାବୁ ଦେଖେଇବେ । ଅନ୍ୟ ପକ୍ଷରେ ଏତେ ଗୁଡ଼ାଏ ଟଙ୍କା ଗୋଟିଏ ଫୁଙ୍କରେ ଉଡ଼ିଯିବ ? ମହାଜନ କାରବାର ପାଇଁ ପଇସା ଆସିବ କୁଆଡ଼ୁ ? ନ ଦେଲେ ବ୍ରହ୍ମହତ୍ୟା, ଦେଲେ ଗୋହତ୍ୟା । କ'ଣ କରିବ ନ କରିବ, ଏମିତି ଭାବୁ ଭାବୁ ରଘୁନାଏକ ଘରେ ପହଞ୍ଚିଲା । ବାଟଯାକ ବଡ଼ବାବୁଙ୍କ ଯୁକ୍ତି, କେବଳ ରଘୁନାଏକ ହିଁ ତାଙ୍କୁ ଏ ବିପଦରୁ ରକ୍ଷା କରିପାରିବ ।

ବେଳେବେଳେ ଅସୁବିଧାରେ ପଡିଲେ ରଘୁନାୟକ ତା' ସ୍ତ୍ରୀ-ଠାରୁ ବୁଦ୍ଧି ନେଇଥାଏ । ବଡ଼ବାବୁ ଗ୍ଟ' ଖାଉଥିବାବେଳେ ରଘୁନାୟକ ସ୍ତ୍ରୀ ସହିତ ବୁଝାମଣା କଲା । "ଠିକ୍ କହିଛ ! ଅନ୍ୟ କାହାଠୁ ଧାର କରିଦେଲେ, ସମସ୍ୟାଟା ନିଜ ମୁଣ୍ଡକୁ ଏତେ ଘାରିବ ନାହିଁ ।" ସ୍ତ୍ରୀର ବୁଦ୍ଧିକୁ ତାରିଫ୍ କରି ରଘୁ ଫେରି ଆସିଲା ।

"ବୁଝିଲେ ବଡ଼ବାବୁ ! ମୋ ପାଖରେ ଏବେ ପଇସା ନାହିଁ । ଆପଣ ନିଜାମୁଦ୍ଦିନ୍ ମିଆଁଠୁଁ ଲୋନ୍ ନେଇ ନିଅନ୍ତୁ, ସେ ଦେବାକୁ ମନା କରିବ ନାହିଁ । ସୁଝାଇବାରେ ମୁଁ ବି କିଛି କିଛି ସାହାଯ୍ୟ କରିବି ।"

"ସେ ପରା ବନ୍ଧକ ରଖି ଧାର ଦିଏ ? ମୋ ମୁହଁକୁ କାହିଁକି ଗ୍ଟହିଁବ ?"

"ଆପଣ ଜାଣନ୍ତି ନାହିଁ । ସେ ଗୋଟିଏ ସ୍କ୍ରାପ୍ ଡିଲର୍ । ଆପଣଙ୍କ କାରଖାନାର ଭଙ୍ଗାଦଦରା ଲୁହା ବିକି ସେ ବଡ଼ଲୋକ । କେତେ ଅଫିସର ତା'ଠାରୁ ଋଣ ନିଅନ୍ତି ।"

ବଡ଼ବାବୁ କହିଲେ, "ଷ୍ଟ୍ରାପ୍‌ବାଲା, କାଣ୍ଟିନ୍‌ବାଲାକୁ କାହିଁକି ଡରୁଛ ?"

ରଘୁନାଏକ ଅଡୁଆରେ ପଡିଗଲେ । ଅବସ୍ଥାଟାକୁତ ସୁଧାରିବାକୁ ପଡ଼ିବ । "ଆଚ୍ଛା, ମୁଁ ଆପଣଙ୍କ ସାଙ୍ଗରେ ଯିବି । ମୁଁ ସିଓରିଟି ହେଲେ ସେ ମନାକରିବ ନାହିଁ ।

"କ'ଣ ମୋ ଉପରେ ଅବିଶ୍ୱାସ ? ତୁମେ ଯେତେବେଳେ ୫କୁ ୧୦ କୁଇଣ୍ଟାଲ ବୋଲି କୁହ ମୁଁ ଅବିଶ୍ୱାସ କରେ କି ? ନଦେବତ ନାହିଁ କରିଦିଅ । ମୋ ତା' ପାଖକୁ ପଠାଇ ଲଭ କ'ଣ ? ମୁଁ କ'ଣ ଯାଇପାରିବି ନାହିଁ ? ନା ମୋ ଭଉଣୀ ଅଭିଆଡ଼ା ରହିଯିବ ?

ବଡ଼ବାବୁଙ୍କ ଏମିତି ଅଭିମାନଭରା କଥା ରଘୁନାଏକର ହୃଦୟକୁ ଟିକେ ଟହଲାଇଦେଲା । "ବଡ଼ବାବୁ ରାଗନ୍ତୁନାହିଁ । ମୋ ପାଖରେ ଯେତେଥିବ ଦେଇଦେବି । ଆନ୍ଦାଜ ଆଠ ଦଶ ହଜାରରୁ ବେଶି ହେବ ନାହିଁ ।'

"କ'ଣ ମୋତେ ଛୁଆଙ୍କଭଳି ବହଲାଉଛ ? ଦେବତ ପୁରା ଦିଅ । ନଦେବ ତ ନାହିଁ ।" ଏତକ କହି ଡମ ଡମ ହୋଇ ବଡ଼ବାବୁ ଦୁଆରବନ୍ଧ ଡେଇଁ ବାହାରକୁ ଗୋଡ଼ କଢ଼ାଇଛନ୍ତି, ରଘୁନାଏକ ବ୍ୟସ୍ତ ହୋଇ ଧାଇଁ ଆସି ଅଟକାଇଲେ । ରଘୁ ନାଏକ ଜାଣେ ବଡ଼ବାବୁଙ୍କ କ୍ରୋଧ ଦୁର୍ବାସାର କ୍ରୋଧଠାରୁ ବେଶୀ କ୍ଷତିକାରକ । ଋଷି ସିନା ବ୍ରାହ୍ମଣକୁ ଚଣ୍ଡାଳକରି ପକାଉଥିଲେ, କିନ୍ତୁ ଜୀବନରେ ମାରି ଦେଉନଥିଲେ । ବଡ଼-ବାବୁ ରାଗିଲେ ଦାନାଖଣ୍ଡିକ ଆସ୍ତେ ଆସ୍ତେ ଉଭେଇ ଯିବ । ଦେହଟା କଙ୍କାଳସାର ହୋଇ ପଡ଼ିବ ।

"ନାଇଁ ବାବୁ ! ଏମିତି ରାଗ କଲେ କ'ଣ ଭଲ ହେବ ? ବଡ଼ବାବୁଙ୍କ ହାତ ଧରି ରଘୁନାଏକ ଘର ଭିତରକୁ ଟାଣି ନେଲାବେଳେ କହିଲା, ମୋ ପାଖରେ ଯାହାକିଛି ନଗଦ ଥିବ, ସବୁ ଦେଇଦେବି । ଆପଣ ଟିକେ ବସନ୍ତୁ ।"

"ଯାହାଥିବ ମାନେ ଅଠର ହଜାରରୁ କମ୍ ହେଲେ ହେବନାହିଁ । ବନ୍ଧ୍ ଚର୍ଚ୍ଚାରେ ମୋର ସବୁଟଙ୍କା ବରବାଦ । ଭଉଣୀର ଯୌତୁକଟା ତୁମେ ସମ୍ଭାଳି ନଅ ।"

ଆଉ ବାକ୍ୟ ବ୍ୟୟ ନକରି ରଘୁ ନାଏକ ଟ୍ରେଜେରୀ ଘରକୁ ଗ୍ଲଲା । ବଡ଼ବାବୁ ଦାଣ୍ଡଘରେ ବସିରହିଲେ । ଭବୁଥିଲେ କହିବେ, ରଘୁ ବାବୁ ଯଲଦି କରିବେ । ବେଶିଗୁଡ଼ାଏ କହି ବିରକ୍ତ କରିବା ଉଚିତ ନୁହେଁ ବୋଲି ସେ ଚୁପ୍ ରହିଲେ ।

ସମୟ ଗଡ଼ି ଗ୍ଲଲା । ସାଢ଼େ ପାଞ୍ଚଟାରେ ସେ ଘର ଛାଡ଼ିଛନ୍ତି । ଆଠଟା ହେଲାଣି । ବରପକ୍ଷ ଲୋକେ ବସି ରହିଥିବେ । ଯୌତୁକ କଥା ଆଗେ ଛାଡ଼ୁ, ଖାଇବା କଥା ପଛେ । ଏମିତି ଜିଦ୍ ଧରି ସେମାନେ ନଖାଇପିଇ ଫେରିବାକୁ କହୁଥିଲେ । ବଡ଼ବାବୁ ଏ ଯବୁ ଚିନ୍ତାରେ ଅସ୍ତ-ବ୍ୟସ୍ତ । ଏଣେ ରଘୁ ନାଏକ ଫେରୁ ନାହିଁ । ବ୍ୟସ୍ତ ହୋଇ ଘରର ଏପଟ ସେପଟ ଗ୍ଲଲିବା ଆରମ୍ଭ କରିଦେଲେ । ରଘୁ ନାଏକ ଠକି ଦେଲାକି ? ନା, ବେଶି ସମୟ ଅପେକ୍ଷା କରି ଲଭ ନାହିଁ । ତା'ର ପିଲାମାନଙ୍କୁ ଡାକି ପଚାରିବା ଉଚିତ । ଆଉ ଟିକେ ଅପେକ୍ଷା କରି ଦେଖାଯାଉ । କେତେ ଗଳି କନ୍ଦିରେ ଟଙ୍କା ଲୁଚାଇ ରଖିଥିବ ସେ । ସବୁ ଏକାଠି କରିବାକୁ ସମୟ ଲାଗୁଥିବ ।

ସାଢ଼େ ଆଠଟା ହୋଇଗଲା । ବଡ଼ବାବୁ ଆଉ ସମ୍ଭାଳିପାରିଲେ ନାହିଁ । ଭିତର ଘର କବାଟରେ ଠକ୍ ଠକ୍ କଲେ । ରଘୁର ବଡ଼ପୁଅ ବାହାରି ଆସିଲା । 'ବାପା କୁଆଡ଼େ ଗଲେ ?' ବଡ଼ବାବୁ ପଚାରିଲେ ।

"ଆପଣଙ୍କ ପାଖରେ ବସି ଗପ କରୁଥିଲେ ଯେ !" ପୁଅଟି ଉତ୍ତର ଦେଲା । ସାଙ୍ଗେ ସାଙ୍ଗେ ଭିତରକୁ ଫେରିଯାଇ ମା'କୁ ପଚ୍ଚରିଲା—ବାପା କୁଆଡ଼େ ଗଲେ ?

ରଘୁର ସ୍ତ୍ରୀ ଜାଣେ ରଘୁ କେଉଁଠିଥିବ । ସିନ୍ଧୁକଘର କବାଟରେ ଧକ୍କା ଦେଇ ସେ ଡାକିଲା, ଯଲଦି ଆସ, ବାବୁ ବସିଛନ୍ତି ଯେ !

କିଛି ଉତ୍ତର ମିଳିଲା ନାହିଁ । କବାଟ ଭିତରୁ ବନ୍ଦ । ପୁଣି ଧକ୍‌କା । ତଥାପି ଉତ୍ତର ନାହିଁ । ସବୁ ପିଲାମାନେ ଦଉଡ଼ି ଆସିଲେ । ବଡ଼ବାବୁ ବି ପହଞ୍ଚିଗଲେ । ସମସ୍ତେ ମିଳିମିଶି ଧକ୍‌କା ମାରିଲେ । ଭିତରୁ ଜବାବ୍ ନାହିଁ ।

ବଡ଼ପୁଅ ଆଟୁ ଉପରକୁ ଚଢ଼ିଗଲା । ଆଟୁ ତଳ ଝରକାଟିକୁ ଭାଙ୍ଗି ଭିତରେ ପଶିଲା । ଅନ୍ଧାରରେ ଗୋଟିଏ ଟର୍ଚ୍ଚର ଆଲୁଅ ଦିଶିଲା । ତା'ର ଆଲୁଅରେ ବାଟ ବାରି କବାଟଟି ଖୋଲିଦେଲା ।

ସମସ୍ତେ ଭିତରେ ପଶିଲେ । ସିନ୍ଧୁକ ପାଖରେ ଟର୍ଚ୍ଚଟା ପଡ଼ିଛି । ଟିକେ ଦୂରରେ ତିନୋଟି ନୋଟ ବିଡ଼ା ପଡ଼ିଛି । ତା'ଭିତରେ ଗୋଟିଏ ହାତ ଦେଖାଯାଉଛି । ଟର୍ଚ୍ଚ ଉଠାଇବାରୁ ଦେଖାଗଲା, ରଘୁ ନାଏକ ସିନ୍ଧୁକକୁ ଆଉଜି ବସି ରହିଛି ।

ଡାକ୍ତର ଆସି ଦେଖିଲେ । କହିଲେ, ଆକସ୍ମିକ ଧକ୍‌କାରେ ହୃଦ୍‌ଯନ୍ତ୍ର ପ୍ରକ୍ରିୟା ବନ୍ଦ ହୋଇଯାଇଛି । ରଘୁ ନାଏକ ଏ ଜଗତରେ ନାହିଁ ।

ଏତେ ଟଙ୍କା ହାତରୁ ଖସିଯିବ, ଏ ଧକ୍‌କା ରଘୁ ନାଏକର ହୃତ୍‌ପିଣ୍ଡର ଦ୍ୱାରକୁ ସବୁଦିନପାଇଁ ବନ୍ଦ କରିଦେଇଛି ।

□ □

# ଶ୍ରୀମତୀଙ୍କ ଗୁପ

“ସାହେବ ସାଇଟ୍‌ରୁ ଫେରି ନାହାନ୍ତି”—ପିଅନ ଉତ୍ତର ଦେଲା । ସକାଳୁଆ ଅଫିସ । ଖରାବେଳେ ଅଫିସ ସରିଯିବ । ଶ୍ରୀମତୀ ପଟ୍ଟନାୟକ ଆଜି ଖୁବ୍ ମନଲଗାଇ ପଖାଳ କରି ବସିଛନ୍ତି । ଶ୍ରୀ ପଟ୍ଟନାୟକ ଆସିଲେ ସାଙ୍ଗ ହୋଇ ବସିବେ । ସାଙ୍ଗରେ ନଖାଇଲେ ଶ୍ରୀମତୀଙ୍କୁ ଆଜିକାଲି ଭଲ ଲାଗୁନାହିଁ । ଆଜି କଥା ତ ନିଆରା ।

ସୁନା ଗୁପ ଖଣ୍ଡେ ନହେଲେ ବେକଟା ଲଙ୍ଗଳା ଲଙ୍ଗଳା ଲାଗୁଛି । ଦେଖୁନ ଶ୍ରୀମତୀ ସେଠୀ କମିତି ଦେଖାଯାନ୍ତି ? ଶ୍ରୀ ପଟ୍ଟନାୟକ ରାଜି ହୋଇଛନ୍ତି । ଆଜି ଗଢ଼ବାଜ କମ୍ପାନୀ ଦେବ ବୋଲି କହିଥିଲେ । ଶ୍ରୀମତୀ ପଟ୍ଟନାୟକ ସେଥିପାଇଁ ସ୍ୱାମୀଙ୍କ ଫେରନ୍ତା ବାଟକୁ ଚାହିଁ ରହିଛନ୍ତି ।

ଏବେ ପଟ୍ଟନାୟକ ଦମ୍ପତିଙ୍କର ଖୁସି ଦେଖିଲେ କେହି ଭାବିପାରିବ ନାହିଁ ଯେ, ଏ ଦୁହେଁ ଦିନେ କଥା କଥାକେ ଝଗଡ଼ା କରୁଥିଲେ ।

ଚଳେଇ ପାରିବନାହିଁ ତ ବାହା ହେଉଥିଲ କାହିଁକି ? ବିଭାଘର ଛ'ମାସ ଯାଇନାହିଁ ଏଭଳି ପ୍ରଶ୍ନ ଆରମ୍ଭ ହୋଇଗଲା ଏବଂ ନିତିଦିନ ଶ୍ରୀ ପଟ୍ଟନାୟକଙ୍କୁ ଶୁଣିବାକୁ ପଡ଼ୁଥିଲା । ବାପଘରର ବେଭାର ଜିନିଷ କି କେତେଦିନ ଯାଆନ୍ତା ? ବିଦେଶୀ ତିଆରି ପ୍ରସାଧନ ସାମଗ୍ରୀ ବ୍ୟବହାର କରିବା ଶ୍ରୀମତୀଙ୍କ ଅଭ୍ୟାସ । ଦେଶୀ ଜିନିଷ ଶ୍ରୀମତୀଙ୍କ ମିଜାଜ ବିଗାଡ଼ି ଦିଏ । ଦିନେ ଦିନେ ଶ୍ରୀ ପଟ୍ଟନାୟକଙ୍କୁ ଭୋକରେ ରହିବାକୁ ପଡ଼େ । ଶ୍ରୀମତୀ ତ ରୋଷେଇ ବନ୍ଦ କରିଦେବେ । ପୁଣି ଚାକର ଟୋକାକୁ ରୋଷେଇ ଘର ଛୁଇଁ ବି ଦେବେ ନାହିଁ । ନାଉଳି ବାଉଳି ହୋଇ ଶ୍ରୀ ପଟ୍ଟନାୟକ ବହୁତ କଷ୍ଟରେ ସ୍ତ୍ରୀଙ୍କ ରାଗ ଛଡ଼ାନ୍ତି ।

ପଡ଼ଶା ଘର ଷ୍ଟିରିଓ ଆସିଗଲେଣି । ଶ୍ରୀମତୀ ଚାହାଁନ୍ତି ଆମର ବି ଦରକାର ।

ଆରେ ବାବୁ, ଶ୍ରୀ ପଟ୍ଟନାୟକ ବୁଝାନ୍ତି, ସେମାନେ ଘରକୁ ପଇସାଟିଏ ବି ପଠାନ୍ତିନାହିଁ । ଆମକୁ ତ ପ୍ରତିମାସ ଦୁଇଶହ ପଠାଇବାକୁ ପଡୁଛି । ସେମାନଙ୍କ ସଙ୍ଗେ ପ୍ରତିଯୋଗିତା କରୁଛ କାହିଁକି ?

ଶ୍ରୀମତୀ ପଟ୍ଟନାୟକଙ୍କ ଆଖିରୁ ଖୁବ୍ ସହଜରେ ଲୋତକ ଗଡ଼ି ପଡ଼େ । ସେ କାନ୍ଦକାନ୍ଦ ହୋଇ କହନ୍ତି, ମୋର ତ ଜାତକ ଖରାପ । ବାପା ତୁମଠି କ'ଣ ଦେଖି ଯେ ମୋତେ ବାହା କରାଇଦେଲେ, ବିଷ ଦେଇ ମାରି ଦେଲେ ନାହିଁ କାହିଁକି ? ଏତେ ଗରିବ ଘର ଯଦି ବାହା ହେଉଥିଲ କାହିଁକି ? ଶ୍ରୀମତୀ କହି କହି ଥମ ଥମ ପାଦରେ ପଳାଇଯାଇ ଶେଯରେ ଶୋଇପଡ଼ନ୍ତି ।

ମାନିନୀଙ୍କ ମାନ ଭଙ୍ଗିବା ପାଇଁ ଶ୍ରୀ ପଟ୍ଟନାୟକ ପଛେ ପଛେ ଯାଇ ହାଜର ହୁଅନ୍ତି । କିନ୍ତୁ ରାଗ ଏତେ ଶୀଘ୍ର ଥମେ ନାହିଁ । ଶ୍ରୀମତୀ ଧିକ୍କାର କରନ୍ତି, ଯଦି ସ୍ତ୍ରୀଟିଏ ସମ୍ଭାଳି ପାରୁନ, ଛୁଆପିଲା କୁଟୁମ୍ବ ସମ୍ଭାଳିବ କିପରି ? ଧିକ୍ ତୁମ ମରଦପଣିଆ ।

ଶ୍ରୀ ପଟ୍ଟନାୟକ ଝଗଡ଼ା ବଢ଼ାଇବାକୁ ଚାହାନ୍ତି ନାହିଁ । ସେଥିର ସେ ଭଉଣୀ ବିଭାଘର ଆଳ ଦେଖାଇ ପ୍ରଭିଡେଣ୍ଟ ଫଣ୍ଡରୁ ଟଙ୍କା ଉଠାଇଲେ । ଯେଉଁଦିନ ଷ୍ଟିରିଓ ଘରକୁ ଆସିଲା, ଶ୍ରୀମତୀ ପଟ୍ଟନାୟକଙ୍କ ଆନନ୍ଦ କହିଲେ ନସରେ । ଶ୍ରୀମତୀଙ୍କ ପ୍ରେମ କୂଳ କିନାରା ଭାଙ୍ଗି ଶ୍ରୀ ପଟ୍ଟନାୟକଙ୍କୁ ବୁଡ଼ାଇ ଦେଲା । ଶ୍ରୀ ପଟ୍ଟନାୟକ ମନେକଲେ, ସେଦିନ ତାଙ୍କର ଚଉଠି ରାତି ।

ସମୟ ଗଡ଼ି ଚାଲିଲା । ବାହାଘରର ଚାରିବର୍ଷ ଭିତରେ ଦୁଇଟା ପିଲା ହେଲେ ବି ଶ୍ରୀମତୀଙ୍କ ରାଗ ଆଉ କମି ନଥିଲା ।

ପଡ଼ୋଶୀ ଘର ଠାରୁ ଗୋଟିଏ ପାହୁଣ୍ଡ ଆଗରେ ନରହିଲେ ଶ୍ରୀମତୀଙ୍କୁ ଭଲ ଲାଗୁନାହିଁ— ଏକଥା ଜାଣିଲା ପରେ ଶ୍ରୀ ପଟ୍ଟନାୟକଙ୍କ

ଜୀବନରେ ନୂଆ ମୋଡ଼ ଦେଖାଦେଲା । ମାସିକ ଚଉଦ ଶହ ଦରମାରୁ କଟିକୁଟି ଯାଇ ହଜାରେ ମିଳୁଛି । ଘରକୁ ଦୁଇଶହ ପଠାଇ ବାକି ପଇସାରେ ଛୁଆ ଦୁଇଟାଙ୍କ ସ୍କୁଲ ଖର୍ଚ୍ଚ, କ୍ଲବ୍‌ରେ ପିଆ ପିଇ, ପୁଣି ଘରଣୀଙ୍କ ସବୁ ବରାଦ ମେଣ୍ଟାଇବାକୁ ପଡ଼ିବ ।

ପ୍ରତି ମାସରେ କିଛି ନୂଆ ଶାଢ଼ୀ ଦରକାର । ଦୁଇମାସରେ ଥରେ ସୁନାଗହଣା କରିବାକୁ ପଡିବ । ନ ହେଲେ ପଡ଼ୋଶୀ ଶ୍ରୀମତୀ ମାଲହୋତ୍ରା ଆଗେଇଯିବେ । ସେଦିନ କନକଲତା ଫିଲ୍ମ ଦେଖିବା ପରଠାରୁ ଶ୍ରୀମତୀ ପଟ୍ଟନାୟକଙ୍କ ଇଚ୍ଛା, କନକଲତା ଯେମିତି ବେକରେ ସୁନାଚୂପ ପିନ୍ଧିଥିଲା, ସେମିତି ସେ ପିନ୍ଧିବେ । ଚଉଡ଼ା ହାରଟା ବେକକୁ ଘେରି ଥିଲା ବୋଲି କନକଲତା ଜମିଦାର ଘର ବୋହୂ ଭଳି ଦେଖାଯାଉଥିଲା । ଶ୍ରୀମତୀ ସେଠୀ ସେଇମିତି ଖଣ୍ଡେ ସୁନାଚୂପ ପିନ୍ଧି କ୍ଲବ୍‌କୁ ଆସିଲେ କେତେ ପୁରୁଷ ତାଙ୍କ ଆଡ଼େ ଆଖି ବୁଲାନ୍ତି । ଶ୍ରୀମତୀଙ୍କ ଜିଦ୍- ଗୋଟାଏ ସୁନା ଚୂପ ଆଣିବାକୁ ପଡ଼ିବ, ତାଙ୍କ ବେକକୁ ଯେମିତି ଚିପି ରଖିବ ।

ସ୍ତ୍ରୀଙ୍କ ଚାହିଦା ମେଣ୍ଟାଇବା ପାଇଁ ଉପୁରି କରିବା ଶ୍ରୀ ପଟ୍ଟନାୟକଙ୍କ ରକ୍ତମଜ୍ଜାଗତ ହୋଇଗଲାଣି । ନୂଆ ଜାଗାରେ ଅସୁବିଧା ବି ହୋଇନି । ବାବୁ କ'ଣ ଚାହାନ୍ତି, କ'ଣ ନ ଚାହାନ୍ତି, ଅଫିସ୍‌ର ଷ୍ଟେନୋ, ପିଅନ ଆଦି ଠଉରାଇ ନେଇଛନ୍ତି । ଗଣ୍ଡା ଗଣ୍ଡା ଅଫିସର୍ ବଦଳିଗଲେଣି, କ୍ୱଚିତ୍ ଜଣେ ଅଧେ ସଚ୍ଚୋଟ ପଣିଆ ଦେଖାଇ ହୁଅନ୍ତି । ବ୍ୟକ୍ତିଗତ କର୍ମଚାରୀମାନଙ୍କ ଧୁରନ୍ଧର କାରବାର ଶ୍ରୀ ପଟ୍ଟନାୟକଙ୍କୁ ବେଶ୍ ସୁହାଇଲା । ବକ୍‌ସିସ୍ ନ ମିଳିଲେ ବାବୁଙ୍କ ସାଙ୍ଗରେ ଦେଖା ହେବାରେ ଡେରି ହେବ । ଏ'ଟା ପିଅନର କାମ । ଦରଖାସ୍ତ ସାଙ୍ଗରେ ନୋଟ ଖଞ୍ଜା ନ ହୋଇଥିଲେ ଆବେଦନ ମଞ୍ଜୁର ହେବାରେ ଡେରି ହେବ, ନାମଞ୍ଜୁର ବି ହୋଇପାରେ । ପର୍ସନାଲ ଆସିଷ୍ଟାଣ୍ଟ ଏ ବିଷୟରେ ନଜର ରଖେ ।

କେଉଁ ଲୋକ ନତଦ୍ଧନ ଦୌଡ଼ିବାକୁ ଚାହିଁବ ? ଯିବା ଆସିବାରେ ରାସ୍ତା ଖର୍ଚ୍ଚ ଅଛି, ରହିବାରେ ହୋଟେଲ ଖର୍ଚ୍ଚ ଅଛି, ଏସବୁ ମିଶାଇଲେ

ଯଦି ଖର୍ଚ୍ଚ ବେଶି ହେଲା, ଲାଞ୍ଚ ନ ଦେବା କାହିଁକି ? ଘୁସ୍ ଦେବାଟା ଏକ ପ୍ରକାର ପୁଞ୍ଜି ଲଗାଣ । ଏଥିରୁ ରୋଜଗାର ବଢ଼େ । ବ୍ୟବସାୟରେ ଯେଉଁ ଲାଭକ୍ଷତିର ହିସାବ ହୁଏ, ହାତଗୁଞ୍ଜା ଦେବାରେ ବି ସେହି ହିସାବ । ସାତ ଆଠଥର ଅଫିସକୁ ଦୌଡ଼ି ଖର୍ଚ୍ଚାନ୍ତ ହେବାଠାରୁ ଯଦି ଥରେ ଆସି ଲାଞ୍ଚ ଦେଇ କାମଟା ହାସଲ ହୋଇଗଲା, ସେଥିରେ ବରଂ ଆନନ୍ଦ । ଲୋକଙ୍କର କୁଣ୍ଠା କେବଳ ପରିମାଣ ଉପରେ । ଦେବି କି ନ ଦେବି ଏ ପ୍ରଶ୍ନ ଉଠେ ବି ନାହିଁ । ପକ୍ଷମାନଙ୍କର ଏ ମନୋଭାବ ଶ୍ରୀ ପଟ୍ଟନାୟକଙ୍କ ପି. ଏ. ଙ୍କୁ ବେଶ୍ ଜଣା ।

ତଥାପି ଶ୍ରୀ ପଟ୍ଟନାୟକ ବେଳେ ବେଳେ ଅଥୟ ହୋଇ ପଡ଼ନ୍ତି । ମଧ୍ୟସ୍ଥ ହୋଇ ପି· ଏ· ତ ନିଜେ କିଛି ମାରୁଥିବ । ପ୍ରଥମେ ପ୍ରଥମେ ଶ୍ରୀ ପଟ୍ଟନାୟକ ଭାବୁଥିଲେ, ମଝିରେ ଜଣେ ଥିଲେ ସେ ଧରାପଡ଼ିବେ ନାହିଁ । ପଙ୍କରୁ ପଦ୍ମନାଡ଼ ଖାଇ ହଂସ ଭଳି ସେ ସ୍ୱଚ୍ଛ ରହିପାରିବେ । ଏବେ ଶ୍ରୀମତୀଙ୍କ ବରାଦ ଦିନକୁ ଦିନ ବଢ଼ୁଥିବା ବେଳେ ପକ୍ଷମାନଙ୍କ ସାଙ୍ଗରେ ସିଧାସଳଖ କଥାବାର୍ତ୍ତା କରିବାକୁ ଶ୍ରୀ ପଟ୍ଟନାୟକ ବେଳେବେଳେ ଚେଷ୍ଟା କରନ୍ତି । ଏଥିରେ ପୂରା ଟଙ୍କାଟା ମିଳିଯିବ, କଥାଟା ବି କାହା କାନକୁ ଯିବ ନାହିଁ ।

ଶ୍ରୀମତୀ ପଟ୍ଟନାୟକ ଏବେ ବେଶ୍ ଖୁସି । ମନଲାଖି ସ୍ୱାମୀଟିଏ ପାଇଛନ୍ତି । ଶାଢ଼ୀ, ଗହଣା, କସ୍ମେଟିକ, ଦେଶୀ ବିଦେଶୀ ଯାହା ଚାହିଁଲେ ମିଳୁଛି । ନିଜେ ଯେଉଁ ଶାଢ଼ୀ ରାଉରକେଲାରେ ପାଇବେ ନାହିଁ, ତାହା କଲିକତା ବମ୍ବେରୁ ଆସୁଛି । କେବେ ବିଦେଶୀ ଜିନିଷ ପାଇଁ ଦୋକାନକୁ ଯିବାକୁ ପଡ଼ୁନାହିଁ । ପକ୍ଷମାନେ ବି ଜାଣିଛନ୍ତି, ଶ୍ରୀମତୀ ପଟ୍ଟନାୟକଙ୍କୁ ଘରେ ବରାଦ ଜିନିଷ ଦେଇଗଲେ ଅଫିସ୍‌ରେ ସେମାନଙ୍କ କରିବା କାମ ସହଜରେ ହୋଇଯାଉଛି । ଏମିତି ଦିନ ନାହିଁ ଯେଉଁଦିନ ହାଣ୍ଡିଏ ମିଠା କି କଡ଼ାଏ ଘିଅ ତାଙ୍କ ଘରକୁ ନ ଆସୁଛି । ଋତୁ ଅନୁଯାୟୀ ଫଳର ଟୁଙ୍ଗୁଡ଼ି ବା ଝୁଡ଼ି ଆସୁଛି ।

ଯେଉଁ ସ୍ୱାମୀ ତାଙ୍କ ମନ ରଖି କାମ କରୁଛନ୍ତି, ତାଙ୍କୁ ନିଜର ସେ୍ନହସୋହାଗ ଓଜାଡ଼ି ନ ଦେଇ ସେ କମିତି ରହନ୍ତେ ? ଆଜ ପୁଣି ବର୍ଷା ଦିନ । ବେକକୁ ଘେର ରହିବା ଭଳ ଚଉଡ଼ା ହାର; ଅତି କମରେ ତିନିହଜାର ପଡ଼ିଯିବ । ବାବୁ କହିଛନ୍ତି ଆଜ ମିଳଯିବ ।

ପିଲାମାନେ ସ୍କୁଲରୁ ଫେର ପଖାଳ ଖାଇ ଶୋଇଗଲେ । ଶ୍ରୀମତୀ ପଟ୍ଟନାୟକ ଅପେକ୍ଷା କରଛନ୍ତି ଶ୍ରୀ ପଟ୍ଟନାୟକ ଅଫିସ୍‌ରୁ ଫେରବେ, ନୋଟ୍ ବଡ଼ାଟା ଟେବୁଲ ଉପରେ ଥୋଇ ଦେଇ ପଙ୍ଖା ପାଖରେ ବସିଯିବେ ।

"କରେ ମଧୁ ଗୋଟାଏ ବାଜଲଣି ପର", ଶ୍ରୀମତୀ ପଟ୍ଟନାୟକ ଅଫିସକୁ ଫୋନ୍ କଲେ । "କେତେବେଳେ ଆସିବେ କ ?"

"ନଅଟାବେଳକୁ ତ ଯାଇଛନ୍ତି ଏ ପର୍ଯ୍ୟନ୍ତ ଫେର ନାହାନ୍ତି" ଅଫିସ ପିଅନ ମଧୁ ଉତ୍ତର ଦେଲା ।

ଶ୍ରୀମତୀ ପଟ୍ଟନାୟକ ବ୍ୟସ୍ତହୋଇ ପଡିଲେ । "ଆରେ ଟିକେ ଖବର ନେ । କହିବୁ, ମାଆ ଅପେକ୍ଷା କରଛନ୍ତି, ଖାଇ ନାହାନ୍ତି ।"

ଦେଢ଼ଟା ବାଜଲା । ଅସମ୍ଭାଳ ହୋଇ ଶ୍ରୀମତୀ ପଟ୍ଟନାୟକ ପୁଣି ଫୋନ କଲେ । ସେପଟୁ ମଧୁର କାନ୍ଦ କାନ୍ଦ କଥା ଶୁଭିଲା, "ମା' ସାହେବଙ୍କୁ ପୁଲିସ ଧର ନେଇଛି ।"

"କ'ଣ କହିଲୁ ? କ'ଣ ହେଲା ?" କେତେଗୁଡଏ ଅବିଶ୍ୱାସର ଶବ୍ଦ ଶ୍ରୀମତୀ ପଟ୍ଟନାୟକଙ୍କ ମୁହଁରୁ ବାହାର ଆସିଲା ।

'ମା' ସେହି ଗହଣାର କମ୍ପାନି । ସେ ଧରେଇ ଦେଇଛି । ମଧୁ କହିଲା ।

"ଆରେ କ'ଣ କେମିତି ହେଲା ?" ପୁଣି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କଲେ, ଯେପରି ସେ ଅଣନିଶ୍ୱାସୀ ହୋଇ ପଡ଼ୁଛନ୍ତି ।

ମଧୁ କହିଲା, "ଉଜ୍ଜ୍ୱଳ ନ୍ ସବାଲ ତାଙ୍କୁ ଖାପଟରେ ପକେଇ ଧରିଛନ୍ତି । ଗନ୍ଧଗଜ କମ୍ପାନିର ଜଣେ ଲୋକ ହାତରେ ଶହେଟଙ୍କିଆ ନୋଟ ସବୁ ଦେଇଥିଲା । ସେଥିରେ କୁଆଡ଼େ ଗୋଟେ କେମିକାଲ ଲାଗିଥିଲା । ବାବୁ ତିନିହଜାର ଯାକ ଟଙ୍କା ପୋଲିସ୍ ଆଗରେ ଫୋପାଡି ଦେଇଥିଲେ ବି ସେମାନେ କହୁଛନ୍ତି, ବାବୁଙ୍କ ପକେଟରେ କୁଆଡ଼େ କେମିକାଲ ଲାଗି ରହିଛି । ପୋଲିସ୍ କହୁଛି, ସେ ଯଦି ନେଇ ନଥାନ୍ତେ, ପକେଟ ଭିତରେ ନୋଟ ପଶିଥାନ୍ତା କପରି ? ବାବୁଙ୍କୁ ହାତକଡ଼ା ଲଗାଇ ସେମାନେ କଚେରୀକୁ ନେଇଛନ୍ତି ।"

ଶ୍ରୀମନ୍ତ ପଟ୍ଟନାୟକଙ୍କୁ ବୋଧହେଲା, ତାଙ୍କ ଶ୍ୱାସ ରୁଦ୍ଧ ହୋଇ ଆସୁଛି । ହାତକଡ଼ି ଲଗା ହାତ ଦୁଇଟା ତାଙ୍କ ବେକକୁ ଚିପିଧରି କହୁଛି, ଶୁନା ଚୁପ ପିଲ୍ଲାକ ପରା !

□ □

# ଖବର

'ପାରିଲା ପୁଅ ପାରିଲା ।
ଯୋଉ ପୁଅ ନପାରିଲା ସେ ଗଲା ରାଉରକେଲା ।'

ଅଯୋଗା ପୁଅ ରାଉରକେଲାରେ ବେଶ୍ ଦି'ବଖତ ଖାଇବାକୁ ପାଇପାରିବ । ଏକଥା କହିବାକୁ ଯାଇ ଉପକୂଳ ଜିଲ୍ଲାର ଲୋକେ ଏମିତି ଢଗ ବାଢ଼ନ୍ତି । ଏକଥା ମହାପାତ୍ରେ ଆଜି ଯେମିତି ବୁଝିଛନ୍ତି, ଆଉ କେହି ବୋଧହୁଏ ବୁଝିନାହାନ୍ତି । ମାତ୍ର ୧୫ ବର୍ଷରେ ଲକ୍ଷ୍ମୀଧରଟା ଯେମିତି ନିଜ ଗୋଡ଼ରେ ଠିଆ ହୋଇଗଲା, ସେ ନିଜେ ବି ଆଶ୍ଚର୍ଯ୍ୟ ହୋଇଯାନ୍ତି । ଆଜି ସେ ସବୁଠୁ ଖୁସି ଯେ ପୁଅଟା ହାତକୁ ବିହାତ ହୋଇଯିବ । ଥୋଡ଼ାଏ ଯୌତୁକ ବି ମିଳିଯିବ ।

ଆଖିରୁ ଦୂରେଇଲେ, ଚିନ୍ତାରୁ ଖଲାସ । ଲକ୍ଷ୍ମୀଧର ଯେଉଁଦିନ ରାଉରକେଲା ଆସିଲା, ସେଦିନ ମହାପାତ୍ରେ ଜୀବନର ଦୀର୍ଘତମ ଶ୍ୱାସ ଛାଡ଼ି ଥିଲେ । ଆଜି ସେ ଯେଉଁ ଆଶ୍ୱସ୍ତି ଅନୁଭବ କରୁଛନ୍ତି, ତାହା ବି ତାଙ୍କ ଜୀବନର ବୃହତ୍ତମ ଆଶ୍ୱସ୍ତି ।

ଆଇ. ଏ. ଫାଷ୍ଟ ଇଅରରେ ତିନି ତିନିଟା ବର୍ଷ କଟିଗଲା ପରେ ଲକ୍ଷ୍ମୀଧର ଉପରୁ ମହାପାତ୍ରଙ୍କ ଆଶା ତୁଟି ଯାଇଥିଲା । ପିଲାଟା ଆଉ ହେବନି । କାମରେ ଲାଗିଯା' କହିଲେ ଶୁଣିଲା ନାହିଁ । ଯେଉଁଦିନ ନିଜର ବା ମାଆର ଟଙ୍କା ଚୋରି ହୁଏ, ସେଦିନ ଲକ୍ଷ୍ମୀଧର ସେକେଣ୍ଡ ଶୋ' ସିନେମା ଯାଇଥିବ ବୋଲି ମହାପାତ୍ରେ ଧରିନିଅନ୍ତି ।

ନିର୍ବାଚନ ସମୟରେ ଯେତେବେଳେ ଲକ୍ଷ୍ମୀଧର ରାଜମାଡରେ ପଶିଲା, ବୋଧହେଲା ସତେ ଯେମିତି ପିଲାଟା ଗୋଟାଏ କୂଳରେ ଲାଗିଗଲା । ମନ୍ତ୍ରୀଙ୍କ ଗାଡ଼ିରେ ବସିଥିବାର ଦେଖିଲେ ବା ଯୁବ ମୋର୍ଚ୍ଚାରେ ନେତୃତ୍ୱ ନେଉଥିବାର ଦେଖିଲେ, ମହାପାତ୍ରେ ଭାବୁଥିଲେ, ଯାହାହେଉ, ପିଲାଟା ପାଉଗଲା । କିନ୍ତୁ ଏ ଆଶା ନିର୍ବାଚନ ସରିବା ସଙ୍ଗେ ସଙ୍ଗେ ମରିଗଲା । ହାତରୁ ଖାଇ ନେତାମାନଙ୍କ ପଛରେ ଧାଉଁଲା । ବେସି ଖାଇଲେ ତ ନଇ-ବାଲି ସରେ ! ମହାପାତ୍ରେ ଲକ୍ଷ୍ମୀଧରକୁ କିଛି ଗୋଟାଏ ଧନ୍ଦା କରିବାକୁ କହିଲେ । 'ତୋର ଏତେ ମନ୍ତ୍ରୀ ଫନ୍ତ୍ରୀ ଚିହ୍ନା ଅଛନ୍ତି କହୁଛୁ, ଖଣ୍ଡିଏ ଚାକିରି ଯୋଗାଡ଼ କରିପାରୁନୁ ?'

ତାଙ୍କ କଥାର ପ୍ରଭାବ କେମିତି ପଡୁଛି, ତାହା ଜାଣିବା ପୂର୍ବରୁ ସେ ଦିନେ ଶୁଣିଲେ ଯେ, ଲକ୍ଷ୍ମୀଧର ପୋଲିସ କାଠଗଡ଼ାରେ । ରାତି ଅଧରେ ବଜ୍ରକବାଟି ରୋଡ଼ରେ ରିକ୍ସାରେ ଯାଉଥିବା ଗୋଟିଏ ଦମ୍ପତିଙ୍କୁ ଭୟଭୀତ କରି ଟଙ୍କା ଲୁଟ୍ କରିବାରେ ଯେଉଁ ୫ଜଣ ଧରା ପଡିଛନ୍ତି, ସେମାନଙ୍କ ଭିତରୁ ସେ ଜଣେ । ସବୁଦିନେ ଯେ ଲକ୍ଷ୍ମୀଧର ସେକେଣ୍ଡ ସୋ ସିନେମା ଯାଉଛି, ମହାପାତ୍ରଙ୍କ ଏ ଧାରଣା ବଦଳିଲା । ଲକ୍ଷ୍ମୀଧର ଯେ ନିଜେ ଗୋଟିଏ ଗୋଟିଏ ସୋ' ଦେଖାଉଛି, ଏ ଧାରଣାର ଜନ୍ମନେଲା । ଯାହାହେଉ ବଂଶର ମର୍ଯ୍ୟାଦା ରକ୍ଷା ହୋଇଗଲା । ମନ୍ତ୍ରୀଙ୍କ ଆଶୀର୍ବାଦରୁ କେଶ୍‌ଟା କୁଆଡ଼େ ଉଭେଇ ଗଲା ।

ପନ୍ଦରବର୍ଷ ତଳର ସେ ସମୟ, ଆଉ ଆଜିର ଏ ଅଧ୍ୟାୟ, ଏହାର ତୁଳନା କରୁକରୁ ମହାପାତ୍ରେ ଆପେ ଆପେ ବନ୍ଦ ପାଟିରେ ଛେପ ଢୋକି ନିଅନ୍ତି, ସତେ ଯେମିତି ଅସ୍ୱାଦୁ ଖାଦ୍ୟଟିକୁ ଢୋକିବାକୁ ପଡ଼ିବ । ସେଦିନ ଯଦି ମଧୁସୂଦନ ବଡେଇ ନଥାନ୍ତା, ପୁଅଟା ସେଇମିତି ଲୋଫର ହୋଇ ରହିଯାଇଥାନ୍ତା ।

ମଧୁସୂଦନ ଇସ୍ପାତ କାରଖାନାରେ ଚାକିରି କରେ । ତା'ର ରଙ୍ଗଢଙ୍ଗ ଦେଖିଲେ ସାହିବାଲାଏ ଚକିତ ହୋଇଯା'ନ୍ତି । ଆଗକାଳର କଲିକତିଆ ଜୋଇଁ ଭଳି ସେ ଫମ୍ପା ନୁହେଁ । ମଧୁସୂଦନ କହେ,

ରାଉରକେଲାର ଧୂଳି ମାଟି ବି ପଇସା । ଖାଲି ନେଇ ଆଣି ଥୋଇଲେ ହେଲା । ଗୃହକର୍ତ୍ତା ସାଙ୍ଗଙ୍କୁ ପାନ ଦୋକାନଟିଏ ଖୋଲିଲା । ଏବେ ଲୁଗା ଦୋକାନଟିଏ ଖୋଲିଛି । ସବୁ ଭାଇଙ୍କୁ ମଣିଷ କରିଦେଲା । 'ବୁଝିଲ ମଉସା', ମଧୁସୂଦନ କହେ, ଖାଲି ଚକା ମାଡ଼ି ବସି ଯାଅନା, ଜମିଖଣ୍ଡକ ଭୁମର ହେଲା । ବଡ଼ପାଟି କରିପାରିଲେ ସେ ଜମିରୁ କେହି ତଡ଼ିପାରିବେ ନାହିଁ । ଆଉ କେତେଜଣ ଦାଦାଙ୍କୁ ହାତ କରିବାକୁ ପଡ଼ିବ ।

ମହାପାତ୍ରେ ଏତେ ଭିତରକୁ ଯିବାକୁ ଗୃହାନ୍ତି ନାହିଁ । କହିଲେ "ଆରେ, ମୋ ଲକ୍ଷ୍ମୀଟାକୁ ଟିକେ ନେଇଯାଉନୁ ?"

ମଉସା ! ସେ ରାଜି ହେଲେ ତ ? ଖାଲି ମୋ ଲୁଗା ଦୋକାନରେ ବସି ସହରଟାକୁ ଚହଲି ଯାଉ । ଆପେ ଆପେ ନିଜ ବାଟ ବାଛି ନେବ ।

ମଧୁସୂଦନର ସେଦିନର କଥା ଅକ୍ଷରେ ଅକ୍ଷରେ ସତ । ସେଦିନ ଆଉ ଆଜ । ମାତ୍ର ପନ୍ଦରବର୍ଷ ବ୍ୟବଧାନରେ ଲକ୍ଷ୍ମୀଧର ମଣିଷ ହୋଇ-ଗଲା । ମହାପାତ୍ରେ ଭାବନ୍ତି—ତାର ଭାଗ୍ୟ ।

'କ'ଣ ମ, ବରଧର ଏପର୍ଯ୍ୟନ୍ତ ଆସିଲା ନାହିଁ ଯେ'—ଶ୍ରୀମତୀଙ୍କ ପାଟିରେ ମହାପାତ୍ରଙ୍କ ଚିନ୍ତାର କ୍ଷିଅ ଛିଣ୍ଡି ଯାଏ । ସେ ଦଉଡ଼ି ଯାଆନ୍ତି ଘର ଭିତରକୁ ।

ଏତିକ ବେଳୁ ଏତେ ବ୍ୟସ୍ତ କାହିଁକି ? ସଞ୍ଜ ପର୍ଯ୍ୟନ୍ତ ଠଅରି ଯାଅ । ଗାଡ଼ି ଘୋଡ଼ା କଥା, କେଉଁଠି କ'ଣ ହୋଇଯାଇଥିବ !

'ମଉସା ଠିକ୍ କହୁଛନ୍ତି । ମାଉସୀ ଖାଲି ବ୍ୟସ୍ତ ହେଉଛନ୍ତି ।' ଲକ୍ଷ୍ମୀଧରର ସାଙ୍ଗମାନେ ଏକାସ୍ୱରରେ କହିପକାଇଲେ ।

ଲକ୍ଷ୍ମୀଧର ଆଉ ତା' ସାଙ୍ଗମାନଙ୍କ ଭିତରେ ଯେଉଁ ନିବିଡ଼ ସମ୍ପର୍କ ଅଛି, ଆଉ କେଉଁ ପିଲାଙ୍କ ଭିତରେ ନାହିଁ । ଏ ନିବିଡ଼ତା ପେଷାର । ଏ ପିଲାଙ୍କ ଭିତରେ ଲକ୍ଷ୍ମୀଧର ପିଲା । କିନ୍ତୁ କାମରେ ଏହି କଞ୍ଚା ଟୋକାଟା ଏତେ ଶୀଘ୍ର ସମସ୍ତଙ୍କୁ ଟପିଯିବ, ଏକଥା ନଳମୀରଞ୍ଜନ ଭାବି ନଥିଲେ । ନଳମୀ ପାଣି ହେଉଛନ୍ତି ଏ ଅଞ୍ଚଳର ସବୁଠାରୁ ପୁରୁଣା

ସାମ୍ପାଦକ । ତାଙ୍କ ସାଙ୍ଗରେ ଦେଖା ହେବାଦିନଠାରୁ ଲକ୍ଷ୍ମୀଧର ମଧୁସୂଦନଙ୍କ ଲୁଗାଦୋକାନ ଛାଡ଼ିଦେଇଛି ।

ପ୍ରଥମେ ସେ ହେଲା 'ପ୍ରତିନିଧି' ସମ୍ବାଦପତ୍ରର ସାମ୍ପାଦକ । ସାରା ସହରକୁ ମାତ୍ର ପାଞ୍ଚ ସାତଖଣ୍ଡ 'ପ୍ରତିନିଧି' ପତ୍ରିକା ଆସେ । ତଥାପି 'ପ୍ରତିନିଧି'ର ସ୍ଥାନୀୟ ପ୍ରତିନିଧି ହିସାବରେ ଲକ୍ଷ୍ମୀଧରକୁ ଯେଉଁ ମାନସମ୍ମାନ ମିଳିଲା, ସେଥିରେ ସେ ଅଭିଭୂତ ହୋଇଗଲା । ଏହି ଅଭିଭୂତ ଅବସ୍ଥାରେ ସେ ଆବିଷ୍କାର କଲା, ନୂଆ ପେଷାର ମଜା । ଡରୁଆ ଲୋକଙ୍କୁ ଡରାଇଲେ ସେମାନେ ଆହୁରି ଡରନ୍ତି । ଲୋକଲଜ୍ଜ୍ୟାକୁ ଯେଉଁମାନେ ଭୟ କରନ୍ତି ବା ଖବରକାଗଜରେ ବାହାରୁଥିବା ଲେଖାକୁ ଜନମତ ବୋଲି ଯେଉଁମାନେ ଖାତିର କରନ୍ତି, ସେମାନଙ୍କଠାରୁ ବେଶ୍ ଆଦାୟ କରିହୁଏ ।

ଆଜି ସମାଜରେ ବଡ଼ ଆସନ ମାରିନେବାକୁ ଚାହିଁଲେ ଏ ପେଷା ରାସ୍ତା ଫିଟାଇ ଦିଏ । ନିଜ କ୍ଲବ୍ ବା ଆସୋସିଏସନ୍‌ର ଖବର ଟିକେ ଖବରକାଗଜରେ ବାହାରିଲେ ମେମ୍ବର ମାନେ, କର୍ମକର୍ତ୍ତାଗଣ କେଡ଼େ ଖୁସି ହୁଅନ୍ତି । ଏଥିପାଇଁ ସେ ନିମନ୍ତ୍ରଣ ପାଏ ବିଭିନ୍ନ ଅନୁଷ୍ଠାନରେ ଅତିଥି ରୂପେ । 'ପ୍ରତିନିଧି'ର ସାମ୍ପାଦକତା ଛାଡ଼ି ସେ ଯେତେବେଳେ ରାଜ୍ୟର ନାମଯାଦା ସମ୍ବାଦପତ୍ର 'ଅରୁଣାଭ'ର ସାମ୍ପାଦକ ହେଲା, ଲକ୍ଷ୍ମୀଧରର ପ୍ରତିପତ୍ତି ଆହୁରି ବଢ଼ିଗଲା । ସେ ଏବେ ଏକାଧିକ ଅନୁଷ୍ଠାନର ସଭାପତି, ଦୁଇତିନୋଟି ସଂସ୍ଥାର କୋଷାଧ୍ୟକ୍ଷ, ଏବଂ ନୂଆକରି ଗଢ଼ିଥିବା କେତୋଟି ସଙ୍ଗଠନର ସମ୍ପାଦକ ।

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସାମ୍ପାଦକଭାବରେ ସେ ସର୍ବଦା ସର୍ବତ୍ର ଆଦୃତ । ସରକାରଙ୍କ ତରଫରୁ ରହିବା ଘର, କାରଖାନା ତରଫରୁ ମାଗଣା ଚିକିତ୍ସା ଆଦି ସୁବିଧା । ତା'ଛଡ଼ା ଅଧିକାଂଶ ସମୟରେ ଦାତବ୍ୟ ଭୋଜି । ସର୍ବୋପରି ବଡ଼ବଡ଼ିଆଙ୍କ ସାଙ୍ଗରେ ଗସ୍ତ ଏବଂ ସରକାରୀ ଉଦ୍ୟମରେ ଦେଶ ଭ୍ରମଣ । ମୋଟ ଉପରେ ନିଜର ଯାବତୀୟ ଖର୍ଚ୍ଚ ଉପରେ ଉପରେ ଉଠିଯିବା ବଡ଼ ସହଜ । ଏସବୁ ମୂଳରେ ଲକ୍ଷ୍ମୀଧର ଲକ୍ଷ୍ୟକଲା—ଖବରକୁ ଲୋକେ ଯେତିକି ଭଲପାଆନ୍ତି

ଚେତିକ ଡରନ୍ତି । ଡରିବା ଲୋକେ ସାମ୍ବାଦିକର ଦୌର୍ବଲ୍ୟ ବୋଲି ବେଳେବେଳେ ସମାଲୋଚନା କରନ୍ତି ସିନା, କାର୍ଯ୍ୟ କ୍ଷେତ୍ରରେ କିଛି କରି ପାରନ୍ତି ନାହିଁ । ବରଂ ତା' ମୁହଁ ବନ୍ଦ କରିବା ପାଇଁ ଗୁଡ଼ାଏ ଗୁଞ୍ଜି ଦିଅନ୍ତି ।

ଏତକ ଆବିଷ୍କାର କଲାପରେ ଲକ୍ଷ୍ମୀଧର କେବଳ ସାମ୍ବାଦିକ ହୋଇ ରହିନାହାଁନ୍ତି । ସେ ଗୋଟିଏ ସମ୍ବାଦପତ୍ର ଖୋଲି କରିଦେଇଛନ୍ତି । ଏକଥା ମହାପାତ୍ରେଙ୍କୁ ଜଣାନାହିଁ । ସେ ବି ଜାଣନ୍ତେ କାହିଁକି ? ପତ୍ରିକାଟିର କାଟତି ସହର ବାହାରେ ନାହିଁ, ବାହାର କୁ ଯିବା ଦରକାର ବି ନାହିଁ । ଯେଉଁମାନେ ଦେଇ ପାରିବେ—ଠିକାଦାର, ବ୍ୟବସାୟୀ, ସରକାରୀ, ବେସରକାରୀ କର୍ମଚାରୀ—ମୋଟ ଉପରେ ଯେଉଁମାନେ ଖବରକୁ ଡରନ୍ତି —ସେମାନେ ସବୁତ ସହରର ଲୋକ । ପୁଣି ଦୂର ବା ଅନ୍ୟ ସହରକୁ ବ୍ୟାପିବା ଲାଭ କ'ଣ ? ବ୍ୟକ୍ତିଗତ ସମ୍ପର୍କ ନ ରହିଲେ ଆଦାୟ କରିବା ମୁସ୍କିଲ । ସେମିତି ଆକାଶ କୁସୁମ ଗୁଡିକର କଥା ନିଜ ପତ୍ର କାଗଜରେ ଲେଖି ଲାଭ କ'ଣ ?

ନିଜର ସମ୍ବାଦପତ୍ରଟି କାଢ଼ିଲା ପରେ ଅନେକ ଲୋକ ଲକ୍ଷ୍ମୀଧରଙ୍କୁ ବାରଣ କରିଥିଲେ, 'ଆରେ ବାବୁ ଏମିତି କାମଳ ସାମ୍ବାଦିକତା ବଢ଼ାଅ ନାହିଁ ।'

ଲକ୍ଷ୍ମୀଧର କହେ, ତୁମକୁ କାମଳ ରୋଗ ଧରିଛି, ତେଣୁ ମୋ ଖବରକାଗଜର ପ୍ରତିଟି ସ୍ତମ୍ଭ ତୁମକୁ ସେମିତି ଦେଖା ଦେଉଛି । ତୁମେ ତୁମ କଥା ଦେଖ, ମୁଁ ମୋର ସମ୍ଭାଳୁଛି ।

ବନ୍ଧୁମାନଙ୍କ କଥା ନ ଶୁଣି ଲକ୍ଷ୍ମୀଧର ବେଳେ ବେଳେ ହଇରାଣରେ ପଡୁଛି । ହାତାହାତି କରିବାକୁ ଆସିଥିବା ଲୋକଙ୍କଠାରୁ ବହୁତ କଷ୍ଟରେ ରକ୍ଷା ପାଇଛି । ମକଦ୍ଦମାରେ ସଲସୁତୁରା କରି ବା ବେଳେବେଳେ ଜୋରିମାନା ଦେଇ ଦେଇ ଉଦ୍ଧାର ପାଇଛି । ସମ୍ବାଦ-ପତ୍ରର ସ୍ୱାଧୀନତାରେ ଆଞ୍ଚ ଆସିଲା, ସାମ୍ବାଦିକତାର ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଛି—ଏମିତି କେତେ ଗୁଡ଼ାଏ ଲେଖା ଦେଇ ସେ ସରକାରୀ, ବେସରକାରୀ ସମବେଦନା, ସହାନୁଭୂତି ପାଇଛି ।

ହାତଗୋଡ଼ ଧୂଳି ନ କରି ରୋଜଗାର କରିବାର ଗୋଟିଏ ପେଷା ଲକ୍ଷ୍ମୀଧର ଖୋଜୁଥିଲା, ତାହା ସେ ଆଜ ପାଇଛି । ଜିଲ୍ଲାପାଳ ନିଜେ ଗାଡ଼ି ପଠାଇ ନେଇ ଯାଆନ୍ତି । ମନ୍ତ୍ରୀଙ୍କ ଡାକରା ଆସେ । ଖାଦ୍ୟ, ଲେହ୍ୟ, ପେୟ ସବୁମିଳେ । ନିଜ ନାଁକୁ ଛାପା ଅକ୍ଷରରେ ନ ଚାହେଁ କିଏ ? ସେଦିନ ଲକ୍ଷ୍ମୀଧର ଲକ୍ଷ୍ୟ କରିଛି, ଜମି ଖଣ୍ଡିକ ତାକୁ ଆଲଟ୍‌ମେଣ୍ଟ କରିଦେଇ ଜିଲ୍ଲାପାଳ କେଡ଼େ ଖୁସି ହୋଇ ଯାଉଥିଲେ । ସତେ ଯେମିତି ସେ ତାକୁ ହାତକରି ନେଲେ । କିନ୍ତୁ ଲକ୍ଷ୍ମୀଧର ମନେମନେ ବହୁତ ହସି-ଥିଲା । କେତେ ବଡ଼ବଡ଼ିଆ ଜମି ପାଇ ପାରୁନାହାନ୍ତି; ଗୋଟିଏ ସମ୍ବାଦପତ୍ରର ସମ୍ପାଦକ ତଥା 'ଅରୁଣାଭ'ର ପ୍ରତିନିଧି ହୋଇଥିବାରୁ ସିନା ସେ ଜମି ଖଣ୍ଡେ ପାଇପାରିଲା ! ଏ ତ ଦୁଇବର୍ଷ ତଳର କଥା ।

ଏବେ ଏକମହଲା ଘରଟିଏ ଉଠି ପାରିଲା । ଗୋଟିଏ ଟ୍ରେଡ଼ଲ ଛାପାଖାନା ହୋଇ ପାରିଛି । ନିଜର ଛାପାଖାନା ନ ଥିଲେ ନିୟମିତ ଭାବରେ ଖବରକାଗଜଟିଏ କାଢ଼ିବା ଖୁବ୍ କଷ୍ଟ । ପୁଣି ସବୁ ଛାପାଖାନା ସବୁପ୍ରକାର ଖବର ଛପାଇବାକୁ ରାଜି ହୁଅନ୍ତି ନାହିଁ । ସହରର ଦାଦା ମାନଙ୍କୁ, ସରକାରୀ କଳର କର୍ମଚାରୀମାନଙ୍କୁ ସେମାନଙ୍କର ଡ଼ର ବେଶୀ । ସେମାନେ ନଡ଼ରିବେ କାହିଁକି ? ଲକ୍ଷ୍ମୀଧର ଯେମିତି ଏମାନଙ୍କର ଗଲ୍ ତ ସବୁ ଜାଣେ, ସେମାନେ ତ ଜାଣନ୍ତି ନାହିଁ ? ଜାଣିବା ହିଁ ବଳ । ସେହି ବଳରେ ଲକ୍ଷ୍ମୀଧର ବଡ଼ବଡ଼ ଅଫିସର, ଲକ୍ଷପତି ଲୁହା ବ୍ୟବସାୟୀ, ଗଣ୍ଡାଗଣ୍ଡା ନେତାଙ୍କୁ ନଚାଉଛି । ଟିକିଏ ଶାନ୍ତିରେ ରହିବା ପାଇଁ ନିଜ ନାଁରେ କିଛି ବାଜେ ଖବର ନଦେଖିବା ପାଇଁ ସେମାନେହିଁ ଅର୍ଥ ଯୋଗାଇଛନ୍ତି । ଘରଖଣ୍ଡି ହୋଇଛି, ଛାପାଖାନାଟିଏ ବସିଛି । ଲକ୍ଷ୍ମୀଧରର ବହୁତ ଅଭିଳାଷ ପୂର୍ଣ୍ଣ ହୋଇଛି ।

ଆଜ ତାର ଶେଷ ଅଭିଳାଷ ପୂରଣ ହେବ । ସେ ବର ସାଜି ବାହାରିବ । ଦୁନିଆରେ ଶ୍ରେଷ୍ଠ ପୁରୁଷମାନଙ୍କ ମଧ୍ୟରେ ସେ ବି ଜଣେ— ଏକଥା ଆଜି ପ୍ରମାଣ ହୋଇଯିବ ।

କ'ଣ ଗୋଟିଏ ଘଣ୍ଟରେ ବାନ୍ଧି ହୋଇ ରହିଯିବୁ ? —ନିଜ ଭିତରୁ କିଏ ଗୋଟିଏ ବିଦ୍ରୂପ କରି କହିଲା ଭଳି ମନେ ହେଲା । ଲକ୍ଷ୍ମୀଧରର ଆଖି ଆଗରେ ତା'ର ପୂର୍ବ କୀର୍ତ୍ତୀ ସବୁ ଛବି ହୋଇ ଭାସି ଗଲା । ଏ ସହରରେ ଅନେକ ଭୁଠ ସେ ଯାଇଛି, କେତେକ ଭୁଠରେ ପାଣି ପିଇଛି । ମାତ୍ର ମାସକ ତଳର ଘଟଣା ଭାବି ତା ଦେହ ଭିତରେ ଯେମିତି ବିଜୁଳି ଖେଳିଗଲା । ମନେମନେ ଅଦ୍ଭୁତ ତୃପ୍ତି ଆସିଲା ।

“ପଞ୍ଚାୟତ ବାବୁ, ଏ ଯେଉଁ କଥା ଲୋକେ କୁହାକୁହି ହେଉଛନ୍ତି, ଭଲ ହେଲା ନାହିଁ ।”

ଏ ପ୍ରଶ୍ନରେ ପଞ୍ଚାୟତ ବାବୁ ଯେମିତି ବିଚଳିତ ହୋଇଗଲେ, ଆଉ କାହାକୁ କେବେ ଏମିତି ବିଚଳିତ ହେବାର ଲକ୍ଷ୍ମୀଧର ଦେଖିନାହିଁ ।

ସବୁ ମିଛ କଥା । ମୋତେ ବଦନାମ କରିବା ପାଇଁ ଏସବୁ ଲାଗି ପଡ଼ିଛନ୍ତି । ଇଞ୍ଜିନିଅର ବାବୁ ଏକଥା କହୁଥିଲା ବେଳେ ଲକ୍ଷ୍ମୀଧର ମନେ ମନେ ହସୁଥିଲା ।

ମିଛ ହେଉ କି ସତ ହେଉ । ସେ ଝିଅ, ତା' ବାପ କେତେଜଣଙ୍କୁ ଧରି ସବୁ ସାମ୍ବାଦିକଙ୍କୁ ଦେଖା କରିଛି । ମୁଁ ସେମାନଙ୍କର ବିବୃତି ରଖିଛି । ଏ ଗୁଡ଼ାକ ବାହାରିଲେ ମସ୍ତବଡ଼ ସ୍କାଣ୍ଡାଲ ହୋଇଯିବ ।

ଏତକ ଶୁଣି ପଞ୍ଚାୟତ ବାବୁ ସେଦିନ ବିରାଡ଼ି ଆଗରେ ମୂଷା ଭଳି ନରମ ହୋଇଗଲେ । ଆଉ ସେଦିନର ରାତି କଥା, ଏବେ ବି ଜଳ ଜଳ ହୋଇ ଦେଖାଯାଉଛି । ଲୁହାରଡ଼ିହି ଯୋଜନାର ଡ଼ାକବଙ୍ଗଳା ଆଉ ସେଠା ଠିକାଦାରର ମନଲାଖି ରେଜା—ସେ ରାତିକ ପାଇଁ ତାର ହୋଇଗଲା ।

‘ବରଧରା ପହଞ୍ଚିଗଲାଣି···ବରଧରା ପହଞ୍ଚିଗଲାଣି’—ଏମିତି ପାଟି କରି ପଡ଼ଶାଘର ପିଲାଗୁଡ଼ିକ ଘର ଭିତରକୁ ପଶିଗଲେ । ଘରେ ଖୁସିର ସୁଅ ଛୁଟିଲା । ଶ୍ରୀ ଓ ଶ୍ରୀମତୀ ମହାପାତ୍ରେ ଭାସିଗଲା ଭଳି ମନେକଲେ ।

କେଉଁଠାକୁ ଧରିବେ ମହାପାତ୍ରେଙ୍କୁ ତାର ସମ୍ବଳ ନାହିଁ । ଲୋଠା ଧରିବାକୁ ଯାଉ ଯାଉ ସେ ମସିଣା ଉଠାଉଥିଲେ ତ ବାରିକକୁ ଖୋଜିବାକୁ ଯାଉ ଯାଉ ସେ ପୁରୋହିତଙ୍କୁ ଡାକ ପକାଉଥିଲେ ।

ଲକ୍ଷ୍ମୀଧରର ସାଙ୍ଗମାନେ ସବୁ ସମ୍ଭାଳନେଲେ । 'ମଉସା ତୁମେ ବ୍ୟସ୍ତ ହୁଅନାହିଁ । ଆମେ ସବୁ ବ୍ୟବସ୍ଥା କରିନେଉଛୁ ।'

ସାଜ ସରଞ୍ଜାମ ସବୁ ସରିଗଲା । ବରଯାତ୍ରୀଙ୍କୁ ଧରି ଆଗେ ଆଗେ ଗୋଟିଏ ବସ ଚାଲିଗଲା । ସମସ୍ତେ ଯାଇ ଡାକବଙ୍ଗଳାରେ ରହିବେ । ବର ପହଞ୍ଚିଲେ, ଏକାଠି ଶୋଭାଯାତ୍ରା ଆରମ୍ଭ ହେବ । ସେଇଠି ବରକୁ ଆଉ ଥରେ ସଜାଇବାକୁ ପଡ଼ିବ ।

ବର ପାଇଁ କାର୍‌ଟା ବେଶ୍ ସଜାସଜି ହୋଇଗଲା । କେବଳ ଫୁଲହାର ଗୁଡ଼ାକ ଗାଡ଼ି ପଛରେ ରଖି ଦିଆଗଲା । ଗୁଞ୍ଜୁଡ଼ି ଭିତରେ ବେଶ୍ ସତେଜ ରହିପିବ, ପଲିଥିନ୍ ଖୋଳଭିତରେ ପାଣି ଦିଆହୋଇଛି । ଗାଡ଼ି ଉପର ଲାଇଟ୍‌ଗୁଡ଼ିକୁ ଏଇଠୁ ସଜାଇ ନନେଲେ, କେଉଁଝର ଗଡ଼ରେ ସଜେଇବାକୁ କେହି ମିଳିବେ ନାହିଁ ।

ବରଧର, ବର, ବରପିତା ସମସ୍ତେ ପଛ ସିଟ୍‌ରେ ବସିବେ । ଆଗରେ ପୁରୋହିତ, ବରଭାଇ ଓ ଡ୍ରାଇଭର । ହୁଳହୁଳି ଓ ଶଙ୍ଖଶବ୍ଦ ଯୋର୍‌ରେ ଶୁଣାଗଲା । କଳସ ରଖି ମହାପାତ୍ରେ ପାଦ ଉଠାଇଲେ । ଘର ବାହାର ସବୁ ଭଲକରି ବନ୍ଦବାନ୍ଧ କରିବ ବୋଲି ସମସ୍ତଙ୍କୁ କହି ସେ ବାହାରିଲେ ।

ଦାଣ୍ଡ ପିଣ୍ଡାକୁ ପଡ଼ିଶା ଘରର ପିଲାଟା ଦୌଡ଼ି ଆସି କହିଲା, 'ମଉସା, ମଉସା, ପୋଲିସ ଆସୁଛନ୍ତି !"

'ଆରେ ଏତେ ଡେରିରେ ? ବରଯାତ୍ରୀମାନେ ତ ଚାଲିଗଲେଣି ।'

ଲକ୍ଷ୍ମୀଧର କହିଲା, ବାପା ତୁମେ ବ୍ୟସ୍ତ ହୁଅନା । ମୁଁ ବନ୍ଦୋବସ୍ତ କରି ଦେଉଛି । ସେମାନଙ୍କୁ ଆଉଗୋଟିଏ ଗାଡ଼ିରେ ପଠାଇ ଦେଉଛି, ବରଯାତ୍ରୀ ସାଙ୍ଗରେ ଯିବେ ।

ଲକ୍ଷ୍ମୀଧରର ଫେରିବା ଡେରି ହେଲା । ବାହାରୁ ଶୁଭିଲା, ବନ୍ତି ପାଟିରେ ଲକ୍ଷ୍ମୀଧର କ'ଣ ଗୁଡ଼ାଏ କହୁଛି ।

ଘରୁ ବାହାରି ମହାପାତ୍ରେ ଦେଖିଲେ, ଲକ୍ଷ୍ମୀଧରକୁ ହାତକଡ଼ି ପକାଇ ଥାନାକୁ ନେବାକୁ ଦୁଇଜଣ କନେଷ୍ଟବଲ ଆଗଭର । ଆଉ ଦୁଇ ଜଣ ସାଙ୍ଗରେ ଅଛନ୍ତି; ଥାନାବାବୁ ତଦାରଖ କରୁଛନ୍ତି ।

ସମସ୍ତେ ବାହାରକୁ ଆସିଗଲେ । ମହାପାତ୍ରେ ଅନୁନୟ ବିନୟ କଲେ, ଖାଲି ବାହାଘରଟା ସରିବାକୁ ଦିଅନ୍ତୁ । ମୁଁ ନିଜେ ତାକୁ ଆଣି ଥାନାରେ ସମର୍ପଣ କରିବି ।

ପୋଲିସ ନଛୋଡ଼ବନ୍ଧା । ଠକାମି, ଜାଲ ଦୁଆଗ୍ରେସି, ଜବରଦସ୍ତ ଟଙ୍କା ଆଦାୟ ଆଦି ଦୋଷରେ ସେ ଅଭିଯୁକ୍ତ । ଏତେ ସିରିୟସ ଚାର୍ଜରେ ସେମାନେ ଛାଡ଼ିପାରିବେ ନାହିଁ—ଥାନାବାବୁ କହିଲେ ।

କିନ୍ତୁ ଏତିକି ବେଳେ କ'ଣ ଆରେଷ୍ଟ କରିବାର ଥିଲା ? —ଜନୈକ ସାମ୍ବାଦିକ ବାବୁ ପଚାରିଲେ ।

ଆରେ ଭାଇ; ଖବର ତିଆରି କରିବାପାଇଁ ଏହାଠାରୁ ଭଲ ମୁହୂର୍ତ୍ତ ଅଛି କି ?—ଆଉଜଣେ ଉତ୍ତର ଦେଲେ ।

□ □

# ପ୍ରାକୃତିକ ବିପର୍ଯ୍ୟୟ

ମୋ ଘରଟା ଟିକେ ଦେଖନ୍ତୁ ।

ମନ୍ତ୍ରୀଙ୍କ ହାତଧରି ଲୋକଟା ଟାଣିନେଲା । ଆଡ଼େଇ ଦେବାକୁ ପୋଲିସ ଦଉଡ଼ି ଗଲେ । ମନ୍ତ୍ରୀଙ୍କୁ ଟାଣିନେବାର ଅଧିକାର ତାର ନାହିଁ । ରାସ୍ତା ଫାଙ୍କା ରଖିବାର କର୍ତ୍ତବ୍ୟ ପୋଲିସର ।

ମନ୍ତ୍ରୀ ଆସିଛନ୍ତି । ନିଜ ଆଖିରେ ବିପର୍ଯ୍ୟୟର କ୍ଷତି ପରିମାଣ କଳନା କରିବେ । ଲୋକେ ତ କହିବେ ଖୋଦ୍ ମନ୍ତ୍ରୀ ଆସିଥିଲେ । ନହେଲେ ବିରୋଧି ଦଳବାଲାଙ୍କୁ ପାରି ହେବନାହିଁ ।

ପ୍ରାକୃତିକ ବିପର୍ଯ୍ୟୟରେ ଅଫିସରମାନେ କ'ଣ କରନ୍ତି ନକରନ୍ତି ସେ ବିଷୟରେ ମୋ ଗବେଷଣାର ଭାଗଟା ସରିଯାଇଛି । ଲୋକେ କିପରି ବ୍ୟବହାର କରନ୍ତି ସେତିକ ମୋର ବର୍ତ୍ତମାନ ଦରକାର । ମନ୍ତ୍ରୀଙ୍କ ଗସ୍ତରେ ମୋ ଗସ୍ତ ମିଶାଇ ଦେଲେ ଖବରଟା ସଂଗ୍ରହ କରିବା ସୁବିଧା ହେବ । ସେଥିପାଇଁ ମୁଁ ଭୁବନେଶ୍ୱରରୁ ଦଉଡ଼ି ଆସିଲି ।

ନାହିଁ ନଥିବା ବର୍ଷା । ଆଠ ଘଣ୍ଟାରେ ଛଅଶହ ମିଲିମିଟର । ବାଇବେଲ ଯୁଗରେ ନୋହା'ଙ୍କ ସମୟରେ ଏଇମିତି ବନ୍ୟାବିପ୍ଳାବିତ ହୋଇଥିଲା । ସେତେବେଳେ ଗୋଟିଏ ଗୋଟିଏ ଜାତିରୁ ହଳେ ଲେଖାଏଁ ବାଛି ନେଇ ଉଦ୍ଧାର କାର୍ଯ୍ୟ ସରିଗଲା । ଆଜି ତାହା ହୋଇପାରିବ ନାହିଁ । ଅଫିସରମାନେ ଏ ଢଗରେ ବାଛବିଚାର କରିପାରିବେ ନାହିଁ । ଜଣେ କେହି କୌଣସି କାରଣରୁ ମରି ହଜିଗଲେ କୈଫିୟତ ଦେବାକୁ ପଡ଼ିବ । ନୋହାଙ୍କ ଆର୍କ ଠାରୁ ଜିଲ୍ଲାପାଳଙ୍କ ତରଣୀ ଖୁବ୍ ଲମ୍ବ ଓ ଚଉଡ଼ା । ଏଥିରେ ସମସ୍ତେ ଉଠିଯିବା କଥା ।

ଆଗରୁ ଏକ ସାକ୍ଷାତ୍କାରରେ ଜିଲ୍ଲାପାଳ ମହୋଦୟ ମତେ କହିଥିଲେ, ଆଜିକାଲି ଲୋକେ ବିପର୍ଯ୍ୟୟ ଖୋଜୁଛନ୍ତି । କାରଣ ବିପର୍ଯ୍ୟୟ ସେମାନଙ୍କ ପାଇଁ ଗୋଟିଏ ଅଧିକାର ସୃଷ୍ଟି କରେ । ମାଗଣା ଖୋରାକ ମିଳିଯିବ । ପାଟିକଲି ଲୋକେ ମଧ୍ୟସ୍ଥତା କରି ବେଶ୍ କିଛି ମାରିବାକୁ ପାଇବେ । ବିରୋଧି ଲୋକଙ୍କୁ ପାଟିକରିବାକୁ ନୂଆ କାରଣ, ନୂଆ ସୁଯୋଗ ମିଳିଯିବ ।

ମୁଁ ବି ଦେଖିଲି ଯେଉଁ ଲୋକର କାନ୍ଥ ଭୁଷୁଡ଼ି ପଡ଼ିଛି, ସେ ନିଜ ଜିନିଷପତ୍ର ଉଦ୍ଧାର କରିବାରେ ବ୍ୟସ୍ତ । ଅଫିସରଙ୍କ ଆଗରେ କି ମନ୍ତ୍ରୀଙ୍କ ଆଗରେ ପାଟି କରିବାର, ଗାଳି ଦେବାର ବେଳ କାହିଁ ?

ହେଇ ସେ ଘରଟି ଦେଖୁନାହାନ୍ତି ?

ସତେ ଯେମିତି ମନ୍ତ୍ରୀଙ୍କ ଆଖି ପଡୁନାହିଁ । ତାଙ୍କ ଦୃଷ୍ଟି ଟାଣି ଆଣିବାକୁ କୁହାଗଲା ଲୋକଟି ପାଟି କଲା । ମୁଁ ଦେଖିଲି, ଘରମାଲିକ ଛପର ଉପରେ । ଖସିଯାଇଥିବା ଖପରଲକୁ ସଜାଡ଼ୁଛି । ଘରଭିତରେ ସ୍ତ୍ରୀଲୋକେ ବଳିରୁ ବଞ୍ଚିଥିବା ଟିକୁଟାକ ଜିନିଷପତ୍ର ସଜାଡ଼ୁଛନ୍ତି । ଛୁଆମାନେ ଆମ ଦଳରେ ପଶି ଭିଡ଼ ବଢ଼ାଉଛନ୍ତି ।

ଜରେ, କ'ଣ ଦେଖୁଛରେ ? ରାସ୍ତା ଭିଡ଼ କାହିଁକି କରୁଛ ? ସ୍କୁଲ ନାହିଁକି ?

ଆମ ସ୍କୁଲ ତ ବନ୍ଦ ।

କାହିଁକି ?

ଲୋକେ ସବୁ ଆମ ସ୍କୁଲରେ ଆଶ୍ରୟ ନେଇଛନ୍ତି !

ତାହାହେଲେ ଘରକୁ ଯାଉନ ? ଆମ ସାଙ୍ଗରେ କାହିଁକି ବୁଲୁଛ ?

ଆମେ ବି ଟିକେ ଦେଖିବୁ ।

ସତିକଥା । ଆମରି ଯଦି ଦେଖିବାର ଏତେ ଆଗ୍ରହ, ପିଲାମାନଙ୍କର କାହିଁକି ନହେବ ? ଘରଦ୍ୱାର ନଷ୍ଟ ହୋଇଥିବା ଘରର ପିଲା ଏମାନେ ହୁଅନ୍ତି, ଏତିକି ଜଣାପଡ଼ିଲା ।

ହେଇ ଦେଖୁ ନାହାନ୍ତି, କେତେ ଉଚ୍ଚ ପାଣି ଉଠିଥିଲା ।

ଲୋକଟି ଝୁଲରେ ଲାଗିଥିବା ନଡ଼ା, କୁଟା, କାଠିଗୁଡ଼ିକୁ ଦେଖାଇ ଦେଲା । ବଢ଼ିପାଣି ସେତିକି ଝୁଲ ଉପରେ ଲଦି ଦେଇ ତଳକୁ ଖସିଛି । ମଣିଷ ବଣଭୋଜି କରିବାକୁ ଯାଇ ଯଦି ପଥରରେ ନିଜ ନାଁ ଲେଖିଦେଇ ଆସୁଛି, ନଇପାଣି କାହିଁକି ଝୁଲରେ ଲେଖି ନଦେବ ?

ଏ ବଢ଼ି ବେଳରେ ଲୋକେ କିପରି ଅତିରଞ୍ଜନ କରନ୍ତି, ଦେଖିବା କଥା ।

ଆଜ୍ଞା ମୋ ଘର ଟିକେ ଦେଖନ୍ତୁ ।

ଆଉ ଜଣେ ମନ୍ତ୍ରୀଙ୍କୁ ଟାଣି ନେଲେ ।

ଦେଖନ୍ତୁ କେତେ ଉଚ୍ଚରେ ପାଣି ଉଠିଥିଲା । ମୋ ଆଣ୍ଠୁରୁ ବି ଜିନିଷପତ୍ର ଭାସିଗଲା ଆଜ୍ଞା—ମୁଁ ସର୍ବସ୍ୱାନ୍ତ ହୋଇଗଲି ।

ଲୋକଟି ବର୍ଷା ଛିଟିକା ମାରିଥିବା କାନ୍ଥଟି ଦେଖାଇଲା । କାନ୍ଥ ଉପରେ ଝୁଲ ଲାଗିକି ରହିଛି, ଓଳି ନାହିଁ । କାନ୍ଥ ପୂରା ଭିଜିଛି । ନଜାଣିଲା ଲୋକ ବଢ଼ି ପାଣି ବୋଲି କହିବ । ମୁଁ ସେ ଘର ଚାରିପଟ ବୁଲିଆସିଲି । ଦ୍ୱାର ପାଖ କାନ୍ଥରେ ଗୁଣ୍ଡିଏ ଉଚ୍ଚରେ ବଢ଼ି ପାଣିର ଚିହ୍ନ । ମୋତେ ଟିକେ ହସ ଲାଗିଲା । ହସଟା ଚପାଇ କହିଲି, ଭାଇ ମୁଁ ଟିକେ ଘର ଭିତରକୁ ଯାଇପାରେ ? କ'ଣ କିମିତି କ୍ଷୟକ୍ଷତି ହୋଇଛି ଦେଖନ୍ତି ।

ଆଜ୍ଞା ଟିକେ ଅଡୁଆ ହେବ । ଘରେ ମାଇପେ ସବୁ ଅଛନ୍ତି ପରା !

ମୋତେ ମଜା, ମୁଁ ତେଣୁ ଜିଲ୍ଲାପାଳଙ୍କ ଆଡ଼କୁ ମୁହଁ ବୁଲାଇଲି । ମିଃ ମହାପାତ୍ର, ଏଥିରେ ଲୋକଙ୍କୁ କି ସାହାଯ୍ୟ ମିଳିବ ?

ଏଥିପାଇଁ ସରକାରୀ ନିୟମରେ କିଛି ସାହାଯ୍ୟ ନାହିଁ । ସେ ଭାବନ୍ତି, ସମସ୍ତ ଜିନିଷପତ୍ର ନଷ୍ଟ ହୋଇଛି କହିଲେ ତାଙ୍କୁ କିଛି ଟଙ୍କା ବା ସାହାଯ୍ୟ ମିଳିଯିବ ।

କାହିଁକି, ଆପଣ ଘରୋଇ ସମ୍ପତ୍ତିବାଡ଼ିର କ୍ଷୟକ୍ଷତି ହିସାବ କରନ୍ତି ?

ହଁ । କିନ୍ତୁ ସେ ସବୁ ହିସାବ ମୋଟରେ କେତେ କ'ଣ କ୍ଷୟକ୍ଷତି ହୋଇଛି, ଜାଣିବା ପାଇଁ । ଘର ଭୁଷୁଡ଼ି ପଡ଼ିଥିଲେ, ପୂରା ଘରକାନ୍ଥ ପଡ଼ିଯାଇଥିଲେ ୫୦୦ ମିଳିବ । ଅଳ୍ପ ଭାଙ୍ଗିଥିଲେ କମ୍ ମିଳିବ । ଜିନିଷ ଭାସିଗଲେ କିଛି ମିଳେ ନାହିଁ । ବରଂ ମଣିଷ ମରିଥିଲେ କିଛି ମିଳେ— ଛୋଟ ପିଲା ୫୦୦ଟଙ୍କା, ବଡ଼ ମଣିଷ ମରିଥିଲେ ୧୫୦୦ ମିଳେ । ଏସବୁ ଶୁଦ୍ଧକ୍ରିୟା ପାଇଁ । ଏହାଛଡ଼ା ଆଉକିଛି ସରକାରୀ ସାହାଯ୍ୟ ଟଙ୍କା ଆକାରରେ ଦିଆଯାଏ ନାହିଁ ।

ଆଉ କିଛି ଦିଆଯାଏ ନାହିଁ ? କିଛି ଉପରେ ମୁଁ ଟିକେ ଜୋର ଦେଲି ।

ଜିନିଷ ଆକାରରେ ଦିଆଯାଏ । ଚୂଲି ଜଳିବାର ସୁବିଧା ଯା'ର ନାହିଁ, ଖାଦ୍ୟ ଶସ୍ୟ ଭାସିଯାଇଛି, ଘର ଭାଙ୍ଗିଯାଇଛି, ତାଙ୍କୁ ସାଙ୍ଗେସାଙ୍ଗେ ପ୍ରଥମ ଦିନେ ଦି ଦିନ ଚୂଡ଼ା ଗୁଡ଼ ଦିଆଯାଏ । ଛୁଆଙ୍କୁ, ମା' ମାନଙ୍କୁ ଦୁଧ ଗୁଣ୍ଡ ବି ଦିଆଯାଏ । ବିସ୍କୁଟ ବି । ହେଇ ଦେଖୁନାହାନ୍ତ ! ରହିବା ପାଇଁ ତଲେଇଗ୍ରି' ଘର କରି ଦିଆ ଯାଇଛି । କହୁ କହୁ, ମିଃ ମହାପାତ୍ର ଅଦୂରରେ ଗୋଟିଏ ତଲେଇ ଘେରା ଗୁଡ଼ିଣୀକି ହାତ ବଢାଇ ଦେଲେ । ସେ ପୁଣି ଆରମ୍ଭ କଲେ, ଆଉ କେଉଁଠି କେର୍‌ପାଲ ଟଙ୍ଗାଇ ସେମାନଙ୍କୁ ରଖାଯାଉଛି । ରାତିରେ ଆଲୁଅପାଇଁ ମହମବତୀ ଦିଆସିଲି ଦିଆଯାଉଛି । ଲୋକଙ୍କର ଡିବି ବା ଲଣ୍ଠନ ଥିଲେ କିରେସିନ ଦେଉଛୁ ।

ଏୟା ବାଦେ ଆଉ କ'ଣ ଦିଅନ୍ତି ?

ମାଗଣାଖିଆ ସମସ୍ୟାଟା ସରିଗଲେ ଆମେ ଘରଭଙ୍ଗା ଟଙ୍କା ବାଣ୍ଟି ଦେଉ । ଏ ସହର ପାଇଁ ଗୋଟିଏ ନୂଆ କଥା ମନ୍ତ୍ରୀ କହିଛନ୍ତି । ଗରିବ

ଲୋକ, ଆଦିବାସୀ, ହରିଜନ, ଦିନ ମଜୁରିଆ ମାନଙ୍କୁ ମାଗଣାରେ ବାଉଁଶ ଓ କାଠଖୁଣ୍ଟ ଓଡ଼ିଶା ବନ ନିଗମ ଯୋଗାଇବ । ଅନ୍ୟ ବନ୍ୟା ପ୍ରପୀଡ଼ିତ ଲୋକେ ରୟାଲଟି ଦେଇ ଏ ପ୍ରକାର ଘର ତିଆରି ଜିନିଷ ନେଇ ପାରିବେ ।

ଆଚ୍ଛା, ଏଥିରେ ହେରଫେର ନାହିଁ ?

ନିଶ୍ଚୟ । ଗତବର୍ଷ ବଢ଼ି କଥା ଜାଣିଥିବେ । ହଜାର ହଜାର ଲୋକ ବିପନ୍ନ । ଆଠ ଦଶଟା ଅଫିସର ଗଣାଗଣି କରିବେ । ଧରନ୍ତୁ ଗୋଟିଏ ପରିବାରର ଦୁଇତିନଟା ଘର ଭାଙ୍ଗିଛି । ସେ ସବୁ ଗୋଟିଏ ମାଲିକର ହୋଇଥିଲେବି, ଭିନ୍ନ ଭିନ୍ନ ଦେଖାଇ ହଜାରେ କି ପନ୍ଦରଶ' ନେଇପାରେ । ମାନେ, ଥିଲାବାଲା ଲୋକ ବେଶୀ ପାଉଛି । ଗୋଟିଏ ଲୋକ କ'ଣ କଲା ଜାଣନ୍ତି ? ଗଣନାକାରୀ ଅଫିସର ପହଞ୍ଚିବା ପୂର୍ବରୁ ସେ ତା ଘରର ସବୁ କାନ୍ଥ ଭାଙ୍ଗି ଦେଇଥିଲା । ପୂରା ୫୦୦ ଟଙ୍କା ପାଇଲା । ସେ ଟଙ୍କା ନେଇ ଗଲାପରେ ତା ପଡ଼ୋଶୀ ଲୋକ କହୁଛନ୍ତି, ତା'ଘରେ ଖାଲି ପାଣି ପଶିଥିଲା, ଘରର କିଛି ହୋଇନଥିଲା ।

ତା'ହେଲେ ଆପଣ ଟଙ୍କା ଲେଉଟାଇ ଆଣୁନାହାନ୍ତି ?

ଏ' ତ ଗ୍ରାଣ୍ଟ । ସ୍ବାକୁ ପୁଣି ଟିକିନିଖି ତନଖି କଲେ ଗାଳିଖାଇବା ସାର ହେବ । ଟଙ୍କା ଆଦାୟପାଇଁ କୋରଟ କରିବା ପର୍ଯ୍ୟନ୍ତ କଥା ଯିବ । ଆଉ ଆପଣ ସାମ୍ବାଦିକ ମାନଙ୍କୁ ନୂଆ ଖୋରାକ ମିଳିଯିବ । ଆପଣ କହିବେ ସରକାରୀ ଅଫିସରମାନେ ଅମଣିଷ । ଆଗରୁ ତ 'ଉଦାସୀନ' 'ଅପାରଗ' ଭଳି କେତେ ବିଶେଷଣ ଲଗାଇଛନ୍ତି ।

ଭଲ କଥା ତ ? କହୋ ! ଆପଣମାନେ ଯେମିତି କରିବା କଥା ଯଦି ନକଲେ ଆମେ ଅପାରଗ କହିବୁ ନାହିଁ ?

କ'ଣ କରିବା କଥା ଦେଖୁନାହାନ୍ତି ? ଲୋକେ ଭାବନ୍ତି ଚୂଡ଼ା ଚାଉଳ ସବୁ ପାଣି ଉପରେ ଭାସୁଥିବ । ଦୁଆରେ ପାଣି ପଶିଲାକ୍ଷଣି ଚୂଡ଼ା ଚାଉଳ କି ଘର ଭିତରକୁ ପଶିଯିବ । ଏତିକି ନହେଲେ ଅଫିସରମାନଙ୍କ

ଅବହେଳାରେ ଲୋକଙ୍କ ଦୁର୍ଦ୍ଦଶା, ଘରଆଡ଼େ ଅନ୍ନ ବିନା ହାହାକାର, ଦିନେ ଦି ଦିନ ବିତିଯାଇଥିଲେ ବି ଲୋକଙ୍କୁ ସାହାଯ୍ୟ ମିଳନାହିଁ— ଇତ୍ୟାଦି ଇତ୍ୟାଦି ଆପଣ କାଢ଼ିଦେବେ ।

ସତ କହନ୍ତୁ ତ ! ଉଦ୍ଧାର କାର୍ଯ୍ୟରେ ଆପଣଙ୍କର ଅବହେଳା ହୁଏନାହିଁ ?

ଶିକ୍ଷକ ସ୍ୱରକୁ ବୁଝାଇଲା ଭଳି ଜିଲ୍ଲାପାଳ ମୋତେ କହିଲେ, ଆପଣ ଦି' ଆଡ଼ୁ ଦେଖନ୍ତୁ—ଲୋକ ଆଉ ଅଫିସର । ଘର ଚାରିପଟେ ପାଣି ପଶିଲେ ବି ଲୋକ ଘର ଛାଡ଼ିବ କି ? ସେ ଭାବେ ପାଣି ବୋଧହୁଏ ଛାଡ଼ିଯିବ । ଆଣ୍ଠୁଏ ପାଣି ହେଲେ ଭାବେ ଆଉ ବୋଧହୁଏ ବଢ଼ିବ ନାହିଁ । ପାଣି ବଢ଼ି ଯେତେବେଳେ ଚାଳ ଛୁଏଁ ସେତେବେଳେ ସେ ଭାବେ ତାଙ୍କୁ କେହି କାହିଁକି ଉଦ୍ଧାର କରିବାକୁ ଆସୁନାହାନ୍ତି ? ନେଡ଼ଗୁଡ଼ କହୁଣିଙ୍କ କୋହି ଗଲାରୁ ସରକାରୀ କଳ ଉପରେ ଭରସା ଆସେ । ଆଗରୁ ଯେତେ ମାଇକ୍ ପ୍ରଚାର କର, ଡାକବାଜରେ କହ, କେହି ଶୁଣିବେ ନାହିଁ । ସତେ କଣ ଏତେ ବଢ଼ି ହେବ ? ଯେତେବେଳେ ବଢ଼ି ପ୍ରବଳ ହୁଏ, ସେତେ-ବେଳେ ପ୍ରତି ଘରୁ ଲୋକ ଉଦ୍ଧାର କରିବା ପାଇଁ ଗୋଟିଏ ଲେଖାଏଁ ଡଙ୍ଗା ଦରକାର । ଏତେ ଡଙ୍ଗା ରଖିବା କେବେ ସମ୍ଭବ କି ? ଡଙ୍ଗାରେ ଜଣକ ପରେ ଜଣେ ଉଦ୍ଧାର କଲେ ପାଣି ତ ବଢ଼ୁଛି—କେତେ ଜଣ ଉଦ୍ଧାର ହୋଇ ପାରିବେ ? କେତେ ଗାଁ ପହଞ୍ଚି ହେବ ? ତଥାପି ଯେତେ ଉଦ୍ଧାର କରାଯାଏ, ସାଧାରଣ ସମୟରେ ଏତେ ଲୋକ ପାରି ଉତାର ହୁଅନ୍ତି ନାହିଁ । ଆଉ ଅଫିସରଙ୍କ ତରଫରୁ ଟିକେ ଦେଖନ୍ତୁ । ଯେଉଁ ଲୋକ ଡଙ୍ଗା ରଖିଛି, ସେ କଣ ଆଗରୁ ଜାଣିଥିବ ଯେ ପାଣି ଚାଳକୁ ଛୁଇଁବ, ତାର ଦରକାର ପଡ଼ିବ ? ନାଉରୀ ନ ଥାଇ ପାରେ । ଥିଲେ, ଯେତେବେଳେ ନିଜ ଘର ବୁଡ଼ ପାଣି ଅଣ୍ଟୁଏ, ଆଉ କା ଘରକୁ ଯିବ କିଏ ? ଏହି ସବୁର କଥା ଦେଖୁନାହାନ୍ତି ? ଯେତେ ସରକାରୀ ଡ୍ରାଇଭର୍ ପ୍ରାୟ ସମସ୍ତଙ୍କର ଘର ଭାଙ୍ଗିଛି—ସେମାନେ ବଢ଼ିବେଳେ ନିଜ ଘର ଦେଖିବେ ନା ଅଫିସ୍ ଗାଡ଼ି ଚଳାଇବେ ? ଗାଡ଼ି ନଥିଲେ ଚାଲି ଚାଲି ବନ୍ୟା ବିପନ୍ନ ବସ୍ତିରେ ପହଞ୍ଚିଲା ବେଳକୁ ମହାଭାରତ ସରିଯାଇଥିବ ।

ତା ମାନେ କଣ ଉଦ୍ଧାର ଅସମ୍ଭବ ?

ଅସମ୍ଭବ ହୋଇଥିଲେ ଏତେ ଲୋକଙ୍କୁ ଉଦ୍ଧାର କରି ଆମେ କ୍ୟାମ୍ପରେ ରଖିଥାନ୍ତୁ କପରି ? ବହୁତ କର୍ମଚାରୀ ନିଜର ଦୁଃଖ, ଅସୁବିଧାକୁ ପଛକୁ ଠେଲି ଦେଇ ଅନ୍ୟମାନଙ୍କୁ ଉଦ୍ଧାର କରିଛନ୍ତି । କିନ୍ତୁ ଆପଣମାନେ ଯେ ଭାବନ୍ତି ସବୁ ଲୋକଙ୍କୁ ବିପଦ ଆସିବା ସାଙ୍ଗେ ସାଙ୍ଗେ ଉଦ୍ଧାର କରି-ହେବ, ତା ଅସମ୍ଭବ । ଏହି ସହରର କଥା ଦେଖନ୍ତୁ—୨୦ ହଜାର ଲୋକ ପାଣି ଘେରରେ ରହିଲେ । ପ୍ରାୟ ୨୦ଟି ବସ୍ତିରେ । ପ୍ରତି ବସ୍ତି ପାଇଁ ଡଙ୍ଗାଟିଏ ଦରକାର । ପ୍ରତି ଡଙ୍ଗାପାଇଁ ଦୁଇଜଣ କର୍ମଚାରୀ ଦରକାର । ପୁଣି ଯଦି ଦୁଇ ହଜାର ଲୋକଙ୍କୁ ଉଦ୍ଧାର କରିବାକୁ ପଡ଼ିବ—ତେବେ ପ୍ରତି ଡଙ୍ଗାକୁ କୋଡ଼ିଏ ପଚାଶ ଥର ଯିବାକୁ ପଡ଼ିବ । ଏ ତ ଅସମ୍ଭବ । ପ୍ରଥମେ ତ ଏତେ ଡଙ୍ଗା ନାହିଁ । ପଚିଶ ଶହେ ବର୍ଷରେ ଥରେ ଏମିତି ପ୍ରଳୟଙ୍କରୀ ବର୍ଷା ହେବ, ବନ୍ୟା ହେବ ଭାବି ଡଙ୍ଗା କଣା ହୋଇ ରଖା-ହୋଇପାରିବ ନାହିଁ । ରଖାହେଲେ କାରବାର ବେଳକୁ ତା ଆୟୁଷ ନ ଥିବ । ଥରେ କେବେ ନଈବଢ଼ି ହେବ ବୋଲି ବର୍ଷ ବର୍ଷ ଧରି ଏତେ ସରକାରୀ କର୍ମଚାରୀଙ୍କୁ ରାଜକୋଷରୁ ପୋଷି ହେବ କି ?

ମନ୍ତ୍ରୀ ଚାଲିଥାନ୍ତି । ଜିଲ୍ଲାପାଳଙ୍କ ବକ୍ତୃତା ବି ଚାଲିଥାଏ । କିଛି ବାଟ ଯିବାପରେ ଜିଲ୍ଲାପାଳଙ୍କ ଲେକ୍‌ଚରକୁ ବୁଡ଼ାଇ ଦେଇ ଗୋଟିଏ କାନ୍ଦ ବୋବାଳି ଶୁଭିଲା । ଆମେ ଅଟକି ଗଲୁଁ ।

କାନ୍ଥ ଚାପାରେ ଶାଶୁ ମରି ଯାଇଛି, ବୋହୂ କାନ୍ଦୁଛି । ଦି'ଦିନ ହେଲା ସେ ଅନବରତ କାନ୍ଦୁଛି ।—ଏଗାର ବାର ବର୍ଷର ପିଲାଟିଏ ମୋତେ ବୁଝାଇଲା ।

ମନ୍ତ୍ରୀ କିଛି କହିବା ପୂର୍ବରୁ ଜିଲ୍ଲାପାଳ ପାଖେଇ ଗଲେ । ସାର୍, ତା ପରିବାରକୁ ୧୫୦୦ ଟଙ୍କା ସାହାଯ୍ୟ ଦେଇ ସାରିଛି ।

"କେତେବେଳେ ?"—ମନ୍ତ୍ରୀ ପଚାରିଲେ ।

"ଆଜି ସକାଳେ ।"

"ମୋଟରେ କେତେ ଲୋକ ମରିଛନ୍ତି ?"

"ସାର୍ ସାତଜଣ ।"

ମୁଁ ମନ୍ତ୍ରୀଙ୍କ ପାଖକୁ ମାତ୍ର ଯାଇଥିବା ଜିଲ୍ଲାପାଳଙ୍କୁ ଟାଣି ଆଣି ପଚାରିଲି—ମିଷ୍ଟର ମହାପାତ୍ର, ଏ ଯେଉଁ ୭ ଜଣ ମରିଛନ୍ତି ସେମାନେ ସମସ୍ତେ କଣ ଏ ଟାଉନ୍‌ର ?

ନା, ଲକ୍ଷେଶ୍ୱର ଗାଁରୁ ଦୁଇ ଜଣଙ୍କୁ ମିଶେଇ ।

କିନ୍ତୁ ସମସ୍ତେ ସ୍ତ୍ରୀ ଲୋକ ?

ହଁ ।

ଏମାନେ ଅବଳା ନାମକୁ ସାର୍ଥକ କରୁଛନ୍ତି ବୋଲି ମୋର ମନେ ହେଲା । ପୁଣି ପଚାରିଲି, 'ମିଃ ମହାପାତ୍ର, ଯୁବତୀ କେହି ମରିଛନ୍ତି ?

ନା, ସବୁ ବୁଢ଼ୀ । କେବଳ ରେଲ୍‌ୱେ କଲୋନୀରେ ଅଠର ବର୍ଷର ଝିଅଟିଏ ମରିଛି ।

ଆଜ୍ଞା, ସେ ଯେଉଁ ଘରଟା ଦେଖୁଛନ୍ତି, ରେଳବାଇ କଲୋନୀର; ସନାତନ ମିଶ୍ରଙ୍କର ଘର । ତାଙ୍କର ଷୋହଳ ବର୍ଷର ଝିଅଟି । ଟୋକାଟିଏ କହିଲା । ଟୋକାଟିଏ କହୁଛି ଯେତେବେଳେ, ଦୁଇ ବର୍ଷ କମିଯିବା ଅସମ୍ଭବ ନୁହେଁ ।

ଆଉ ଜଣେ ବୁଢ଼ା ବୁଝାଇଲା—ପାଣି ତ ଧୋ ଧୋ ଗର୍ଜ୍ଜନକରି ମାଡ଼ି ଆସିଲା । ଘଣ୍ଟାକୁ ହାତେ ଲେଖାଏଁ ବଢ଼ିଲା । ଏଥିରେ ବୁଢ଼ା କ'ଣ, ଯବାନ କ'ଣ ?

ମୋର ଟିକିଏ କୌତୂହଳ ବଢ଼ିଗଲା । ଏ ସବୁ ତ ବର୍ଷାପାଣିର କାମ । ନଈବଢ଼ି ନୁହେଁ । ପାଣି ବାହାରି ଯାଇ ନ ପାରି ଜକେଇ ରହିଲା । ଠାକୁରମୁଣ୍ଡ ବନ୍ଧା ଭାଙ୍ଗିଗଲା ପରେ ହିଁ ସବୁ ପାଣି ବାହାରି-ଗଲା । ତେଣୁ ଝୁଅ ମୁହଁରେ ହିଁ ଘର ଭାଙ୍ଗିଥିବ । ଏ ବସ୍ତିରେ ତ ଝୁଅ ପଡ଼ିଥିବାର କିଛି ଦିଶୁ ନାହିଁ, ଝୁଅ ପଡ଼ିଥିଲେ ଘର ଦୁଆର ଧୋଇ ନେଇଥାନ୍ତା—ଯେମିତି ନଙ୍ଗଲକୋର କୂଳରେ ସବୁଘର ଭାସିଯାଇଛି । କାନ୍ଥଗୁଡ଼ାକ ଠାଏ ଠାଏ ଓଦା ହୋଇଛି, କେତେଗୁଡ଼ାଏ କାନ୍ଥ ବସି-

ଯାଇଛି । ଠିଆ କାନ୍ଥରେ ବଡ଼ି ପାଣିର କୁଟାଖଟାର ଚିହ୍ନ ଗୋଟିଏ ଗାର ପରି ରହି ଯାଇଛି—ପାଣି କିଛି ସମୟ ପାଇଁ ଏତିକି ଉଚ୍ଚରେ ସ୍ଥିର ହୋଇ ରହିଥିବ ନିଶ୍ଚୟ । ଝାଟିମାଟି କାନ୍ଥ ଦିଆ ଘରେ ବି ସେଇ ଚିହ୍ନ । କାନ୍ଥରୁ ମାଟି ଧୋଇ ଯାଇଛି । ବାଉଁଶ କଣି ଗୁଡ଼ାକ ଜଳଜଳ ହୋଇ ଦିଶୁଛି । ଯେଉଁଠି କାନ୍ଥ ପୂରା ଭୁଷୁଡ଼ି ପଡ଼ିଛି, ଖପରଲି ଛାତ କାନ୍ଥ ଉପରେ ବସିଯାଇଛି ।

'ଆଚ୍ଛା ଆପଣ ସନାତନ ମିଶ୍ରଙ୍କୁ ବି ୧୫୦୦ଟଙ୍କା ଦେଇଛନ୍ତି ?' ମୁଁ ଜିଲ୍ଲାପାଳଙ୍କୁ ପଚାରିଲି ।

'ଦେବୁନି ? ଏ ପରା ନିୟମ ।'

ମୋର କାହିଁକି ସନ୍ଦେହ ହେଉଛି, ଷୋଳବର୍ଷ ଝିଅର ମୃତ୍ୟୁ, ଗୋଟିଏ ଅନ୍‌ନେଚୁରାଲ ଡେଥ୍ ହୋଇଥିବ । ଆପଣ ଟିକେ ଅନୁସନ୍ଧାନ କରନ୍ତୁ ତ ? ଜିଲ୍ଲାପାଳଙ୍କ କାନ ପାଖରେ ଫୁସ୍ ଫୁସ୍ ହୋଇ କହିଲି ।

ସବୁ ମୃତ୍ୟୁ ଘଟଣାର ହିସାବ ଥାନାରେ ରଖାଯିବ । ସେମାନେ ପୋଷ୍ଟମର୍ଟମ ବି କରିବା କଥା । କିଛି ସନ୍ଦେହ ନ ଥିଲେ ଶବ ଘରବାଲାଙ୍କୁ ଫେରାଇ ଦିଆଯାଏ ।

ବସ୍ତି ବୁଲାବୁଲି ସାରି ମନ୍ତ୍ରୀ ମହୋଦୟ ଲେଉଟିଲେ । ଆମେ ପଛରେ । ସବୁ ପଛରେ ସ୍ଥାନୀୟ ଏମ୍: ଏଲ: ଏ ।

ହଠାତ୍ ଗୋଟିଏ ହୈ ଚୈ ଶୁଭିଲା । ଲୋକେ ଟଣା ଓଟରା କରୁଛନ୍ତି—ପୁଲିସ ଧାଇଁଛନ୍ତି, ଜିଲ୍ଲାପାଳ ଦଉଡ଼ିଲେ— । ମୁଁ ବି ଗହଳି ଭିତରେ ପଶିଗଲି ।

ଲୋକେ ଠେଲା ପେଲା କରୁଛନ୍ତି ସ୍ଥାନୀୟ ଏମ୍. ଏଲ. ଏ. ଙ୍କୁ ।

କହୋ ଭୋଟ ବେଳେ ଦଉଡ଼ି ଆସିବ ! ଗୋଡ଼ତଳେ ପଡ଼ିଯିବ, ହାତ ଧରି ପକାଇବ । ଆଉ ଆମେ ମରୁଥିବା ବେଳେ ତୁମେ କୁଆଡ଼େ ଥିଲ ? ଭୁବନେଶ୍ବରରେ ମାଉଁସ ପଲଉ ଖାଉଥିବ । ଅଠରହଜାର ଘଣ୍ଟା

ପରେ ଦର୍ଶନ ମିଳୁଛି । ଆମେ ମଲେ କେତେ ଗଲେ କେତେ ? ନଜର ଢ଼' ପଇସା ମିଳିଗଲେ ଭୋଟରଙ୍କୁ ପଚାରୁଛି କିଏ ?

ଲୋକ ଗହଳରେ କିଏ କଣ କହୁଛି ତା ନିର୍ଦ୍ଦିଷ୍ଟ କରିବା କଷ୍ଟକର । ଜଣକର ଗୋଟିଏ ବାକ୍ୟକୁ ଆଉ ଜଣକର ଅନ୍ୟ ବାକ୍ୟଟି ଏମିତି ଖାପ ଖାଇଯାଉଛି, ମନେ ହେବ ସେମାନେ ରିହାରସାଲ୍ କରି ଆସିଛନ୍ତି । ଏମ୍. ଏଲ୍. ଏ.ଙ୍କ ହାତ ଟାଣୁଥିବା ଲୋକଟି କିଏ ବୋଲି ମୁଁ ପଚାରିଲି ।

ଆପଣ ଜାଣିନାହାନ୍ତି ? କୁଆଡ଼କାର ଲୋକ କହେ଼ା ? ଜଣେ ଯୁବକ ତାଚ୍ଛଲ୍ୟ କରି କହିଲା ।

ମୁଁ ଜଣେ ସାମ୍ବାଦିକ । ଭୁବନେଶ୍ୱରରୁ ଆସିଛି ।

ଉପକୂଳିଆ ଲୋକେ ତ ସବୁଦିନେ ରିଲିଫ ଖାଉଛ, ଆମେ ଏଠି ଭୋକ ଉପାସରେ ମରୁଛୁ ! ପଚାରୁଛି କିଏ ? ସବୁ ଟଙ୍କା ସେଇଠି ଖର୍ଚ୍ଚ । ଆମକୁ ଏଠି ଢ଼' ଦିନ ପରେ ସମବେଦନା ଜଣାଇବାକୁ ଆସିଛ ? ଆଉ କେତେ ଗୁଡ଼ାଏ ଟୋକା ମୋତେ ବିଦ୍ରୂପ କଲେ ।

ଆ'ରେ ବାବୁ ମୋର କାମ ଖବର ସଂଗ୍ରହ କରିବା । ମନ୍ତ୍ରୀ ଆସିଛନ୍ତି ରିଲିଫ୍ ବ୍ୟବସ୍ଥା କରିବେ ।

ଢ଼' ଦିନ ପରେ କାହିଁକି ଆସିଲେ ?

ଆଉ ଜଣେ କହିଲା, ଅଢ଼ଚାଳିଶ ଘଣ୍ଟା ପରେ କାହିଁକି ଆସିଲେ ? ସତେ ଅବା ଘଡ଼ି ଦେଖି ହିସାବ କରିଛି !

ବେଶୀ ଯୁକ୍ତି କଲେ ନଜର ବିପଦ ବଢ଼ିଯିବ । ମୁଁ ଚୁପ୍ ରହିଲି । ଏମ୍. ଏଲ୍. ଏ. ନଜର କଳବଳ ଖଟାଇ ଲୋକଙ୍କ ମେଳରୁ ଖସିଆସିଲେ ।

ସେଦିନର ସନ୍ଧ୍ୟାରେ ମନ୍ତ୍ରୀ ଅଫିସରମାନଙ୍କ ସଭା କଲେ । ଲୋକଙ୍କ ପାଇଁ ସେ କେତେ କଣ କରିଛନ୍ତି ପୁଣି କେତେ କଣ କରି-

ଯାଉବେ, କହିଲେ । କେଉଁଠି ଅଫିସରମାନେ କଣ କପଉ କରିବେ ସେ ବିଷୟରେ ନିର୍ଦ୍ଦେଶ ଦେଲେ ।

ମୁଁ ସେଦିନ ରାତ୍ରରେ ମୋର ବିବରଣୀ ପଠାଇବା କଥା । ଡେରିକଲେ ସମ୍ବାଦର ସତେଜତା ରହିବ ନାହିଁ । ଡାକ ଓ ତାର ଘରକୁ ଯିବା ବାଟରେ ମୁଁ ଟାଉନ୍ ଥାନାରେ ପଶିଗଲି ।

ଥାନାବାବୁଙ୍କୁ ମୋର ପରିଚୟ ଦେବାପରେ ଚେୟାର ଖଣ୍ଡିଏ ମିଳିଲା । ମୁଁ ତର ତର । ତଥାପି ଚା' ନ ଦେଇ ଥାନା ବାବୁ ଛାଡ଼ିବେ ନାହିଁ ।

'ମୁଁ ଗୋଟିଏ ଖବର ନେବାକୁ ଆସିଛୁ ।'

'କଣ ପଚାରୁ ନାହାନ୍ତି !'

ଥାନା ବାବୁଙ୍କ ଉତ୍ତର ପରେ ମୁଁ ତାଙ୍କ କାନ ପାଖରେ ଫୁସ୍ ଫୁସ୍ ହେଲି । ଯେଉଁ ୭ ଜଣ ମଲେ ସେମାନଙ୍କ ପୋଷ୍ଟମର୍ଟମ କଲେଣି ?

ନାହିଁ ଆମେ ୫ଟି କେଶ୍ ଧରିଛୁ ।

ବାକିଥିଲା ଆଉ ଦୁଇଟି ମଫସଲରେ ପଡ଼ି । ତେବେ କଣ ଫଳ ହେଲା ?

ତିନୋଟି କେଶ୍ ସକ୍ ଯୋଗୁଁ ମୃତ୍ୟୁ । ଏତେ ପାଣି ଦେଖି ସେମାନେ ହଡ଼ବଡ଼ ହୋଇ ଯାଇଛନ୍ତି । ଆଉ ଗୋଟିଏ କେଶ୍ କାନ୍ଥ ରୁପାରେ ମୃତ୍ୟୁ ।

ସେ ଝିଅଟି କଥା କଣ ?

ତାର ଗଳାରେ ଚପା ଦାଗ ଅଛି । ପେଟରେ ୧୨ ସପ୍ତାହର ଭ୍ରୂଣ ।

ଛେପ ଢୋକୁ ନ ଢୋକୁ ମୁଁ ପଚାରିଲି, ମୃତ୍ୟୁ କେବେ ହେଲା ବୋଲି ଡାକ୍ତର କହୁଛନ୍ତି ?

ତିନ ଦିନ ହେଲାଣି ।

କ୍ଷମା କରିବେ, ମୋର ନିଉଜ ପଠାଇବାରେ ଡେରି ହୋଇ ଯାଉଛି । ମୁଁ ଚେୟାରରୁ ଉଠପଡ଼ି ଗଲି ।

ତିନଦିନ ମାନେ ବନ୍ୟା ପୂର୍ବଦିନ, ବର୍ଷା ହେଉଥିବା ଦିନ । ହିସାବ କରୁ କରୁ ମୁଁ ଟେଲିଗ୍ରାଫ୍ ଅଫିସରେ ପହଞ୍ଚିଲି ।

× × ×

ପରଦିନ ଏଡ଼ିଟରଙ୍କ ଠାରୁ ଫୋନ୍ ପାଇଲି ।

"ତୁମେ ଯ୍ୟାଡ଼୍ ସ୍ୟାଡ଼୍ କଣ ଗୁଡ଼ାଏ ଲେଖିଛ ? ଯ୍ୟାକୁ ତୁମେ କହୁଛ ଅନୁସନ୍ଧାନମୂଳକ ସାମ୍ବାଦିକତା ? ଇନ୍‌ଭେଷ୍ଟିଗେଟିଭ୍ ଜର୍ଣ୍ଣାଲିଜମ୍ ? ଲୋକ ଚରିତ୍ର ଦେଖାଇଲେ କଣ ତୁମେ ମାଗାସେସେ ଆୱାର୍ଡ଼ ପାଇବ ବୋଲି ଭାବଛ ? ସରକାର ବିରୁଦ୍ଧରେ ଲେଖ—ସରକାର ! ବୁଝିଲ ? ଲୋକଙ୍କ ଭୁଲ୍‌ଭଟକା କାଢ଼ିଲେ କାଗଜ ପଢ଼ିବ କିଏ ! ସେନ୍‌ସେସନ୍ ଆସିବ କେଉଁଠୁ ? ଏଗୁଡାକ ସବୁ ଅଖବର—ନନ୍‌ନିଉଜ୍—ବୁଝିଲ !"

□ □

# ମାଲଖାନା

ମୁଁ ଏମିତି ଯାଇପାରିବି ନାହିଁ । ବେକ ସ୍ମୃତିପଟେ ଶ୍ରୀମତୀ ଦାସଙ୍କ ଦୁଇହାତ ଝୁଲିଆସିଲା, ବେକଟା ଫାଙ୍କା ଅଛି ଇଙ୍ଗିତ ଦେବାକୁ ।

ଏଣିକି କୁଆଡେ କେବେ ବାହାରିଲେ ଶ୍ରୀମତୀ ଦାସ ଏମିତି କହୁଛନ୍ତି, ଶୁଣି ଶୁଣି ଶ୍ରୀଯୁକ୍ତ ନିରଞ୍ଜନ ଦାସଙ୍କ ଦେହସୁଦ୍ଧା ହୋଇଗଲାଣି । ଅନ୍ୟ ବେଳଠାରୁ ଚୁପ୍ ରହିବାର କାରଣ ଆଜି ବେଶୀ । ତାଙ୍କର ଡର, ଯୁକ୍ତି କଲେ ସ୍ତ୍ରୀ ରାଗିଯିବେ ତ ଯିବା ବନ୍ଦ ହୋଇଯିବ ।

ଆଜି ଶ୍ରୀଯୁକ୍ତ ଦାସଙ୍କୁ ବିଦାୟ ଭୋଜି ଦେଉଛନ୍ତି ଜିଲ୍ଲାପାଳ ଶ୍ରୀଯୁକ୍ତ ନରେନ ପଟ୍ଟନାୟକ । ମାତ୍ର ବର୍ଷେ ହୋଇନି ଶ୍ରୀଯୁକ୍ତ ଦାସଙ୍କ ବଦଳି ହୋଇଗଲା । "କାଲିପରି ଲାଗୁଛି, ଆମେ ଆସୁ ଆସୁ ଆପଣମାନେ ଚାଲି ଯାଉଛନ୍ତି ।" ସେଦିନ ନିମନ୍ତ୍ରଣ କଲାବେଳେ ଶ୍ରୀମତୀ ପଟ୍ଟନାୟକ, ଶ୍ରୀମତୀ ଦାସଙ୍କୁ କହିଥିଲେ ।

ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲାପାଳଙ୍କ ବସା ପାଖାପାଖି । ଘର ଯିବା ଆସିବା, ବେଳେବେଳେ ପରବାପର୍ବ ଦିଆନିଆ—ଏମିତି ସମ୍ପର୍କଟା ବେଶ୍ ଜମେଇ ଆସିଥିଲା । ଏମିତି ଭାବ ବଢୁଥିବା ବେଳେ ସରକାର ଯେ କାହିଁକି ବଦଳି କରିଦିଏ, ଶ୍ରୀମତୀ ପଟ୍ଟନାୟକ ଯେତିକି ବୁଝିପାରୁନଥିଲେ, ଶ୍ରୀମତୀ ଦାସ ତା'ଠାରୁ ବେଶି ବ୍ୟସ୍ତ ହେଉଥିଲେ ।

ବ୍ୟସ୍ତ ହେବାର ବଡ କାରଣ, ଏଠି ଶିଫ୍ଟାପରତ ସମସ୍ତଙ୍କୁ ଛାଡ ପୁଣି ନୂଆ ଯାଗାରେ ବସା ବାନ୍ଧିବାକୁ ପଡିବ । ଏଠାକାର ଠିକାଦାରମାନେ ବେଶ୍ ଭଦ୍ର । କିଛି ଗୋଟାଏ ମଗାମଗି କଲେ, ସେମାନେ ଇତସ୍ତତଃ ହେବାର ଦେଖାଯାନ୍ତି ନାହିଁ । ଆଗରୁ ଗ୍ରାମ୍ୟ ଇଞ୍ଜିନିୟରିଂ ସଂସ୍ଥାରେ ଥିଲାବେଳେ ସେ ଗୁଡ଼ାକ କେଡେ କଞ୍ଜୁସ ଭଳି କଥା କହୁଥିଲେ, ଶ୍ରୀମତୀ ଦାସଙ୍କ ମନେପଡେ । ଏଠାକାର ସୁବିଧା କି ସେଠି କାହିଁ ? କଲିକତା, ବମ୍ବେକୁ ସିଧା ଲାଇନ, ରେଲରେ ସବୁବେଳେ ଯିବା ଆସିବା । ଅର୍ଡର କରିବାରେ ଶ୍ରୀମତୀ ଦାସ ବରଂ ହେଲା କରନ୍ତି, କିନ୍ତୁ ଜିନିଷ ଆସିବାର ନୁହେଁ । ଶ୍ରୀମତୀ ଦାସଙ୍କର ବା କ'ଣ ଚିନ୍ତା ? ଅମୁକର ସମୁକ କାମଟା ଦେଉନ କାହିଁକି ? କିମ୍ବା ତା'ର ସମୁକ ବିଲ୍ ଟା ପାସ୍ କରି ଦେଉନ ? ଏତକ ବାବୁଙ୍କୁ କହିଦେଲେ, ଶ୍ରୀମତୀ ଦାସଙ୍କ କାମ ସରିଯାଏ । ଦେବାବାଲା ବି ଖୁସି । ଶ୍ରୀଯୁକ୍ତ ଦାସ ସ୍ତ୍ରୀଙ୍କର ଏତକ ଇଙ୍ଗିତ ପାଇଗଲେ, ଜାଣିଯା'ନ୍ତି ଯେ ସଉଦା ହୋଇଯାଇଛି ।

ହାଉଆ ଏମିତି ସରଗରମ ହୋଇ ଆସୁଥିବା ବେଳେ ବାବୁଙ୍କ ବଦଳି ଶ୍ରୀମତୀ ଦାସଙ୍କୁ ଭଲ ଲାଗନ୍ତା ବା କିପରି ? କିନ୍ତୁ ସେ ଆଜି ଗୋଟିଏ କାରଣ ପାଇଁ ବେଶୀ ବ୍ୟସ୍ତ । ଖବର ମିଳିଛି, ତାଙ୍କର ପ୍ରିୟ ହାରଟି ଜବତ ହୋଇଛି, ସଦର ଥାନା ମାଲଖାନାରେ ଅଛି । କେଶ୍ ଟା ଫଏସଲା ହୋଇଗଲେ ହାରଟା ଫେରି ମିଳନ୍ତା । ଚଳେ ଗଲେ ବାର ହାତ । ଏଠାରୁ ବଦଳି ହୋଇଗଲା ପରେ ପୋଲିସବାଲା କ'ଣ ଏତେ ଯତ୍ନ ନେବେ ?

ଶ୍ରୀମତୀ ଦାସଙ୍କ ଆଖି ଆଗରେ ଭାସିଗଲା, ସେଦିନର ଘଟଣା । 'ଅସ୍ତରାଗ'ର ମୁହୂରତ ପାଇଁ ତାଙ୍କୁ ନିମନ୍ତ୍ରଣ ହୋଇଥାଏ । ଆଉ କେତେ କେତେ ବଡ ବଡ ଅଫିସର ଓ ତାଙ୍କ ସ୍ତ୍ରୀମାନେ ବି ଆସିବେ । ସମସ୍ତଙ୍କ ଫଟୋ ଉଠିବ, ସିନେମାରେ ସବୁଦିନ ଛାପହୋଇ ରହିଯିବ । ଭଲ ଭଲ ଗହଣାଗାଣ୍ଠି ପିନ୍ଧିକି ଯିବା ନିହାତି ଦରକାର । ଆହାଃ ସେଦିନ ଯଦି

ସେ ଜାଣିଥାନ୍ତେ, ସେଟା ତାଙ୍କ ଶେଷପିନ୍ଧା, ହାରଟି କେବେ ଷ୍ଟେଟବ୍ୟାଙ୍କ ଲକରରୁ ଆଣିନଥାନ୍ତେ ।

ଗୋଟାକ ପରେ ଗୋଟାଏ ଠିକାଦାରଙ୍କ ପଛରେ ଲାଗି ଲାଗି ସେ ଏହି ମନଲାଖି ହାରଟି ଗଢ଼ାଇଥିଲେ । ଭରି ଭରି ହୋଇ ଦଶଭରିର ସୁନା । ଲାଲ ଓ ନୀଳ ପଥର । ବେକକୁ ଘୋପିରଖି ତାଙ୍କର ଗହମରଙ୍ଗର ଦେହକୁ ସୁନେଲି କରିଦିଏ । କୌଣସି ଅନୁଷ୍ଠାନକୁ ଗଲେ, ସମସ୍ତଙ୍କ ଆଖି ତାଙ୍କ ଉପରେ ପଡ଼େ । ମହିଳାମାନଙ୍କ ଆସର କଥା ଛାଡ଼ନ୍ତୁ । ହାରଟା ତାଙ୍କ ବ୍ଲାଉଜ ଉପରର ଫୁଙ୍ଗୁଳା ମାଂସ ସବୁକୁ ଯେମିତି ତେଜ ଆଣି ଦିଏ, ଦେଖଣାହାରୀଙ୍କ ଆଖିକୁ ସେମିତି ଝଲସାଇ ଦିଏ । ବଢ଼ିଆ ହୋଇଛି ବୋଲି ନକହିବା ଲୋକ ବୋଧହୁଏ କେହି ନଥାନ୍ତି ।

ମୁହୂରତ ପର ଭୋଜଭାତ ଖାଇ ସେଦିନ ଦାସ ଦମ୍ପତି ବେଶ୍ ଖୁସିରେ ରାତ୍ରୀଯାପନ କରିଥିଲେ । କିନ୍ତୁ ସକାଳୁ ଉଠି ସେ ଦେଖନ୍ତି ଗହଣାପତ୍ର ଥିବା ବାକ୍ସଟି ହରଣଚାଳ ହୋଇଯାଇଛି ।

ଶ୍ରୀମନ୍ତୀ ଦାସ ସେଦିନ ଯେମିତି କାନ୍ଦିଲେ, ସଦ୍ୟ ସନ୍ତାନ ହରାଇ-ଥିବା ମାଆ ବୋଧହୁଏ ତେତେ ବିକଳ ହେଉନଥିବ । ସେଦିନ ସାନ୍ତ୍ୱନା ଦେଇ ଶ୍ରୀଯୁକ୍ତ ଦାସ କହିଥିଲେ, ଉପୁରି ଜିନିଷ ଉପରେ ପଳାଇଲା । ଏଥିପାଇଁ ଏତେ ଅଧୈର୍ଯ୍ୟ ହେଉଛ ? ଏଇ ମଣିଷ ଥିଲେ ଆହୁରି କେତେ ଏମିତି ଗହଣା କରିହେବ ।

ବଣିଆର ବହିରୁ ବାଛି ବାଛି ଡିଜାଇନ ଦେଇଥିଲେ, ତିଆରି ସମୟରେ ବାରମ୍ବାର ଅଳଙ୍କାର ଦୋକାନକୁ ଯାଇ ତାଗିଦ କରିଥିଲେ । ସେମିତି ହାରଟା ଚାଲିଗଲା, ଏଥିପାଇଁ ଶ୍ରୀମନ୍ତୀ ଦାସଙ୍କ ମନରେ ବେଶି କଷ୍ଟ । ବାକ୍ସଯାକ ଗହଣା ଗଲାପଛେ, ହାରଟା ଥାଆନ୍ତା କି ?

ମନଭିତରେ ଶ୍ରୀମନ୍ତୀ ଦାସଙ୍କ ରାଗ ଯେ ତାଙ୍କର ଏତେ ଚିହ୍ନାପରିଚିତ ଆଇଜି ଆଜିଯାଏ ହାରଟା ଉଦ୍ଧାର ହୋଇପାରିଲା ନାହିଁ । ଶ୍ରୀଯୁକ୍ତ ଦାସ

ମଧ୍ୟ କେତେଥର ସ୍ତ୍ରୀଙ୍କ ମୁହଁରୁ ଏହି ଅଭିଯୋଗ ଶୁଣିଛନ୍ତି । ଆଜି ପୁଣି ସେହି କଥା ।

ମୁଁ କେତେଥର ସୁତପାକୁ କହିଲଣି । ତୁମେ ଟିକେ ମିଷ୍ଟର ସାନ୍ୟାଲଙ୍କୁ କହିଲେ ହୁଅନ୍ତାନ ? ଶ୍ରୀମତୀ ଦାସ କିଛିଦିନ ପାଇଁ ସୁତପାର ଲେକ୍‌ଚରର ଥିଲେ । ତେଣୁ ଏସ୍‌. ପି.ଙ୍କ ସ୍ତ୍ରୀଙ୍କୁ ସେ ନାଁ ଧରି ଡାକନ୍ତି ।

ଆରେ, ହାରଟା କ'ଣ ଖାଲି ତୁମର ହଜିଛି, ମୋର ହଜିନାହିଁ ? ଶ୍ରୀଯୁକ୍ତ ଦାସ କହିଲେ । ଯେତେବେଳେ ଦେଖାହୁଏ ମୁଁ ଏସ୍‌. ପି. ଙ୍କୁ କହେ । ଗତ ଜିଲ୍ଲା ଉନ୍ନୟନ ବୋର୍ଡ ମିଟିଂରେ ମୁଁ ମିଷ୍ଟର ପଟ୍ଟନାୟକଙ୍କୁ ବି କହିଲି । ସେ ତ କହିଲେ ଚୋରେ ଧରାପଡ଼ିଛି, ବାକ୍‌ସଟା ଧରାହୋଇ ମାଲଖାନାରେ ଅଛି । ଖୋଦ କଲେକ୍ଟର କହିଲେ ଅବିଶ୍ୱାସ କରିବାର କ'ଣ ଅଛି ? ତାଙ୍କୁ ତୁଆଡେ ଏସ୍‌. ପି. କହୁଥିଲେ, ଚୋରମାନେ କିଛି ଜିନିଷ ବିକି ଦେଇଛନ୍ତି । ଚୋରମାଲ ଯେଉଁ ବଣିଆମାନେ କିଣନ୍ତି, ପୋଲିସ ସେମାନଙ୍କ ତଲାସରେ ଅଛି ।

ମୁଁ ଆଜି ଖାଲି ବେକରେ ଯିବି । ସେମାନେ ଦେଖନ୍ତୁ ।

ଶ୍ରୀମତୀ ଦାସଙ୍କ ମାନ ଭଙ୍ଗିବା ପାଇଁ ଶ୍ରୀଯୁକ୍ତ ଦାସ କହିଲେ, କଲେକ୍ଟର, ଏସ୍‌. ପି. ଙ୍କୁ ଅଭିମାନ କରି ତୁମେ କ'ଣ ଲଙ୍ଗଳା ରହିବ ? ତୁମେ ସେ ଲମ୍ବା ତାରକସି ହାରଟାକୁ ଓ'ଡନସହ କରି ପିନ୍ଧିଦେଉନା ? ତୁମକୁ ବେଶ୍‌ ଭଲ ସାଜେ ।

ଖାଲି ସୁନା ସୂତାଟା ଶାଢ଼ୀ ଯୁନିଫର୍ମକୁ ମାନିବ ନାହିଁ ।

ପୁଣି ସେହି ଅଭିଯୋଗ । ଶ୍ରୀଯୁକ୍ତ ଦାସ ଟିକେ ଦବିଗଲେ । ସେ ଜାଣନ୍ତି, ତାଙ୍କ ସ୍ତ୍ରୀ ତୁଆଡେ ବାହାରିଲେ, ସବୁ ଜିନିଷ ଏକା ରଙ୍ଗର ପିନ୍ଧନ୍ତି । ଶାଢ଼ୀ, ଚୁଡ଼ି, ବ୍ଲାଉଜ, ବିନ୍ଦି, କାନଫୁଲ, ଘଡିର ବେଲ୍ଟ୍‌— ଏସବୁ ଏକା ରଙ୍ଗର ହେବା ଦରକାର । ହାରଟିରେ ପଥର ନାହିଁ,

କେଉଁ ରଙ୍ଗର ପ୍ରଶ୍ନକାହିଁ ? ପଚ୍ଛେଇ ନଯାଇ ସେ କହିଲେ, ପ୍ଲେନ ହାରଟା ସବୁରଙ୍ଗ ସାଙ୍ଗରେ ସାଜିବ । ତା'ଛଡ଼ା ସହରଟାଯାକ ସମସ୍ତେ ଜାଣିଛନ୍ତି ତୁମର ଗହଣା ସ୍ମେଗ୍ଲ ଯାଇଛି । ତା'ବୋଲି ତାରକସି ହାରଟିଏ ବି ନାହିଁ ବୋଲିତ କେହି ଭାବବେ ନାହିଁ ?

ଶ୍ରୀଯୁକ୍ତ ଦାସଙ୍କ କଥାଟା ଅଛା ଭଲ ଲାଗିଲା । ଶ୍ରୀମତୀ ଦାସ ପଞ୍ଚମକୁ ଉଠିଗଲେ, ମୋର କ'ଣ କରିଦେଇଛ ଯେ ? କେଉଁ ଦିନ ମୋ ପାଇଁ ଭଲ ଶାଢ଼ୀଟିଏ ବା ଭଲ ଗହଣାଟିଏ ଆଣି ଦେଇଛକି ? ସନ୍ତୋଷ ସିଂ, ଗୋବିନ୍ଦ ମାନ୍ଧାତା, କୃପାନିଧି ବାରିକ, ଏ ସମସ୍ତେ ନଥିଲେ ମୋର ଗୋଟିଏ ହେଲେ ଶାଢ଼ୀ କି ଗହଣା ଥାଆନ୍ତା କି ?

ହଉ ହେଲା । ତୁମେ କହି ବୋଲି କରାଇଛ । ବଦଳରେ ମୋ ଠାରୁ କାମ ଆଦାୟ କରୁନଥିଲେ ସେମାନେ ଦିଅନ୍ତେ କି ?

କର ବାବୁ କମିତ ମାସେ, ଦି'ମାସରେ ନୂଆ ନୂଆ ଶାଢ଼ୀ, ନୂଆ ନୂଆ ଗହଣା ତାଙ୍କ ସ୍ତ୍ରୀଙ୍କୁ ଆଣି ଦେଉଛନ୍ତି । ମହାନ୍ତିବାବୁ ତ କେବଳ ଗହଣା, ଶାଢ଼ୀ ନୁହେଁ, ତିନ ଚାରିମାସରେ ନୂଆ ନୂଆ ଘର-କରଣା ଜିନିଷ, ଟେପ ରେକର୍ଡ଼ର, ଷ୍ଟିରିଓ ଆଣି ଦେଉଛନ୍ତି । ସେମାନେ ଇଞ୍ଜିନିୟର ନା ତୁମେ ଏକୁଟିଆ ଇଞ୍ଜିନିୟର ।

ଜାତୀୟ ରାଜପଥର ନିର୍ବାହୀ ଯନ୍ତ୍ରୀ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ତୁଳନା କରି ଶ୍ରୀମତୀ ଦାସ ତାଙ୍କ ସ୍ୱାମୀଙ୍କ ପୁରୁଷତ୍ୱକୁ ଧିକ୍କାର କରିବାର ଇଙ୍ଗିତ ଦେଖାଉଥିଲେ । ପ୍ରତିବେଶୀ ବା ସମାନ ପାହ୍ୟାର ଲୋକଙ୍କ ଉଦାହରଣ ଦେଇ କାମ ଆଦାୟ କରିବା ମଣିଷର ସ୍ୱଭାବ ।

ତଥାପି ଶ୍ରୀଯୁକ୍ତ ଦାସ ଧୈର୍ଯ୍ୟ ହରାଇଲେ ନାହିଁ । ବଡ଼ ଖୁସି ମିଜାଜର ଲୋକ, ଅତି ଗୁରୁତର କଥାକୁ ବି ସେ ଉଡ଼ାଇ ଦେଇ ଲଘୁ କରି ଦିଅନ୍ତି ।

ଆରେ ଜଲ୍‌ଦ ପିନ୍ଧାପିନ୍ଧି କର । ସାଡେ ଆଠଟା ହେଲଣି । ଆମର ଫେଆରୱେଲ, ପୁଣି ଆମେ ସବା ପଛରେ ଯିବା, ଏଟା ଭଲ ହେବ ନାହିଁ ।

ତୁମ ହାତ ଧରି ପରି ଭୁଲ କରିଛି—ପୁଣି ଶ୍ରୀମତୀ ଦାସଙ୍କ ଅଭିମାନ । ନ ବାହାହୋଇ ବରଂ ଅଧ୍ୟାପିକା ରହିଥିଲେ ଭଲ ହୋଇ ଥାଆନ୍ତା ।

ହଉ ମୋର ସବୁ ଦୋଷ । ଆମ ଭିତରର ଝଗଡ଼ା ପଦାକୁ ଜଣାଇ ଲାଭ କ'ଣ ? ଭିନରେ ଡେରି ହୋଇଯିବ । ସମସ୍ତେ ଆସିଗଲେଣି ।

ଶ୍ରୀମତୀ ଦାସ ଗରଗର ହୋଇ ଗୁଡାଏ ବକୁଥା'ନ୍ତି, ଏଣେ ପ୍ରସାଧନ ଚଳାଇଥାନ୍ତି । ଶ୍ରୀଯୁକ୍ତ ଦାସ ଅପରାଧ ସ୍ୱୀକାର କରି ଶ୍ରୀମତୀଙ୍କୁ ଥଣ୍ଡା କରିଦେଲେ—କହିଲେ, ଠିକ୍ ହେବନାହିଁ । ନିଜର ଯାହାକିଛି ବାଷ୍ପ ଟପ୍ ଟପ୍ ହୋଇ ଫୁଟିଥିଲା, ସବୁ ବାହାରିଗଲା ପରେ, ଆଉ ଗରମ ରହିବା କଥା ନୁହେଁ । ଶ୍ରୀମତୀ ଦାସଙ୍କ କ୍ଷେତ୍ରରେ ତାହାହିଁ ଘଟିଥିଲା ।

ଦାସ ଦମ୍ପତି ଗାଡିଧରି ଜିଲ୍ଲାପାଳଙ୍କ ପୋର୍ଟିକୋରେ ପହଞ୍ଚିଲା କ୍ଷଣି ଶ୍ରୀମତୀ ପଟ୍ଟନାୟକ ଆସି ପାଛୋଟି ନେଲେ ।

କ'ଣ ନୂଆ ହାରଟିଏ କଲେକି ? ଶ୍ରୀମତୀ ଜିଲ୍ଲାପାଳ, ଶ୍ରୀମତୀ ଦାସଙ୍କ ବେକରେ ତିନିସରି ସୁନାମାଳି ଦେଖି ପଚାରିଦେଲେ । ଶ୍ରୀମତୀ ଦାସଙ୍କୁ ଜଣାଗଲା, ସତେ ଯେମିତି ସେ ତାଚ୍ଛଲ୍ୟ କରୁଛନ୍ତି । ତାଚ୍ଛଲ୍ୟର ପ୍ରତ୍ୟୁତ୍ତର କରିବାକୁ ଯାଇ ସେ କହିଲେ, "ତୁମ ଯୋଗୁ ତ ମୋ ବେକ ଲଗିଲା । ଟିକେ ଏସ୍. ପି. ଙ୍କୁ କହିଥିଲେ, ଏତେବେଳକୁ ମୋ ହାରଟା ଫେରି ମିଳନ୍ତାଣି ।"

ଶ୍ରୀଯୁକ୍ତ ଦାସ ଆଖି ମାରିଲେ ଚୁପ୍ ହେବାପାଇଁ । ତାଙ୍କର ମତଲବ ହେଲା, ଏମିତି କହିବାଟା ଉଚିତ୍ ହୋଇନାହିଁ । ତାଙ୍କ ଘରକୁ ଅତିଥି ହୋଇ ଆସି ତାଙ୍କୁ ଅପମାନ ଦେବା ଅଭଦ୍ରାମି ।

ସ୍ୱାମୀ ସ୍ତ୍ରୀଙ୍କର ଆଖି ଠାରଠାରି ଲକ୍ଷ୍ୟ ନକରି ଶ୍ରୀମତୀ ପଟ୍ଟନାୟକ କହିଲେ, ଅନ୍ତ କମ୍‌ରେ ପାଞ୍ଚ ଛଅଥର କହିଲଣି । ତୁମର ଜିନିଷ ସବୁ ସଦରଥାନା ମାଲଖାନାରେ ଅଛି । କୋର୍ଟ ଅର୍ଡ଼ର ନମିଳିଲେ ଫେରସ୍ତ ମିଳିବ କିପରି ? ଏବେ ତ ଏସ୍. ପି. ଆସିଯିବେ । ପଚାରି ଦେବା । ଆସ, ବସ । ଏତିକି କହି ଶ୍ରୀମତୀ ପଟ୍ଟନାୟକ ଆଗେ ଆଗେ ରାସ୍ତା କଢ଼େଇ ନେଲେ ବୈଠକଖାନାକୁ ।

ହର୍ଣ୍ଣ ଶୁଭିଲା । ସମସ୍ତେ ଚାହିଁଲେ । ସାନ୍ୟାଲ ଦମ୍ପତି ଆସୁଛନ୍ତି । ଗାଡ଼ିରୁ ପାଛୋଟି ଆଣିବାକୁ ଶ୍ରୀମତୀ ପଟ୍ଟନାୟକଙ୍କ ସାଙ୍ଗରେ ଶ୍ରୀମତୀ ଦାସ ବି ଗଲେ । ଏ ସୌଜନ୍ୟ ଆପେ ଆପେ ଆସିଯାଇଛି । ଚୋର-ମାଲ ଉଦ୍ଧାର ପାଇଁ ଯେଉଁ ଏସ୍. ପି. ଦମ୍ପତିଙ୍କର ସାହାଯ୍ୟ ଦରକାର, ତାଙ୍କ ପ୍ରତି ଅଗ୍ରୀମ କୃତଜ୍ଞତାର ନିଦର୍ଶନ ।

ଏଁ ! ଚମକି ପଡ଼ି ପାଟିରୁ କଥା ବାହାରି ଆସିବା ପୂର୍ବରୁ ଶ୍ରୀମତୀ ଦାସ ପ୍ରକୃତିସ୍ଥ ହେଲେ । ଶ୍ରୀମତୀ ସାନ୍ୟାଲ ଓରଫ୍ ସୁଜାତାର ବେକ ଉପରେ ତାଙ୍କର ନଜର ପଡ଼ିଗଲା । ଚୁପ୍ ଚୁପ୍ ଆସି ସେ ସ୍ୱାମୀଙ୍କ କାନରେ କହିଲେ, ଦେଖିଲ, ମୋର ହାର ଭଳି ଦିଶୁଛି ।

ଧେତ୍ ଆଉ କେହି କ'ଣ ତୁମ ହାର ଭଳି ହାର କରି ପାରିବ ନାହିଁ ? ଫୁସ୍ ଫୁସ୍ କରି କହିବାକୁ ଚେଷ୍ଟାକଲେ ବି ଶ୍ରୀଯୁକ୍ତ ଦାସଙ୍କୁ ଜଣାଗଲା ଯେପରି ସେ ଖୁବ୍ ଯୋରରେ ଶବ୍ଦଗୁଡ଼ାକ ଉଚ୍ଚାରଣ କଲେ । ତାଙ୍କ ଜିଭ କାମୁଡ଼ାରୁ ଏତିକି ସୂଚନା ମିଳୁଥିଲା ।

ଶ୍ରୀମତୀ ଦାସଙ୍କ ପୁଣି କାନକୁହା । ଦେଖୁନ ! ଫୁଲ ମଝିରେ ଯେଉଁ ନୀଳ ପଥର । ତିନିସରି ଚେନ୍ ଯୋଡ଼ା ହୋଇଥିବା ଗଣ୍ଠି ଗଣ୍ଠି ଯାଗାରେ ଲାଲ ପଥର । ବସି ବସି ନିଠେଇ ନିଠେଇ ବଣିଆକୁ ଏମିତି ଅର୍ଡ଼ର ଦେଇଥିଲି ପରା !

ସ୍ତ୍ରୀଙ୍କ ମୁହଁ ବନ୍ଦ କରିବାପାଇଁ ଶ୍ରୀଯୁକ୍ତ ଦାସ ଉପାୟ କଲେ। ଯଦି ସନ୍ଦେହ ହେଉଛି, ଯାଉନ, ପଚାରିବ, ସେ କେବେ ଏ ହାରଟା କଲେ। ହଁ, କାଇଦା କରି ପଚାରିବ।

ଶ୍ରୀମତୀ ଦାସଙ୍କ ମନକୁ କଥାଟା ବେଶ୍ ପାଇଲା। ସୁତପାର ପାଖ ଚେୟାର ଫାଙ୍କା ଦେଖି ସେଠିକି ଉଠିଗଲେ।

ହାରଟା ବଢ଼ିଆ ହୋଇଛି। ବେଶ୍ ମାନୁଛି। କେବେ କଲ ମ ? ଶ୍ରୀମତୀ ଦାସ ପ୍ରଶ୍ନ କଲେ।

ଛୁରୀଭଳି ଚଞ୍ଚଳ ଉତ୍ତର ଦେଲେ ସୁତପା, 'ଏଟା କ'ଣ ମୋର ? ଏଟା......

ସୁତପାଙ୍କ କଥାକୁ ଅପୂର୍ଣ୍ଣ ରଖି ଶ୍ରୀମତୀ ଦାସ ବଳେଇପଡ଼ି ପଚାରିଲେ, 'ତୁମେ କେମିତି ପିନ୍ଧିଲ ?'

ଅଧୀର ହୋଇ ପଡ଼ୁଛନ୍ତି, ଦେଖୁଛି। ମୁଁ ସବୁ କହୁଛି, ଆପଣ ଶୁଣନ୍ତୁ। ଖାଣ୍ଟି ଓଡ଼ିଆରେ କହିବା ପାଇଁ ବଙ୍ଗୀୟ ମହିଳାଙ୍କ ମହତ୍ତ୍ୱ ଚେଷ୍ଟା ପ୍ରତି ଖିଆଲ ନରଖି ଶ୍ରୀମତୀ ଦାସ ଉତ୍ତର ପାଇବା ପାଇଁ ଉତ୍ସୁକ ହୋଇପଡ଼ିଥିଲେ।

ଏ'ଟା ମିଷ୍ଟର ସାନ୍ୟାଲଙ୍କ ଭଉଣୀର। ଏବେ ସେ ଶ୍ୱଶୁରଘରୁ ଫେରିଛନ୍ତି। ଆପଣତ ଜାଣିଛନ୍ତି ତାଙ୍କ ବାପଘର ପନ୍ଦର ଦିନ ତଳେ ହୋଇଅଛି। ମୁଁ ଭାବିଲି, ଆପଣଙ୍କ ବଦାନ୍ୟ ଭୋଜନ ପାଇଁ ଟିକେ ତାଙ୍କ ହାରଟା ପିନ୍ଧିଦେଲେ କ୍ଷତି କ'ଣ ?

ମିଷ୍ଟର ସାନ୍ୟାଲଙ୍କ ଭଉଣୀ। ପୁଣି ଶାଶୁଘରୁ ଫେରିଛି। ଏ ଅବସ୍ଥାରେ ତାଙ୍କ ଗେହ୍ଣା ହାରଟା ତା ବେକକୁ କିପରି ଗଲା ? ଏତେ ରହସ୍ୟ ଭେଦ କରିବାକୁ ଯେଉଁସବୁ ସିଧାସଳଖ ପ୍ରଶ୍ନ ପଚାରିବା କଥା

ତାହା ପଚାରିଲେ ଅଭଦ୍ରାମୀ ହେବ । ପୁଣି ତାଙ୍କ ପାଇଁ ଯେଉଁ ବଣିଆ ହାର ତିଆରି କରିଥିଲା, ସେ ତ ମରିଯାଇନାହାନ୍ତି ! ଏସ୍. ପି.ଙ୍କ ଭଉଣୀ ବାହାଘର । ସେଇ ହୁଏତ ଆଇଡ଼ିଆଟା ଦେଇଥିବ । ତଥାପି ଜିଜ୍ଞାସୁ ଶ୍ରୀମତୀ ଦାସ ପଚାରିଲେ —

ହାରଟା କିଏ କଲା ? ଏସ୍.ପି. ନା ଝିଅର ଶାଶୁଘର ? ବହୁତ ଖର୍ଚ୍ଚ ହୋଇଥିବ ?

ଏବର ଶ୍ରୀମତୀ ଦାସ, ଆଗର ଅଧ୍ୟାପିକା ମାଳତୀ ବେହେରା । ସୁତପା ତାଙ୍କର ତତ୍କାଳୀନ ଛାତ୍ରୀ । ମାଡ଼ାମଙ୍କ ପାଖରେ ସତକଥା ଲୁଚାଇବା ଉଚିତ ହେବ ନାହିଁ । ଏହି ଚିନ୍ତାରେ ଶ୍ରୀମତୀ ସାନ୍ୟାଲ କହିଲେ, ନାହିଁ । ହାରଟା ଉପହାର ମିଳିଥିଲା ।

କିଏ ଦେଲା ବୋଲି ପଚାରିବାକୁ ଯାଇ ଶ୍ରୀମତୀ ଦାସ ଜିଭ କାମୁଡ଼ି ପକାଇଲେ । କିନ୍ତୁ ତାଙ୍କ ମୁହଁର ଭଙ୍ଗୀରୁ ଆଶ୍ଚର୍ଯ୍ୟ ହେବାର ଲକ୍ଷଣ ଦେଖା ଯାଉଥିଲା । ଏହା ଲକ୍ଷ୍ୟକରି ଶ୍ରୀମତୀ ଏସ୍. ପି. ଆପେ ଆପେ କହିଲେ, ଆପଣ ଭାବୁଛନ୍ତି, ଏତେ ଓଜନିଆ ହାର କିଏ ଦେଇପାରିବ ? ଏହାକୁ ଜଣେ କେହି ଦେଇନାହିଁ ।

ସବୁ ସ୍ଟେର ଗୁଡ଼ାକ ମିଶି ଦେଲେ କି ?—ମନେ ମନେ ଶ୍ରୀମତୀ ଦାସ ଭାବୁଥିଲେ । ସନ୍ଦେହ ଦୂର କରିବାକୁ ପଚାରିଲେ, ପାଞ୍ଚ ଦଶଜଣ ମିଶି କ'ଣ ଏମିତି ଉପହାର ଦିଅନ୍ତି ?

ଆମ ପୋଲିସ ଡିପାର୍ଟମେଣ୍ଟରେ ଅଛୁ । ଶ୍ରୀମତୀ ସାନ୍ୟାଲ ବୁଝାଇଲେ । ସାହେବଙ୍କ ଭଉଣୀ ବାହାଘର । ବଡ଼ ଭେଟି ନଦେଲେ ଚଳିବ କିପରି ? ସେମାନେ ନିଜ ନିଜ ଭିତରେ ଚାନ୍ଦା କରି, ମିଳିମିଶି ଗୋଟିଏ ଜିନିଷ କରନ୍ତି । ସେ ଥାନା କାନଫୁଲ ହଳେ ଦେଲା ତ, ଏ ଥାନା ପାହୁଞ୍ଜି ହଳେ ଦେଲା ।

ଏ ହାରଟା କେଉଁମାନେ ଦେଇଛନ୍ତି ? ଶ୍ରୀମନ୍ତ ଦାସ ପଚାରିଲେ । ମନରେ ତଥାପି ସନ୍ଦେହ ।

ସଦର ଥାନାର ଦାରୋଗା, ସିପାହୀ, ଇନ୍‌ସପେକ୍ଟର—ସବୁ ମିଶି ।

ଜିଲ୍ଲାପାଳ ବୈଠକଖାନାର ଷ୍ଟିରିଓ ସଙ୍ଗୀତର ମୂର୍ଚ୍ଛନା ଭିତରେ ଦୁହିଁଙ୍କ କଥାବାର୍ତ୍ତା ତୃତୀୟ ବ୍ୟକ୍ତିକୁ ବି ଶୁଭୁ ନଥିଲା ।

ଚୁପ୍‌ଚାପ୍ ଏକଥା ସ୍ୱାମୀଙ୍କ କାନରେ ପକାଇବେ ବୋଲି ଶ୍ରୀମନ୍ତ ଦାସ ନିଜର ପୂର୍ବ ସ୍ଥାନକୁ ଫେରି ଆସିଲେ ।

ଶୁଣିଲଣି, ସେ ହାରଟା ଏସ୍. ପି. ଙ୍କ ଭଉଣୀର ବାହାଘର ପାଇଁ ସଦର ଥାନାର ଷ୍ଟାଫ୍‌ମାନେ ଦେଇଛନ୍ତି ।

ଚୁପ୍ କର । ଚୁପ୍ କର । ତୁମ ଚୋରି ଜିନିଷ ଗୁଡ଼ାକ ସଦର ଥାନାର ମାଲଖାନାରେ ଅଛି ବୋଲି ଶ୍ରୀମନ୍ତ ଜିଲ୍ଲାପାଳ କହୁଥିଲେ ନା ? ଏବେ କଥାଟା ବୁଝ ।

ଶ୍ରୀମନ୍ତ ଦାସ ଆବାକ୍ ହୋଇ ବସିପଡ଼ିଲେ, ନିଜର ସମସ୍ତ ଭାର ଚେୟାର ଉପରେ ଲଦିଦେଇ ।

□ □

# ଗୋଳମାଳ

ଅନେକ ଭବନ୍ତି, ଜେଲଖାନାର ପରିବେଶ ବେଶ୍ ଶାନ୍ତ । ହୈ ଚୈ କିଛି ନାହିଁ । ଜେଲଖାନା ସାମନା ଦେଇ ଗଲେ ହୁଁ କି ଚୁଁ କିଛି ଶୁଭେ ନାହିଁ, ଚାରିଆଡ଼େ ଉଚ୍ଚା ଉଚ୍ଚା ପାଚେରି, ଯେମିତି ମଣିଷର ସମସ୍ତ ଅପରାଧ ପ୍ରବୃତ୍ତିକୁ ଆବଦ୍ଧ କରି ଦେଇ ଦୁନିଆଟାକୁ ନୀରବ କରି-ଦେଇଛି । ଯେଉଁଠି ଦିନବେଳେ ଏତେ ଶାନ୍ତ, ରାତିରେ ଆହୁରି କେତେ ଶାନ୍ତ ନ ହୋଇଥିବ !

ଅପରାଧୀମାନେ ଊଣାଅଧିକେ ନିଶାଚର । ରାତି ହେଲେ ଏମାନଙ୍କ ହୈ ଚୈ ବଢ଼େ । କିନ୍ତୁ ଦୁଇ ଦୁଇଟା ତାଲଦିଆ ଫାଟକ ପାର ହୋଇ, ସଙ୍ଗୀନ ବନ୍ଧୁକଧାରୀ ପ୍ରହରୀମାନଙ୍କୁ ଆଡ଼େଇ ଦେଇ ଏ ହୈ ଚୈ ଲୋକ-ଲୋଚନକୁ ଆସେ ନାହିଁ । ତେଣୁ ଲୋକେ ଭବନ୍ତି, ଜେଲଖାନାରେ ସବୁ-ବେଳେ ଶାନ୍ତି ବିରାଜୁଥାଏ ।

କିନ୍ତୁ ସେଦିନ ଘଟଣାଟା ଲୋକଙ୍କର ଏହି ଧାରଣାକୁ ଅସତ୍ୟ ପ୍ରମାଣ କରିଦେଲା । ଜେଲର୍ ହିସାବରେ ଏହି ଷ୍ଟେସନରେ ଜନାର୍ଦ୍ଦନ-ବାବୁଙ୍କର ସାତ ବର୍ଷ କଟିଗଲାଣି । ଏମିତି ଝାଳନାଳ ସେ କେବେ ହୋଇ ନ ଥିଲେ, ଆଜି ଯେମିତି ହୋଇଛନ୍ତି ।

ଇନ୍‌ସପେକ୍ଟର ଜେନେରାଲ ଅଫ୍ ପ୍ରିଜନ୍‌ସ ରାଉରକେଲାରୁ ଏ ବାଟରେ କଟକ ଫେରୁଛନ୍ତି । କେଉଁଝରର ବାଟେ ଯିବାର ପ୍ରୋଗ୍ରାମ ବଦଳିଯାଇଛି । ନଅଟା ସରିକି ପହଞ୍ଚିଯିବେ । ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଏ ଖବର ପଦନ ଓ୍ୱାର୍ଡର୍ ଯେତେବେଳେ ଜନାର୍ଦ୍ଦନବାବୁଙ୍କୁ ଦେଲା,

ସାଙ୍ଗେ ସାଙ୍ଗେ ତାଙ୍କର ବାଁ ଆଖି ଫରକିବା ଆରମ୍ଭ କରିଦେଲା, କିଛି ଗୋଟିଏ ଅଘଟଣ ଘଟିଯାଇପାରେ ।

ପଦନ ଆଉ ଜନାର୍ଦ୍ଦନବାବୁଙ୍କ ସମ୍ପର୍କ ଖୁବ୍ ଘନିଷ୍ଠ । ଏଠାକାର ରହଣି ମଧ୍ୟରେ ପଦନ ଜନାର୍ଦ୍ଦନବାବୁଙ୍କ ହାତବାରିସୀ ହୋଇ ପଡ଼ିଛି । ସବୁ ଜିନିଷ ନେଇଆଣି ଥୋଇବାରେ ପଦନ ଯେପରି ଓସ୍ତାଦ୍ ଜନାର୍ଦ୍ଦନ-ବାବୁ ସେମିତି ଆଉ ଗୋଟିଏ ଲୋକ କେଉଁଠି ଦେଖି ନାହାନ୍ତି ।

ପଦନଠାରୁ ଖବର ପାଇ ଜନାର୍ଦ୍ଦନ ବାବୁ ଗୁଡ଼ାଏ ପ୍ରଶ୍ନ କରିଥିଲେ । ସର୍କିଟ ହାଉସରେ ରୁମ୍ ଅଛି ତ ? ଖାଇବା ପିଇବା ବନ୍ଦୋବସ୍ତ କରିଲୁଣି ତ ? ମା ମଙ୍ଗଳାଙ୍କ ମନ୍ଦିରକୁ ଯିବାର ବନ୍ଦୋବସ୍ତ କରିଛୁ ତ ? ବାଲିଆ ମଠରେ ଆଜି ଭାଗବତ ପାରାୟଣ ହେଉଛି, ସେଠିକି ଯିବାକୁ ବନ୍ଦୋବସ୍ତ କଲେ କିମିତି ହୁଅନ୍ତା ? ଫାମିଲି ସାଙ୍ଗରେ ଆଣିଥିଲେ, ନିଶ୍ଚୟ ରାଜିହେବେ । ଏ ସବୁ ପ୍ରଶ୍ନ ଓ ସୂଚନା ମୂଳରେ ଥିଲା ଗୋଟିଏ ସନ୍ଦେହ, ଆଇ. ଜି. ସାହେବ କାଳେ ଜେଲଖାନା ଦେଖିବାକୁ ଆସିଯିବେ ।

ପଦନର ଉତ୍ତର ଜନାର୍ଦ୍ଦନବାବୁଙ୍କ ମନମୁତାବକ ହେଲାନାହିଁ । ଆଇ. ଜି. ସାହେବ ଏକୁଟିଆ ଆସିଛନ୍ତି । ସୁପରିଣ୍ଟେଣ୍ଡେଣ୍ଟ କହୁଥିଲେ ସେ କୁଆଡ଼େ ମିଲ୍ ସମସ୍ତଙ୍କୁ ଇନ୍ସପେକ୍ସନ୍ କରିବାକୁ ଆସିପାରନ୍ତି ।

ଜନାର୍ଦ୍ଦନ ବାବୁଙ୍କ ମୁଣ୍ଡରେ ଭଅଁର ବନ୍ଧିଦେଲା । ସଞ୍ଜ ତ ଗଡ଼ିଗଲାଣି । ଏବେ ତାକୁ କେଉଁଠି ଖୋଜିବ ? ସେ ନ ଫେରିଲେ ଗୁଳକଣ୍ଟ ରହିବକି ?

କାହିଁକି ସାର୍ ? ଗୁଳକଣ୍ଟ ନେବା କ'ଣ ଏଡ଼େ ସହଜ ? ବେଶି ହେଲେ ସସ୍ପେଣ୍ଡ କରିଦେବେ; କରନ୍ତୁ । ସେ ଆପେ ଆପେ ଖସି ପଳାଇଛି, ଏ କଥା କ'ଣ ଆପଣ ପ୍ରମାଣ କରିପାରିବେ ନାହିଁ ?

ଶୁଣ୍ ପଦନ । ତୁ ଗଲାବେଳେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କହିଯିବୁ ମୋତେ ନାଳରକ୍ତ ଝାଡ଼ା ଧରିଛି । ମୁଁ ଇନ୍ସପେକ୍ଟର ଜେନେରାଲଙ୍କ

କ୍ୟାମ୍ପ ଆଟେଣ୍ଡ କରିପାରିବ ନାହିଁ । ଦେହ ଟିକେ ଭଲ ଲାଗିଲେ ଦେଖା କରିବ ।

ସାର୍ ଆପଣ ନ ଥିଲେ ଜେଲ୍ ପରିଦର୍ଶନ କପରି ହେବ ?

ଧେତ୍ କାଲଭୁଣ୍ଡାଟା । ସେ ଜେଲ୍ ଦେଖିବାକୁ ଆସିବେ ବୋଲି ତୁ କାହିଁକି ଭାବୁଛୁ ?

ନୂଆ ସୁପରିଣ୍ଟେଣ୍ଡେଣ୍ଟ ତ । ଆଇ. ଜି. ଙ୍କୁ ତାଙ୍କ କାମସବୁ ଦେଖାଇବାକୁ ଭାରି ଇଚ୍ଛୁକ ।

ଜନାର୍ଦ୍ଦନ ବାବୁ ଜାଣନ୍ତି, ସୁପରିଣ୍ଟେଣ୍ଡେଣ୍ଟ ଜଣେ ଡେପୁଟି କଲେକ୍ଟର । ଜେଲ ବିଷୟରେ ଅଭିଜ୍ଞତା ନାହିଁ । ପୁଣି ନୂଆ ହୋଇ ଆସିଛନ୍ତି, ଭିତରେ ବାହାରେ କ'ଣ ହେଉଛି ସେ ବା କ'ଣ ଜାଣନ୍ତେ । ସବୁ ସୁରୁଖୁରୁରେ ଚାଲିଛି ବୋଲି ତାଙ୍କୁ ଲାଗୁଥିବ । ଡେପୁଟେସନ୍ ଲୋକ, ଭଲ କାମ ଚାଲିଛି ବୋଲି ଉପରିସ୍ଥ ଅଧିକାରୀଙ୍କୁ ହୃଦ୍‌ବୋଧ କରାଇପାରିଲେ ବାହାବା' ଟାଏ ମିଳିଯିବ ।

ସୁପରିଣ୍ଟେଣ୍ଡେଣ୍ଟଙ୍କ ବାହା ବା' ନେବାର ଖେଳଟା ଜେଲର୍‌ଙ୍କ କାଳ ଭଳି ମନେ ହେଲା । ଯଦି ୟାସିନ୍ ଖାଇବା ପୂର୍ବରୁ ନ ଫେରେ !

ୟାସିନ୍ ଆଉ ଜନାର୍ଦ୍ଦନ ବାବୁଙ୍କ ସମ୍ପର୍କ ବେଶି ଦିନର ନୁହେଁ । ୟାସିନ୍‌କୁ ସେ ଜାଣନ୍ତି, ଯେମିତି ଜିଲ୍ଲାଯାକ ସମସ୍ତେ ତାକୁ ଜାଣନ୍ତି । ତା ନାଁ ଶୁଣିଲେ ଗର୍ଭିଣୀ ଗାଈ ବାଚ୍ଛୁରୀ ଦିଏ । ତେଣୁ ତା' ସାଙ୍ଗରେ ମିଶିବା କଥା ନୁହେଁ । କିନ୍ତୁ ସେ କ'ଣ କରିବେ ?

ସେଦିନ ଏକ ଦୁର୍ବଳ ମୁହୂର୍ତ୍ତରେ ୟାସିନ୍ ଓ ଜନାର୍ଦ୍ଦନ ବାବୁଙ୍କ ଚାରିଆଖି ମିଶିଗଲା ।

"ସାର୍, ଆପଣ ବହୁତ ଚିନ୍ତାରେ ଥିବା ଭଳି ଜଣା-ଯାଉଛନ୍ତି ?"

ଜନାର୍ଦ୍ଦନ ବାବୁ କିଛି ନ ଶୁଣିଲା ପରି ଆଗେଇ ଚାଲିଲେ । ତେଲିଙ୍ଗ ପଛପଟୁ ୟାସିନ୍ ପୁଣି ଡାକିଲା, "ନ ଶୁଣିଲାପରି ପଳାଇ-ଯାଉଛନ୍ତି ଯେ ? ଟିକିଏ ଶୁଣିଯା'ନ୍ତୁ, ସାର୍ !"

ତଥାପି ଜନାର୍ଦ୍ଦନ ବାବୁ ପଛକୁ ଅନାଇ ନ ଥିଲେ । ଖିଆବେଳର ଘଣ୍ଟାଟା ଏମିତି କଟିଗଲା । କିନ୍ତୁ ସେଦିନ ଖାଇବାବେଳେ ୟାସିନ୍ ଜେଲରବାବୁଙ୍କ ପିଛା ଛାଡ଼ିଲା ନାହିଁ । ୟାସିନ୍ ବିଷୟରେ ଜନାର୍ଦ୍ଦନବାବୁ ଉଣାଅଧିକେ ଜାଣିଥିଲେ । ୟାସିନ୍ ଜେଲ୍‌ର ଖାନା ଖାଏ ନାହିଁ । ବାହାରୁ ତା' ଲାଗି କେବଳ ଯେ ଖାଇବା ଆସେ ତାହା ନୁହେଁ, ପିଇବା ବି ଆସେ । ଫଳମୂଳ ସାଙ୍ଗକୁ ବିଲାତି ଜିନିଷ ଆସେ । ସିଗାରେଟ୍ ତ ସାଧାରଣ ଜିନିଷ । ଜେଲ୍ ମାନୁଆଲ୍‌ରେ ଏ ସବୁ ଭିତରକୁ ଆସିବା ମନା । ଏ ଜିନିଷଗୁଡ଼ା ଆସିବାରେ ଯିଏ ସାହାଯ୍ୟ କରେ ସେ ବେଶ୍ କିଛି ପାଏ । ଏକଥା ଜାଣିଥିବାରୁ ହିଁ ଜନାର୍ଦ୍ଦନବାବୁ ୟାସିନ୍ ସାଙ୍ଗରେ ନିସରି ପସରି ହେବାକୁ ଆଦୌ ଚାହୁଁ ନ ଥିଲେ । ଆଡ଼୍ଡ଼ା ତଉଡ଼ାରେ ରହୁଥିବା କଏଦୀ ତ କଏଦୀ ନୁହେଁ, ସେ ଜେଲ୍‌ର ମାଲିକ ହୋଇପଡ଼େ ।

ୟାସିନ୍ ନିଜ ତରଫରୁ କହିଲା, ଆପଣଙ୍କର ପରା ଝିଅ ବାହାଘର ହେବ ? ଆପଣ ଛୁଟି ନେଉ ନାହାନ୍ତି ?

ତୁ କିପରି ଜାଣିଲୁ ? ପଚାରିଦେଇ ଜନାର୍ଦ୍ଦନବାବୁ ଚୁପ୍ ରହିଗଲେ । ଭାବିଲେ, ଏ କଥା ୟାସିନ୍ ନିଶ୍ଚୟ ୱାର୍ଡ଼ରମାନଙ୍କଠାରୁ ସଂଗ୍ରହ କରିଥିବ ।

ଯୌତୁକ ଫୌତୁକ ସବୁ ଠିକ୍ କଲେଣି ତ ? ୟାସିନ୍‌ର ଏ ପ୍ରଶ୍ନ ଜନାର୍ଦ୍ଦନ ବାବୁଙ୍କ କାନରେ ଯେପରି ଗୋଟିଏ ବୋମା ପଡ଼ିଲାପରି ଶୁଭିଲା ।

ସ୍ତ୍ରୀର କଥାରେ ପଡ଼ି ସେ ଗୋଟିଏ ଡାକ୍ତର ଜୋଇଁ କରୁଛନ୍ତି । ହାତତ କିଛି ନାହିଁ ବୋଲି କହି କହି ସମୁଧୀ ତାଙ୍କୁ ନସ୍ୟାନ୍ତ କରି-

ସାରିଲେଣି । ପୁଣି ଝିଅଘର କେଉଁଠାରେ ବଜାଜ ଚେତକ ଦେବେ ବୋଲି ନ କହିଲେ ଝିଅଘର ଭାଙ୍ଗିଯାଇପାରେ । ଏକେତ ବରଣାପନ, ଗଦି, କଂସାବାସନ, ସୋଫା ଆଦି ସାଙ୍ଗକୁ ଗସ୍ତାଖର୍ଚ୍ଚ ତାଙ୍କୁ ବଡ଼ ବାଧୁଛି । ତହିଁରେ ପୁଣି ଆହୁରି ଗୋଟାଏ ଜିନଷ ବାଦ—ଅନ୍ତ କମରେ ପନ୍ଦର ହଜାର ଟଙ୍କା । ଟଙ୍କା ତ ଦେଇହେବ, କିନ୍ତୁ ଚେତକ ସ୍କୁଟର ଯେ ପାଇବା ଅସମ୍ଭବ ।

ଏ ସବୁ ଚିନ୍ତା ଜନାର୍ଦ୍ଦନ ବାବୁଙ୍କ ମୁଣ୍ଡକୁ ଖିନ୍ଭିନ୍ କରୁଥିବା-ବେଳେ ଯୁଆସିନ୍ କାନପାଖକୁ ଲାଗିଆସିଲା । ଅପରାଧୀମାନଙ୍କ ମନସ୍ତତ୍ତ୍ୱ ଜେଲରବାବୁ ଖୁବ୍ ଭଲଭାବେ ଜାଣନ୍ତି । କାନମୂଳେ ଠାଏଁ କରି ଚୁପୁଡ଼ାଏ ମାରିଲେ ଜେଲର୍ ବାବୁ ପଡ଼ିଯିବେ, ତାଙ୍କୁ କାବୁ କରି କଏଦୀ ବନ୍ଧୁକ ଛଡ଼ାଇ ନେବେ—ତା'ପରେ···ତା'ପରେ ଜେଲ୍‌ରୁ ବାହାର ।

ଏ ସବୁ ଦୁଶ୍ଚିନ୍ତା ଭିତରେ ଜନାର୍ଦ୍ଦନ ବାବୁଙ୍କୁ ଶୁଭିଲା, ଆପଣଙ୍କର ଚେତକ ଦରକାର ? ମୁଁ କରିଦେବି ।

ଜୋଇଁ ଚେତକ ମାଗିଛି ବୋଲି ଏ କେମିତି ଜାଣିଲା ? ମନେ ମନେ ଏ ପ୍ରଶ୍ନ ଉଠିଥିଲେ ବି ଜନାର୍ଦ୍ଦନବାବୁ ଉପରକୁ ଖୁବ୍ ରାଗିଗଲା ଭଳି କହିଲେ, ବଡ଼ ଆସ୍ପର୍ଦ୍ଧା । ମୋ ଝିଅ ବାହାଘରରେ ତୋର ମୁଣ୍ଡ ଖେଳେଇ ଲାଭ କ'ଣ ?

ନାହିଁ ସାର୍ । ଆପଣ ସେ ଡାଏଟ୍ କଣ୍ଟ୍ରାକ୍ଟର ପାଖରେ ହାତ ପତାଉଛନ୍ତି । ମୁଁ ତ ଯାଚିଦେଉଛି !

ଜନାର୍ଦ୍ଦନ ବାବୁଙ୍କ ଆଖି ଆଗରେ ସବୁ ଛବି ଭଳି ଭାସିଗଲା । ତେଲ, ଡାଲି, ପରିବା ଆଦିର କେନ୍ଦେ ବସ୍ତୁ ମଙ୍ଗତରାମ କରିଛି ସତ । କିନ୍ତୁ ସରକାରଙ୍କଠୁଁ ଯିଏ ଗୁଡ଼ାଏ ମାରିଛି, ସେ ଥୋଡ଼ାଏ ମତେ ଦେଲା ତ କ୍ଷତି କ'ଣ ? ସେ ତ କେବେ ସାମ୍ପଲ୍ ଅନୁଯାୟୀ ଜିନଷ ଦେଉନାହିଁ ! ମୋ ଯୋଗୁ ତ ତା'ର ଠିକା ଅଛି । କୃତଜ୍ଞତାବଶତଃ ଝିଅ ବାହାଘରର ଖିଆପିଆ ସମ୍ଭାଳିଦେଲା ତ, ବେଶି କ'ଣ କଲା ?

ଜନାର୍ଦ୍ଦନ ବାବୁଙ୍କର ନିରବତାକୁ ଭାଙ୍ଗି ତାଙ୍କର ମାନସିକ ଅବସ୍ଥାକୁ ପୁରା ପଢ଼ିଦେଲା ଭଳି ୟାସିନ୍ କହିଲା, ଆପଣ ଛୁଟି ନେଉ ନାହାନ୍ତି ଭଲକଥା । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାଛୁ କାଟୁ ମିଳୁଛି । କିନ୍ତୁ ଏହି ଯେଉଁମାନଙ୍କର ଘର ବାପା ଦେଖା କରିବାକୁ ଏଠିକି ଆସୁଛନ୍ତି, କିମ୍ବା ଏଠାରୁ ଯେଉଁମାନେ ସ୍ତ୍ରୀ, ପିଲାକବିଲା ଦେଖିବାକୁ ଯାଉଛନ୍ତି, ସେମାନଙ୍କଠୁ ଦଶପଚିଶ ଲେଖାଏଁ ଆଦାୟ କରି କେତେଦିନେ ଆପଣ ଏତକ ଭରଣା କରିବେ ?

ଜନାର୍ଦ୍ଦନବାବୁ ଭାବିଲେ, ଏ ଲୋକଟା ବେଶ୍ ଓସ୍ତାଦ ଅଛି ତ ! ହାତରେ ଟିକେ ଠେଲିଦେଇ କହିଲେ, ତୁ ଜେଲ୍‌ରୁ ବାହାରକୁ ଯାଇ ମୋତେ ଜେଲ୍ ଭିତରକୁ ପୂରେଇବୁ ନା କ'ଣ ? ତୋତେ ନ ଚିହ୍ନେ କିଏ ?

ୟାସିନ୍ ଜନାର୍ଦ୍ଦନବାବୁଙ୍କ ସନ୍ଦେହଟା ବୁଝିପାରିଲା । କହିଲା, ଆପଣଙ୍କ ନାଁରେ ସିନା ସ୍କୁଟର କିଣାହେଲେ, ସରକାର ଧରିବ ! ଝିଅର ମାମୁଁ ନାଁରେ ମୁଁ କିଣାଇଦେବି ।

ୟାସିନ ର ଏ କଥାଗୁଡ଼ାକ ପାରସେଟାମଲ ଟାବ୍‌ଲେଟ୍ ଭଳି କାମକଲା—ଜନାର୍ଦ୍ଦନ ବାବୁଙ୍କ ତାତି କମିଗଲା । ଓକାଲତି କରୁଥିବା କଏଦୀମାନେ ଟଙ୍କା ପଇସା ଯୋଗାଡ଼ କରିବାରେ ଧୁରନ୍ଧର । କିନ୍ତୁ ୟାସିନ୍ ଗାଡ଼ି ବି ଠିକ୍ କରିପାରିବ । ପୁଣି ଶଳା ନାଁରେ ।

ଉପରେ ନିଜର ସାଧୁତା ଜଗିଥିବା ଜେଲର୍‌ବାବୁ କହିଲେ, ଜେଲରୁ ଖସିବାଲାଗି ବହୁତ କଏଦୀ ଏମିତି କଥା ବହୁତ କହନ୍ତି । ତୁ ଭାବୁଛୁ ମୁଁ ତୋ କଥାରେ ଭୁଲିଯାଇ ତୋତେ ଛାଡ଼ିଦେବି ?

ୟାସିନ୍ ଯାହା କହେ ତାହା କରେ । ଥରେ ପରୀକ୍ଷା କରି ଦେଖନ୍ତୁ । ମନେରଖନ୍ତୁ ୟାସିନ୍‌କୁ ଯିଏ ସନ୍ଦେହ କରେ ସେ ବେଶିଦିନ ବଞ୍ଚେ ନାହିଁ । ହଉ ଦେଖନ୍ତୁ, ଦିନେ ନା ଦିନେ ତ ଖଲାସ ହେବି, ସେତେବେଳେ ତ ମୁଲାକାତ ହେବ ?

ଅନ୍ୟ କଏଦୀମାନଙ୍କ ଧମକ ଅଲଗା କଥା । ୟୁସିନ୍‌ର ଧମକକୁ ହସରେ ଉଡ଼ାଇ ଦେଇ ହେବ ନାହିଁ । ୟୁସିନ୍ ସାତ ଆଠୋଟି ମର୍ଡର କରି ସାରିଛି ବୋଲି ଲୋକେ କହନ୍ତି । ଏ ପର୍ଯ୍ୟନ୍ତ ପ୍ରମାଣ ଅଭାବରୁ ତାକୁ ଦୋଷୀ କରାଯାଇ ପାରୁ ନାହିଁ । ଏବେ ରୁଲିଂପାର୍ଟିର କର୍ମୀଟାଏ ମରିଗଲା ଯେ ତାକୁ ସନ୍ଦେହ କରି ପୋଲିସ୍ ଚାର୍ଜସିଟ୍ କରିଛି । ଜାମିନ ନାମଞ୍ଜୁର ହୋଇ କିଛିଦିନ ଜେଲରେ ଅଛି । ଆପିଲରେ ପୁଣି ଜାମିନ ପାଇପାରେ । ତା' ସାଙ୍ଗରେ ଜିଦ୍ କରି ତାକୁ ରଗେଇବା ଉଚିତ ନୁହେଁ । ପିଲାଙ୍କୁ ଆଙ୍କ ଭବିଷ୍ୟତ ତ ଅଛି !

ଜନାର୍ଦ୍ଦନବାବୁ ସାଙ୍ଗେ ସାଙ୍ଗେ କହି ପକାଇଲେ—ନାହିଁ, ନାହିଁ, ମୁଁ ତୋତେ ଅବିଶ୍ୱାସ କରୁନାହିଁ । ସ୍କୁଟର ନେବା ମୋର ଦରକାର ନାହିଁ । ମୋ ଝିଅ ଅଭିଆଡ଼ୀ ରହୁ ପଛେ, ମୁଁ ଏ ଧନ୍ଦାରେ ପଶିବି ନାହିଁ ।

ଏଥିରେ କିଛି ଧନ୍ଦା ନାହିଁ ସାର୍ । ପଅରଦିନ ମଙ୍ଗଳବାର ବେଳକୁ ମୋତେ ଟିକେ ଛୁଟି ଦେବେ । ମୁଁ ରାତି ମିଲ୍ ବେଳକୁ ଫେରି ଆସିଥିବି ।

ୟୁସିନ୍ ଯେ ଗାଡ଼ିଟିଏ କିଣିଦେଇ ପାରିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା । କିନ୍ତୁ ବିଦେଶୀ ମୁଦ୍ରା ବଦଳରେ ବୁକ୍ କରା-ହୋଇଥିବା ଚେତକ ସ୍କୁଟରଟିଏ ସେ ଯେ ତାଙ୍କ ଶଳା ମଧୁସୂଦନଙ୍କ ନାମରେ ରସିଦ୍ କାଟି ଆଣିପାରିଲା, ଏହାହିଁ ଜନାର୍ଦ୍ଦନବାବୁଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା ।

ଜନାର୍ଦ୍ଦନବାବୁଙ୍କ ଝିଅ ବାହାଘର ସୁରୁଖୁରୁରେ କଟିଗଲା । ତାଙ୍କ ସ୍ତ୍ରୀଙ୍କ କଥା ରହିଲା । ବି. ଏ. ପଢ଼ା ଝିଅକୁ ଡାକ୍ତର ଜୋଇଁ କରିବାକୁ ସେ ଅଡ଼ି ବସିଥିଲେ । ସମସ୍ତେ ଖୁସି । କିନ୍ତୁ ଜନାର୍ଦ୍ଦନବାବୁଙ୍କ ଖୁସି ସେହିଦିନୁ ସରିଗଲା । ସବୁବେଳେ ଚିନ୍ତା—କାଲେ ୟୁସିନ୍ ଅଡ଼ୁଆରେ ପକାଇ ଦେବ !

ସ୍କୁଟର ଦେବାର ପ୍ରତିଦାନ ୟୁସିନ୍ ପ୍ରତିଦିନ ଆଦାୟ କରୁଥିଲା । ଝିଅ ବାହାଘରି ଦିନ ଘଣ୍ଟାସାର ବାହାରେ ଥିଲା । କାଲି ଝିଅ ବିଦାହୋଇଛି, ଜନାର୍ଦ୍ଦନବାବୁ ଜାଣି ନାହାନ୍ତି, କେତେବେଳେ ୟୁସିନ୍ ଫେରିଛି । ଆଜି ପୁଣି ସେ ଯାଇଛି । ଅଥଚ ଆଇ. ଜି. ଆସି ଜେଲଖାନା ଦୁଆରେ । ଜନାର୍ଦ୍ଦନବାବୁ ଜାଣନ୍ତି, କଏଦୀ ଅବସ୍ଥାରେ ୟୁସିନ୍ ଯଦି କିଛି କରିପକାଏ ତାକୁ ଧରିହେବ ନାହିଁ—କାରଣ ଜେଲରେ ଥିବା ଆଲିବାଇ (alibi) ମିଳିଯିବ ।

ସେ ସବୁରୁ ତ ରକ୍ଷା ମିଳିଯିବ, ଯେ ପର୍ଯ୍ୟନ୍ତ କାଗଜପତ୍ର ଠିକ୍ ଅଛି । କିନ୍ତୁ ଆଜି ତ ସେ କାଗଜ ଧରାପଡ଼ି ଯାଇପାରେ । ଆଉ ତାଙ୍କ ଚାକିରୀ ? ସେ କହିଥିଲା ବତି ମିଲ ସମୟକୁ ଫେରି ଆସିବ । ଯଦି ନ ଆସେ ? ଏହି ପ୍ରଶ୍ନ ଜନାର୍ଦ୍ଦନବାବୁଙ୍କ ଗଳାରେ ଝୁଲି ପଡିଲା ।

ଯଦି ନ ଫେରେ, ଉପାୟ କରିବାକୁ ହେବ । କେଉଁ କେଉଁ ଜେଲରୁ କି କି ଉପାୟରେ କଏଦୀମାନେ ଖସି ପଳାଇଛନ୍ତି ଜନାର୍ଦ୍ଦନ ବାବୁ ସେ ସବୁର ଖବର ରଖିଛନ୍ତି । ସେମିତି ଗୋଟିଏ ଟ୍ରିକ୍ କରିଦେଲେ ଆଇ. ଜି. କ'ଣ ତାଙ୍କ ବାପା ବି ଧରିପାରିବେ ନାହିଁ । ତାଙ୍କର ମନେ ପଡ଼ିଗଲା ପଶ୍ଚିମପଟ ପାଚେରୀ ଆଉ ପାଖ ସ୍ଥଳ । ମଝିରେ ଯେଉଁ ପାଞ୍ଚ ଫୁଟ ଜାଗା ଅଛି ସେଠା ଖୁବ୍ ଅନ୍ଧାର । ସେହି ସ୍ଥଳରୁ ପାଚେରୀ ବାହାରକୁ ଦୁଇତିନିଟା ଧୋତିର ଦଉଡି ଓହଳାଇଦେଲେ, କାମଟା ଫତେ ହୋଇଯିବ । କଣ ନା, ସେହିବାଟେ କଏଦୀ ପଳେଇଛି ।

ପୁଣି ଜନାର୍ଦ୍ଦନ ବାବୁ ଭାବିଲେ, ନା, ନା । ଏବେ ତ ସମୟ ଅଛି । ଖୋଜିନେବା ଭଲ । କେଉଁଠି ଦେଖା ମିଳିଗଲେ ୟୁସିନ୍‌କୁ ନିଶ୍ଚୟ ଫେରାଇ ଆଣିହେବ । ସକାଳ ସିଫ୍ଟ୍ ଦୁଇଜଣ ୱାର୍ଡ଼ରଙ୍କୁ ସେ ଡକାଇଲେ । ଜଣକୁ ୟୁସିନ୍‌ର ନିଜ ଘରକୁ, ଆଉ ଜଣକୁ ତା'ର ଜୁଆଖେଳ ଆଡ଼୍ଡାକୁ ପଠାଇଲେ । ମନେ ପଡ଼ିଗଲା ୟୁସିନ୍‌ର ପ୍ରେମିକାଘର । ସେଠାକୁ କାହାକୁ ପଠାଇବେ ? ଆଉ କେହି ବିଶ୍ୱାସୀ ଲୋକ ନାହିଁ, ତେଣୁ ସେ ନିଜେ ବାହାରି ପଡ଼ିଲେ ।

ଘର ଭିତରୁ ମିଞ୍ଜି ମିଞ୍ଜି ଆଲୁଅ ବଶୁଛି । କବାଟ ଝରକା ବନ୍ଦ ଅଛି । ଜନାର୍ଦ୍ଦନବାବୁ ଝରକା ପାଖରେ କାନ ପାରିଲେ; ୟୁସିନ୍ ଥିଲେ ପାଟି ଶୁଭିବ ।

ତୁମ ପିଲାକୁ କୋଳରେ ଧରିବାକୁ ମୋର ଭାରି ଇଚ୍ଛା । ସ୍ତ୍ରୀଲୋକଟିଏ କହୁଥିବାର ଶୁଭିଲା । ଜନାର୍ଦ୍ଦନ ବାବୁ ଭାବିଲେ, ୟୁସିନ୍‌ର ହୃଷ୍ଟପୁଷ୍ଟ ଦେହଟାକୁ ଦେଖିଲେ କୋଉ ସ୍ତ୍ରୀଲୋକଟା ଲୋଭି ନ ହେବ ଯେ ?

ମୋ ରାଣ, ଆଜି ରାତିକ ତୁମେ ଏଠି ରହିଯାଅ—ସ୍ତ୍ରୀଲୋକଟିର ଅନୁନୟ ବିନୟ ଯେପରି ଜନାର୍ଦ୍ଦନ ବାବୁଙ୍କପାଇଁ ଉତ୍କିଷ୍ଟ ଥିଲା । ଆଜି ତ ତାଙ୍କର ଝିଅର ଚଉଠି । ଝିଅ ଜୋଇଁଙ୍କ ସୁହାଗରାତି ଏହାଠାରୁ ମଧୁର ହେଉ ବୋଲି ସେ ଭଗବାନଙ୍କୁ ପ୍ରାର୍ଥନା କଲେ, ପରମୁହୂର୍ତ୍ତରେ ଭାବିଲେ, ଝିଅର ସୁଖକୁ ବଢ଼ାଇବାରେ ଯେଉଁ ବ୍ୟକ୍ତି ସାହାଯ୍ୟ କରିଛି ତା'ର ସୁଖକୁ ଛଡ଼ାଇବା ଉଚିତ ନୁହେଁ । ଜନାର୍ଦ୍ଦନ ବାବୁ ଫେରି ଆସିଲେ ।

ପଇସାଦେଲେ କ'ଣ କରି ନ ହେବ ? ରାସ୍ତାରୁ ଜଣକୁ ଧରି-ନେବେ ୟୁସିନ୍‌ର କା' ହେବାକୁ । ପାଳିଆ କଏଦୀ ହେବାକୁ ଗଣ୍ଡା ଗଣ୍ଡା ଲୋକ ମିଳିଲେ ।

ସେତିକରେ କଥା ସରିଥିଲେ ଜେଲଖାନାରେ ଏତେ ହୈ ଚୈ ହୋଇ ନ ଥାନ୍ତା ।

ସେଦିନ ଆଇ. ଜି. ସାହେବ ଜେଲ ପରିଦର୍ଶନ କଲାବେଳକୁ ଦେଖିଲେ, ଜେଲଖାନାରେ ଯେତେ କଏଦୀ ଅଛନ୍ତି, ମିଲ୍ ସମୟରେ ଜଣେ ଅଧିକ । ଖାତାରୁ ଦେଖାଗଲା, ୟୁସିନ୍ ନାମରେ ଦୁଇଜଣ କଏଦୀ ।

ପଦନ ୟୁସିନ ଫେରି ଆସିଥିବା କଥା ଜନାର୍ଦ୍ଦନବାବୁଙ୍କୁ କହି ନ ଥିବାରୁ ସିନା ଏତେ ବଡ଼ ଭୁଲଟାଏ ହୋଇଗଲା; ଆଉ ଜେଲଖାନାର ଗୋଲମାଲଟା ପଦାରେ ପଡ଼ିଗଲା !

□ □

# ଦ୍ୱିତୀୟ ମୃତ୍ୟୁ

କାର୍‌ରେ ବସୁ ବସୁ ଅଞ୍ଜନା ଚିଠିଟା ଧରେଇ ଦେଲା । ଲଫାପାଟା ସବୁଜ ଅଛି । ଠିକଣା—ସବିତାରାଣୀ ସରକାର, ୪ର୍ଥ ବାର୍ଷିକ, ଧାତ୍ରୀବିଦ୍ୟା ଓ ସ୍ତ୍ରୀରୋଗବିଜ୍ଞାନ ଛାତ୍ରୀ ।

ଆରେ ଟିକେ ଖୋଲି ଦେଖ୍ । ଅଞ୍ଜନା କହିଲା । ଘଟଣାଟା କ'ଣ ଜାଣିବା ପାଇଁ ସମସ୍ତେ ଉତ୍ସୁକ । କେବଳ ତୋ'ର ପାଖକୁ ଖଣ୍ଡିଏ ଚିଠି ସେ ଲେଖିଛି । ପିଲାମାନେ ତାକୁ ଆମ୍ବୁଲାନ୍‌ସରେ ନେବାର ବ୍ୟବସ୍ଥା କରୁଥିଲେ, ମୁଁ ଏଆଡ଼େ ଚାଲି ଆସିଛି ।

ଗତ କେତେ ଦିନ ଧରି ପ୍ରିୟମ୍ବଦା ଉଦାସୀନ ରହୁଥିଲା । ଏହା ଆଉ କାହା ଆଖିକୁ ଏଡ଼ାଇ ଯାଇଥିଲେ ବି ସବିତାର ଆଖିରୁ ଲୁଚି ନାହିଁ । ପଚାରିବି ପଚାରିବି ବୋଲି କେତେ ଥର ଭାବିଛି, କିନ୍ତୁ ସମୟ ପାଇନାହିଁ । ଏତେ ଶୀଘ୍ର ସେ ଆତ୍ମହତ୍ୟା କରି ବସିବ ବୋଲି ସବିତା ଭାବି ପାରିନାହିଁ । କିଶୋର ପ୍ରତି ସମ୍ପ୍ରତି ତା'ର ମୋହ ଆସିଯାଇଥିଲା । ସେ ତାକୁ ବିବାହ କରିବ ବୋଲି ସାଙ୍ଗମାନଙ୍କୁ କହୁଥିଲା । ଏସବୁ ଜାଣିଥିବା ସବିତା ପାଇଁ ଚିଠିର ବିଷୟବସ୍ତୁ ପୂର୍ବାପର ସମ୍ପର୍କ ନ ଥାଇ ମଧ୍ୟ ବୁଝି ପଡ଼ୁଥିଲା ।

"କେବଳ ତୋ ପାଇଁ ନୁହେଁ, ସାରା ଦୁନିଆ ପାଇଁ ଏହା ମୋର ଶେଷ ଚିଠି ।"

ସବିତା ଚିଠି ପଢ଼ା ଆରମ୍ଭ କଲା । ଅଞ୍ଜନା ଡ୍ରାଇଭରକୁ ଲକ୍ଷ୍ୟ କରି କହିଲା, ଟିକେ ଜୋରରେ ଚଲା ରେ । ସବିତା ଆଡ଼କୁ ଚାହିଁ କହିଲା,

ବୁଝିଲ୍, ସବୁତା, ସେମାନେ ତା'ର ଷ୍ଟୋମାକ୍ ୱାସ୍ କରାଇବେ କହୁ-ଥିଲେ । କ'ଣ ବିଷ ଖାଇଛୁ, ସେ ଜାଣେ । ବାକି ପରୀକ୍ଷାରୁ ଜାଣି ହୋଇ-ଯିବ । ବିଗୃହୀ ବଞ୍ଚିଯାଆନ୍ତା କି ?

ଅଞ୍ଜନା ପ୍ରିୟମ୍ବଦାକୁ ଭଲପାଏ ବୋଲି କହିଲେ ଠିକ୍ ବୁଝେଇବ ନାହିଁ । ସେ ତାକୁ ପସନ୍ଦ କରେ, ତା'ର ମେରିଟ୍‌କୁ ସମ୍ମାନ କରେ ।

ଆଇ. ଏସ୍. ସି.ରେ ପ୍ରଥମ ହୋଇ ସେ ମେଡ଼ିକାଲ ପଢ଼ା ବାଛି ନେଇଥିଲା । ଦାଦାଙ୍କ ପୁଅ ନରେନ୍ଦ୍ର ଭାଇ ଗାଁର ପ୍ରଥମ ମାଟ୍ରିକୁଲେଟ୍ । ସେ ବାପାଙ୍କୁ ବୁଝାଇଲେ, ଅଞ୍ଜନା ମେଡ଼ିକାଲ ପଢୁ । ଦେଶସେବା କରିବ । ଘରର ସୁଖ ଦୁଃଖ ଦେଖି ପାରିବ । ରୋଗ ବଇରାଗ କେତେ ଦେଖୁନା ?

କିନ୍ତୁ ପଇସା ? ଅଞ୍ଜନାର ବାପାଙ୍କର ଏହି ପ୍ରଶ୍ନର ସମାଧାନ ଖୁବ୍ ସହଜରେ ସେ କରିଦେଇଥିଲେ ।

ସେ ସ୍କଲାରସିପ୍ ପାଇବ ନାହିଁକି ? ଯଦି କିଛି ନଅଣ୍ଟ ପଡ଼େ ମୁଁ ଦେବି । ନରେନ୍ଦ୍ର ଭାଇଙ୍କ କଥାରେ ଅଞ୍ଜନାର ବିଶ୍ୱାସ ଥିଲା । ନରେନ୍ଦ୍ର ଭାଇ ତାକୁ ବେଶ୍ ସ୍ନେହ କରନ୍ତି । ଛୁଆଟି ବେଳୁ ସେ ତାଙ୍କ ଉତ୍ସାହ ପାଇ ଆସିଛି । ନିମ୍ନପ୍ରାଥମିକ, ଉଚ୍ଚପ୍ରାଥମିକ, ମାଇନର୍ ବୃତ୍ତିପରୀକ୍ଷାର ଫଳ ବାହାରିଲେ, ସେ ପ୍ରଥମେ ଆସି ଖବର ଦିଅନ୍ତି । ଏତେ ଜୋରରେ ଉପରକୁ ଟେକି ନଅନ୍ତି ଯେ ହାତର ଚେଣା ଦରିଟା ବଥା କରିଯାଏ । କିନ୍ତୁ ଅଞ୍ଜନା ସେଥିପ୍ରତି ନଜର ରଖେ ନାହିଁ । ନରେନ୍ଦ୍ର ଭାଇ ତାକୁ ଜାକିଜୁକି ଧରି ଯେଉଁ ଗେହ୍ଲା କରନ୍ତି ନା ସେଥିରେ ସେ ଭୁଲିଯାଏ । ମାଟ୍ରିକ ପରୀକ୍ଷାରେ ଓଡ଼ିଶାରେ ଦ୍ୱିତୀୟ ହୋଇଥିବାର ଖବର ପ୍ରଥମେ ନରେନ୍ଦ୍ର ଭାଇ ଦେଇଥିଲେ । କିନ୍ତୁ ଅଞ୍ଜନା ତାଙ୍କୁ ଦେଖି ଲୁଚି ରହିଲା । ତାକୁ ଭାରି ଲାଜ ଲାଗିଥିଲା, କାଳେ ନରେନ୍ଦ୍ର ଭାଇ ତାକୁ ସମସ୍ତଙ୍କ ଆଗରେ ଛୋଟ ଝିଅଟିଏ ଭଳି ଗେହ୍ଲା କରିବା ଆରମ୍ଭ କରିଦେବେ !

ମେଡ଼ିକାଲ କଲେଜରେ ମାତ୍ର ଅଢ଼େଇ ବର୍ଷ ବିତିଛି କି ନାହିଁ ନରେନ୍ଦ୍ର ଭାଇ ସବୁଦିନ ପାଇଁ ଏ ଦୁନିଆ ଛାଡ଼ି ଚାଲି ଯାଆନ୍ତି । ଅଞ୍ଜନା

ନିଜକୁ ନିଃସହାୟ ମନେ କରେ । ଘରୁ ପଇସାଟିଏ ବି ଆସେ ନାହିଁ । ସ୍କଲାରସିପ୍ ଟଙ୍କା ମେଡ଼ିକାଲ ହଷ୍ଟେଲରେ ଚଳିବା ପାଇଁ ଯଥେଷ୍ଟ ହୁଏ ନାହିଁ । ଦିନକୁ ଦିନ ଚିନ୍ତା ବଢ଼େ ।

ବାପା କହନ୍ତି ବିଭାଘର ବନ୍ଦୋବସ୍ତ କରିବେ, ସେ ପଢ଼ା ଛାଡ଼ି ଦେଉ ।

ମାଆ କହନ୍ତି, ଯେତେ ପଢ଼ିଲେ ବି ଚୂଲିକଣକୁ । ଝିଅ ପାଠ ପଢ଼ି କାହାଁକି ଅଭିଆଡ଼ା ରହିଯିବ ? ସେ ଗାଁକୁ ପଳାଇ ଆସୁ ।

ଏହି ସବୁ କଥା ଅଞ୍ଜନା ତା'ର ସାଥୀମାନଙ୍କୁ କହେ । ସମସ୍ତେ ସହାନୁଭୂତି ଦେଖାନ୍ତି । ଆଶ୍ୱାସବାଣୀ ଶୁଣାନ୍ତି । ଏତେ କଷ୍ଟକରି ଥାର୍ଡ଼-ଇଅର ପାସ୍ ହେବାକୁ ବସିଛୁ, ପଢ଼ା ଛାଡ଼ିଦେବୁ ? ଛି ! ଏ'ଟା କ'ଣ ଶୋଭା ପାଇବ ? ସେଦିନ ସବିତା ଏକାକୀ ପାଇ ଅଞ୍ଜନାକୁ ବୁଝାଇ-ଥିଲା ।

ସବିତା ଅଞ୍ଜନାକୁ ଆଡ଼୍‌ମିସନ ଦିନଠୁଁ ଚିହ୍ନିଛି । ମଫସଲର ଝିଅ ଏତେ ବଡ଼ ପୋଜିସନ୍ ରଖିପାରିଛି, ସେଥିପାଇଁ ଅଞ୍ଜନା ପ୍ରତି ତା'ର ଶ୍ରଦ୍ଧା ଓ ଭକ୍ତି ଖୁବ୍ ବେଶୀ । ପ୍ରଥମ ବାର୍ଷିକ ପରୀକ୍ଷାରେ ସେ ଅଞ୍ଜନାର ନୋଟ୍ ନ ପାଇଥିଲେ ଉଠି ପାରି ନ ଥା'ନ୍ତା । ତେଣୁ ସେ ଅଞ୍ଜନାର ଗୋଡ଼ାଣିଆ ହୋଇ ପଡ଼ିଥିଲା । ଡେ-ସ୍କଲାର ହିସାବରେ ଅଞ୍ଜନା ସହିତ ତା'ର ଦେଖା କେବଳ କଲେଜରେ । ଅଞ୍ଜନା ତାକୁ ନୋଟ୍ ଦେବା ଛଡ଼ା ବେଶୀ କିଛି ପ୍ରଶ୍ରୟ ଦେଉ ନ ଥିଲା । ତା'ର ପାରିପାର୍ଶ୍ୱିକ ଅବସ୍ଥା ସମ୍ପର୍କରେ କିଛି ଜାଣି ନ ଥିଲା । କିନ୍ତୁ ସେଦିନ ପ୍ରିୟମ୍ବଦାର ଦୁଃଖରେ ସେ ଖୁବ୍ ସହାନୁଭୂତି ଦେଖାଇ କଥା କହୁଁ କହୁଁ ହଷ୍ଟେଲକୁ ଯାଇଥିଲା । ବହୁତ ସମୟ ଧରି ପ୍ରିୟମ୍ବଦାକୁ ତା' ରୁମ୍‌ରେ ବୁଝାଇ-ଥିଲା ।

ସବିତା ବାପା ମା'ଙ୍କର ଗୋଟିଏ ସନ୍ତାନ । ପୁଅ ନାହିଁ ବୋଲି ବାପା ମା'ଙ୍କ ଚିନ୍ତା ନାହିଁ । ସବିତା ଯେତେ ଯେପରି ସେମାନଙ୍କ ପୁଅ ।

ବାପା ମା' ତାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥା'ନ୍ତି । ସେ କୁଆଡ଼େ ଯାଏ, କେତେବେଳେ ଘରକୁ ଆସେ, ଏ ବିଷୟରେ ସେମାନେ ଚିନ୍ତା କରନ୍ତି ନାହିଁ । ଖୁବ୍ ବଡ଼ ବଡ଼ ଘରର ପିଲମାନେ ତା'ର ସାଙ୍ଗ । ଘରେ ପଇସା ଅଭାବ ପଡ଼ିଲେ ସେ ଯୋଗାଏ । କଲେଜ ପଢ଼ିଲା ଦିନୁ ବାପା ମା'ଙ୍କ ଅଭାବ ନାହିଁ କହିଲେ ଚଳେ । ବାପା କି ମା' କିଛି ଗୋଟାଏ ଚାହିଁଲେ ତା'ର ସାଙ୍ଗମାନଙ୍କ ଭିତରୁ କେହି ନା କେହି ତୁରନ୍ତ ଆଣି-ଦିଏ । ତା' ଘରେ ସାଙ୍ଗମାନଙ୍କ ଅବାଧ ପ୍ରବେଶ । ସମୟ କାଳ ପାଇ ପ୍ରତି ନଜର ନ ଥାଏ । ବାପା ମା' ତ ଏଆଡ଼େ ନଜର ଦେଉ ନାହାନ୍ତି, ଝିଅ କାହିଁକି ଦିଅନ୍ତା ?

ସବିତା କହେ, ଜୀବନଟା କ୍ଷଣକାଳ ପାଇଁ । ଯେପର୍ଯ୍ୟନ୍ତ ବଞ୍ଚିଛ ଉପଭୋଗ କରିଯାଅ । ଦିନେ ନା ଦିନେ ତ ମରିବ, ଆଜି ଖୁସି ନ କରିବ କାହିଁକି ?

ସବିତା ପଢ଼ୁଥିବା ଚିଠିର ଯେଉଁ ଧାଡ଼ିରେ ଲେଖାଥିଲା, "ତୁ ଯେଉଁଦିନ ମୋତେ ସେ ଆଇଡ଼ିଆ ଦେଲୁ, ସେହିଦିନ ମୋ ଆତ୍ମାର ହତ୍ୟାକଲୁ ।" ସେହି ଧାଡ଼ି ଉପରେ ଅଞ୍ଜନା ଅଙ୍ଗୁଳି ଲଗାଇ କହିଲା, ଏମିତି କ'ଣ ଲେଖିଛୁ ?

କଥାଟା ସିଧାସଳଖ ଉତ୍ତର ଦେବା ସବିତାର ଲକ୍ଷଣ ନୁହେଁ । ଦେଖ୍ ମୁଁ କ'ଣ କରିଥାନ୍ତି ? ଫାଷ୍ଟ ଡିଭିଜନ ପିଲଟା । ବାପା ପଇସା ଆଉ ଦେଇ ପାରିବେ ନି । କହିଲେ ପାଠ ଛାଡ଼ି ଦେ ।

ବଡ଼ ହେବ । ଡାକ୍ତର ହେବ । ମନଲାଖି ସାଥୀ ଖୋଜି ପାରିବ । ପାଠ ଛାଡ଼ିଦେବା ମାନେ ବାପ ମା'ଙ୍କ ମନଲାଖି ଅର୍ଥାତ୍ ଗାଉଁଲି ବରଟାଏ ମିଳିବ । ଜୀବନ ଯାକ ଦୁଃଖ, ଅନଟନ । ଏ କଥା ସେ ନିଜେ କହିଲା । ମୁଁ ଯେଉଁ ଉପାୟ ବତାଇଲି, ସେ ତ ବହୁତ ଭାବି ଚିନ୍ତି ହିଁ କଲି ।

ଗାଡ଼ି ଚାଲିଥାଏ । ସବିତା କହିଚାଲିଥାଏ ।

ପ୍ରିୟମ୍ବଦା କ'ଣ ଏତେ ଶୀଘ୍ର ବଡ଼ ହେଲା କି ? ଦୁଇ ତିନି ମାସ ସମୟ ନେଇଛି । ଇଣ୍ଡିଆନ ହୋଟେଲ ଯାଇ ନିଜେ ଦେଖିଛି । କେତେ ଝିଅ ଅଜଣା ପୁଅଙ୍କ ସାଙ୍ଗରେ ଗପସପ କରୁଛନ୍ତି । କେବଳ ଗରିବ ନୁହେଁ, ବଡ଼ଲୋକ ଘରର ଝିଅମାନେ ମଧ୍ୟ ଏମିତି ମଉଜ କରୁଛନ୍ତି । ଲାଜ ସରମ କ'ଣ କେବଳ ପ୍ରିୟମ୍ବଦାର ଅଛି, ଆଉ କାହାରି ନାହିଁ ?

ପ୍ରିୟମ୍ବଦା ବୁଝିଲା, ଯେ ପର୍ଯ୍ୟନ୍ତ ବାହାରେ କେହି ଜାଣି ନାହାନ୍ତି, ସେ ପର୍ଯ୍ୟନ୍ତ ଦୋଷ ନାହିଁ । ଏଥିରେ ସମସ୍ତେ ସାହାଯ୍ୟ କରିବେ । ହୋଟେଲ ମାଲିକ ତା' ବ୍ୟବସାୟ ପାଇଁ କଥା ଲୁଚାଇ ରଖିବ । ନିଜେ ତ ଡାକ୍ତରୀ ଛାତ୍ରୀ, ପିଲ୍ ଫିଲ୍‌ର କୋଉ ଅଭାବ ଅଛି ? ଫଳ ନ ଥିବ କି ଲୋକଙ୍କ ସନ୍ଦେହ ନ ଥିବ ! ସଞ୍ଜରେ ବୁଲି ଯାଇଛୁ ନା ଯାଇଛୁ, ଭିତର କଥା ଜାଣୁଛି କିଏ ? ଅଭାବ ଅନଟନ ବରଂ ସମସ୍ତେ ଜାଣିବେ ।

ସବିତାର ଅନର୍ଗଳ ଭାଷଣ ଭିତରେ ଅଞ୍ଜନା ବାଧା ଦେଇ କହିଲା, ତୁ ଜାଣିନୁ, ପ୍ରିୟମ୍ବଦାଟା କେତେ ଖାମଖିଆଲି ! ଯା ବୁଝିଥିବ, ସେଇଆ ।

ମୁଁ ତ ମୂଳରୁ ଲକ୍ଷ୍ୟ କରିଛି । ସବିତା କହିଲା । ପ୍ରଥମ ଦିନ ଇଣ୍ଡିଆନ ହୋଟେଲରୁ ଫେରି ସେ ଦିନେ ଦୁଇଦିନ ଲୁଚି ରହିଲା । ମୋତେ ବି କଥା ହେଲା ନାହିଁ । କେତେ ଦିନ ଏମିତି ରହିବ ? ପାଁ । ଶହ ଯୋଗାଡ଼ ଏକା ରାତିକେ, ଏ ଲୋଭ କିଏ ଛାଡ଼ିବ ?

ଆଁ, ଏତେ ଟଙ୍କା ? ଅଞ୍ଜନା ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ମୁଁ ତା'ର ମନ ଲଗାଇବାକୁ ଏହାର ବନ୍ଦୋବସ୍ତ କରିଥିଲି । ଟୋକାଟା ଖୁବ୍ ବଡ଼ ଲୋକ ପିଲା । ମିଜାଜ ବାଲା । ପରେ କମାଇଦେଲା ନାହିଁକି ?

ତା' ହେଲେ ଏ ଚଳିଲା କମିତି ?

ଧେତ୍ ଓ୍ୱଲେଇଟା ! ପ୍ରଥମେ ମାସକୁ ଥରେ ଯାଉଥିଲି । ଟଙ୍କା କମିଗଲା ତ ଦୁଇଥର ତିନିଥର ବି ଗଲି ।

ସବିତା ପୁଣି ଚିଠି ପଢ଼ିଲା ।

ଯେତେବେଳେ ମୁଁ ବାହାହେବା ପ୍ରସ୍ତାବ ଦିଏ ସେ ହଁ କରେ । ଦୋଲବେଳକୁ ବାହା ହୋଇଯିବା । ପୂଜାବେଳକୁ ନିଶ୍ଚୟ ବାହାହେବା । ଏମିତି ଖାଲି ଦିନ ଗଡ଼ାଇଲା । ଏଥର ମୁଁ କହିଲି, କାଲି ଏହାର ଫଇସଲା କର । ପୁଣି କହିଲା, ତିନିଦିନ ପରେ ଦିନବାର ହେବ । ମୁଁ ଜିଦ୍ ଧରିଲି । ମୋତେ ଛୁଇଁବାକୁ ଆସିଲେ ମୁଁ ଆଡ଼େଇ ଗଲି । ଜବରଦସ୍ତ କଲାରୁ ମୁଁ ରେକଠୋକ୍ ନାଁ କରିଦେଲି । ଠାଏଁ କରି ଗୁପୁଡ଼ାଏ ବସାଇଲା । କହିଲା, ମୁଁ ହକନାକ ପଇସା ଦେଉଛି । ମାଗଣା ଆସୁଛି କି ? ସେଦିନ ଜାଣିଲି ସେ ମୋତେ ଘୃଣା ନଜରରେ ଦେଖୁଛି ।

ପଢ଼ୁ ପଢ଼ୁ ସବିତା ହସିଦେଲା । ମନେ ମନେ କହିଲା, ସେ ଆଉ କ'ଣ ଭାବିଥା'ନ୍ତା କି ?

ଅଞ୍ଜନାକୁ କହିଲା, ଟୋକାଟା କିମିତି ସ୍ତ୍ରୀ'ମନ ଜିଣିନେଲା କେଜାଣି ? ମୋତେ ନ ଜଣାଇ ସେ ନିଜ ଗୋଡ଼ରେ ଠିଆ ହେବା ଚେଷ୍ଟା କରୁଛି । ମାସକୁ ମାସ ଧରାବନ୍ଧା ତିନିଶହ । ପୁଣି ହୋଟେଲରେ ଗୋଟିଏ ରୁମ୍ ରିଜର୍ଭ ରହୁଛି ।

କାର୍ ହସ୍ପିଟାଲ ଫିମେଲଓ୍ୱାର୍ଡ଼ ଗେଟ୍‌ରେ ପହଞ୍ଚିଲା । ତର-ତର ହୋଇ ଦୁହେଁ ଷ୍ଟୁଡ଼େଣ୍ଟସ୍ କାବିନ୍ ଆଡ଼େ ଚାଲିଲେ । ଖୁବ୍ ଭିଡ଼ ।

ସମସ୍ତେ ପାଟିକରି ଉଠିଲେ, ବିଷ ଖାଇବା ପୂର୍ବରୁ ଏହି ଝିଅଟିକୁ ସେ ଚିଠି ଲେଖିଛି ।


ଅଞ୍ଜନା କହିଲା, ସବିତା ତୁ ତ ଚିଠିଟା ପୁରା ପଢ଼ିପାରି ନାହୁଁ । ଖାଲି ଗପରେ, ଆନାଲିସିସ୍ କରିବାରେ ସମୟ କଟିଗଲା ।

ସବିତାଠାରୁ ଚିଠିଟା ଛଡ଼ାଇ ଆଣି ଅଞ୍ଜନା ଶେଷ ଦୁଇଧାଡ଼ି ପଢ଼ିଲା ।

ସେଦିନ ତୁ ମୋର ଆତ୍ମାର ହତ୍ୟା କରାଇବାକୁ ପ୍ରବର୍ତ୍ତାଇ ସଫଳ ହୋଇଥିଲୁ । ଆଜି ମୁଁ ଶରୀରର ହତ୍ୟା କରିବା ଚେଷ୍ଟା କରୁଛି; ସଫଳ ହୋଇଛି କି ନାହିଁ ତୁ ଦେଖିବୁ ।

ଅଞ୍ଜନା ଗହଳରେ ଠେଲି ହୋଇ ବେଡ୍ ପାଖକୁ ଗଲା । ଦେଖିଲା, ପ୍ରିୟମ୍ବଦାର ମୁହଁ ଉପରେ ଧଳା ଚାଦରଟାଏ ଘୋଡ଼ାଇ ଦିଆହୋଇଛି ।

□ □



ଜନ୍ମ ୯ ଅପ୍ରେଲ ୧୯୪୧ ।

ଗ୍ରାମ ରେକାବ ବଜାର । ଡାକଘର କବୀରପୁର ୭୫୫୦୦୯ । ଜିଲ୍ଲା କଟକ । ଭାରତୀୟ ପ୍ରଶାସନ ସେବାରେ ଗୃକଶ୍ଚ । ସମ୍ପ୍ରତି ଉତ୍ତରାଞ୍ଚଳ ରେଭେନ୍ୟୁ ଡିଭିଜନାଲ୍ କମିସନର ରୂପେ ସମ୍ବଲପୁରରେ ଅବସ୍ଥାପିତ । ତାଙ୍କର ପ୍ରବନ୍ଧ, କବିତା ଓ ଗଳ୍ପ ଆଦି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ବେତାର ଏବଂ ଦୂରଦର୍ଶନରେ ମଧ୍ୟ ପ୍ରସାରିତ । ଶିଶୁ ଓ କିଶୋର ସାହିତ୍ୟ ରଚନାରେ ଜଣାଶୁଣା ।

ସମ୍ପାଦନା କରନ୍ତି ଦୁଇଟି ପତ୍ରିକାର—
"ସାଧାରଣଜ୍ଞାନ" ଦ୍ୱିମାସିକୀ, ଓଡ଼ିଶା ବୁକ୍ ଷ୍ଟୋର ଦ୍ୱାରା ପ୍ରକାଶିତ ।
Stamps & Stamps ତ୍ରୈମାସିକୀ—ଡାକଟିକଟ ସଂଗ୍ରହ ସମ୍ବନ୍ଧୀୟ ।

ପ୍ରକାଶନ ମଧ୍ୟରେ—

| | |
|---|---|
| ସମସ୍ୟା ଆଜି ଓ କାଲିର | (ପ୍ରବନ୍ଧ ସଂକଳନ) |
| ଏ ଦିଗ ସେ ଦିଗ | (ଗଳ୍ପ ସଂକଳନ) |
| ସରଗ ସ୍ୱପ୍ନ | (ପିଲାଙ୍କ ଗଳ୍ପ ସଂକଳନ) |
| ଦର୍ପଣ | (କବିତା ସଂକଳନ) |

ଡାକଟିକଟର ମଜା
Stamp Collecting the Simple way.